ଆଜି - ବୁଧବାର
ତାରିଖ - ୧୮ ମାର୍ଚ୍ଚ ୨୦୨୬
ମାସ - ମୀନ, ଦିନ - ୦୪
ତିଥି - ଚତୁର୍ଦ୍ଦଶୀ, ପକ୍ଷ-କୃଷ୍ଣ
ନକ୍ଷତ୍ର - ଶତଭିଷା, କୁମ୍ଭ, ଚନ୍ଦ୍ର
ସୂର୍ଯ୍ୟୋଦୟ - ୫: ୫୭: ୦୦
ସୂର୍ଯ୍ୟାସ୍ତ - ୫ : ୫୪ : ୦୦

E-mail: ajikalibls@gmail.com

ସତ ଖବର ସମସ୍ତଙ୍କ ଖବର

# ଆଜିକାଲି

Morning Edition AJIKALI ପ୍ରଭାତୀ ସଂସ୍କରଣ

ପ୍ରତିଷ୍ଠାତା - ବିସ୍ମୟ ମହାନ୍ତି


"ମାନବିକତା ଉପରୁ ବିଶ୍ୱାସ ହରାଇବା ଉଚିତ ନୁହେଁ । ମାନବିକତା ହେଉଛି ଏକ ମହାସାଗର । ମହାସାଗରର କେତେ ବିନ୍ଦୁ ଜଳ ଯଦି ମଇଳା ହୁଏ, ତା'ହେଲେ ସମ୍ପୂର୍ଣ୍ଣ ମହାସାଗର ମଇଳା ହୋଇ ଯାଏନି ।"
- ମହାତ୍ମା ଗାନ୍ଧି


E-News : www.theajikali.com

Vol.- 40 ISSUE- 333 R.N.I. REGD. No. 44026/86 ବାଲେଶ୍ୱର ୧୮ ମାର୍ଚ୍ଚ ୨୦୨୬ ବୁଧବାର BALASORE 18 MARCH 2026 WEDNESDAY "REGISTERED" REGISTRATION NO. BALASORE (ORISSA)/003/2023-24 Rupees - 2.00 ମୂଲ୍ୟ – ଟ.୨.୦୦


## ଆସନ୍ତାକାଲି ବୃନ୍ଦାବନ ଗସ୍ତରେ ଯିବେ ରାଷ୍ଟ୍ରପତି

ନୂଆଦିଲ୍ଲୀ : ତିନି ଦିନିଆ କୃଷ୍ଣଙ୍କ ଜନ୍ମସ୍ଥାନ ବୃନ୍ଦାବନ ଗସ୍ତରେ ଯାଉଛନ୍ତି ଭାରତର ରାଷ୍ଟ୍ରପତି ମହାମହିମ ଦ୍ରୌପଦୀ ମୁର୍ମୁ । ମାର୍ଚ୍ଚ ୧୯ ତାରିଖରୁ ଆରମ୍ଭ ହେଉଥିବା ଏହି ଗସ୍ତ ପାଇଁ ପ୍ରଶାସନ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଛି । କିନ୍ତୁ, ଏଥର କେବଳ ମଣିଷ ନୁହେଁ ବରଂ ବୃନ୍ଦାବନର ଦୁଷ୍ଟ ମାଙ୍କଡମାନେ ମଧ ଏକ ବଡ଼ ଚ୍ୟାଲେଞ୍ଜ ଭାବରେ ଉଭା ହୋଇଛନ୍ତି । ପରିସ୍ଥିତି ଏପରି ହୋଇଛି ଯେ ଅଧିକାରୀମାନେ ଚିନ୍ତିତ ଯେ କୌଣସି ମାଙ୍କଡ଼ ରାଷ୍ଟ୍ରପତିଙ୍କ ଚଷମା କିୟା ଜିନିଷପତ୍ର ଛଡ଼ାଇ ନେଇ ନଯାଉ । ବୃନ୍ଦାବନରେ ମାଙ୍କଡ଼ଙ୍କ ଆତଙ୍କ ସମସ୍ତେ ଜାଣନ୍ତି । ଏଠାକାର ମାଙ୍କଡ଼ମାନେ ଭକ୍ତଙ୍କଠାରୁ ଚଷମା, ମୋବାଇଲ୍ ଫୋନ୍ ଏବଂ ପର୍ସ ଛଡ଼ାଇ ନେବାରେ ପାରଙ୍ଗମ । ରାଷ୍ଟ୍ରପତିଙ୍କ ସମ୍ମାନ ଏବଂ ସୁରକ୍ଷାକୁ ରକ୍ଷା କରିବା ପାଇଁ, ବନ ବିଭାଗ ୩୦ ଜଣିଆ ସ୍ୱତନ୍ତ୍ର କର୍ମଚାରୀଙ୍କ ଏକ ଟିମ ନିୟୋଜିତ କରିଛି । ଏହି କର୍ମଚାରୀମାନେ ବନ୍ଧୁକ ବହନ କରିବେ ନାହିଁ, ବରଂ ପାରମ୍ପରିକ ସ୍ଲିଂସଟ୍ ଏବଂ ଆଧୁନିକ ଲେଜର



ବନ୍ଧୁକ ଧରିବେ, ଯାହା ରାଷ୍ଟ୍ରପତିଙ୍କ ମାର୍ଗରୁ ମାଙ୍କଡ଼ମାନଙ୍କୁ ଭୟଭୀତ କରିବା ପାଇଁ ଡିଜାଇନ୍ କରାଯାଇଛି । ୧୦ ଜଣ କର୍ମଚାରୀଙ୍କୁ ମାଙ୍କଡ଼ଙ୍କ ଅଧିକ ଘନତା ଥିବା ସ୍ଥାନଗୁଡ଼ିକରେ ନିୟୋଜିତ କରାଯିବ, ଯେତେବେଳେ ଅନ୍ୟ ସ୍ଥାନରେ ପାଂଚ ଜଣ କର୍ମଚାରୀଙ୍କୁ ନିୟୋଜିତ କରାଯାଇଛି । ପ୍ରଶାସନ ମାଙ୍କଡ଼ମାନଙ୍କୁ ମାନସିକ ଭାବରେ ନିବୃତ କରିବା ପାଇଁ ଲଙ୍ଗୁରଙ୍କ ପ୍ରତିଛବି ବ୍ୟବହାର କରୁଛି । ରାଷ୍ଟ୍ରପତିଙ୍କ ମାର୍ଗରେ ବିଭିନ୍ନ ସ୍ଥାନରେ ପୂର୍ଣ୍ଣ ଆକାରର ବିଲବୋର୍ଡ ଏବଂ ଲଙ୍ଗୁରଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରାଯାଉଛି । ଏହା ବିଶ୍ୱାସ କରାଯାଏ ଯେ ଲଙ୍ଗୁରଙ୍କ ଦର୍ଶନ ମାଙ୍କଡ଼ମାନଙ୍କୁ ଅଂଚଳରୁ ନିବୃତ କରିବ । ସୁରକ୍ଷାରେ କୌଣସି ତ୍ରୁଟି ନହେବା ପାଇଁ ପ୍ରଶାସନ ନିରନ୍ତର ମାର୍ଗ ଉପରେ ନଜର ରଖିଛି । ତେବେ ୧୯ ମାର୍ଚ୍ଚରେ ରାଷ୍ଟ୍ରପତି ବୃନ୍ଦାବନର ବିଶ୍ୱ ପ୍ରସିଦ୍ଧ ପ୍ରେମ ମନ୍ଦିର ଏବଂ ଇସ୍କନ ମନ୍ଦିର ପରିଦର୍ଶନ କରିବେ । ସେ ପ୍ରସିଦ୍ଧ ସନ୍ଥ ପ୍ରେମାନନ୍ଦ ମହାରାଜଙ୍କ ସହିତ ମଧ ସାକ୍ଷାତ କରିବେ । ରାମକୃଷ୍ଣ ମିଶନ ସେବା ଆଶ୍ରମରେ କର୍କଟ ହସ୍ପିଟାଲର ଉଦଘାଟନ କରିବେ ଏବଂ ଉଡ଼ିଆ ବାବା ଏବଂ ନିମ କାରୋଲି ଆଶ୍ରମରେ କାର୍ଯ୍ୟକ୍ରମରେ ଯୋଗଦେବେ । ୨୧ ମାର୍ଚ୍ଚରେ, ମହାମହିମ ୨୧ କିଲୋମିଟର ଗୋବର୍ଦ୍ଧନ ପରିକ୍ରମା କରିବେ, ଯାହା ତାଙ୍କ ଗସ୍ତର ଏକ ଆକର୍ଷଣୀୟ ବିଷୟ । ବୃନ୍ଦାବନର ରାସ୍ତାଠାରୁ ଗୋବର୍ଦ୍ଧନ ପାଦଦେଶ ପର୍ଯ୍ୟନ୍ତ, ସୁରକ୍ଷା ଏଜେନ୍ସି ଏବଂ ବନ ବିଭାଗ ସଜାଗ ଅଛନ୍ତି । ପ୍ରଶାସନର ଏହି 'ବାନର ବିରୋଧୀ' ରଣନୀତି କେତେ ପ୍ରଭାବଶାଳୀ ହେବ ତାହା ଦେଖିବାକୁ ବାକି ରହିଲା ।

## ଡାକ୍ତର ଦେବେନ୍ଦ୍ର ପ୍ରଧାନଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ସ୍ମୃତିସଭା ଅନୁଷ୍ଠିତ

### ଆକ୍ରମଣାତ୍ମକ ରାଜନୀତି ନୁହେଁ, ଜନହିତକର କାର୍ଯ୍ୟ ପାଇଁ ପରିଚିତ ଥିଲେ : ପ୍ରତିରକ୍ଷାମନ୍ତ୍ରୀ

ଭୁବନେଶ୍ୱର : ଡାକ୍ତର ଦେବେନ୍ଦ୍ର ପ୍ରଧାନ ଓଡ଼ିଶା ବିଜେପିର ଭୀଷ୍ମ ପିତାମହ ଥିଲେ । ସେ କେବଳ ଜଣେ ରାଜନେତା ନଥିଲେ, ବରଂ ଜଣେ ସ୍ୱଷ୍ଟବାଦୀ, ସରଳ ଓ ନିରାଡ଼ମ୍ବର ବ୍ୟକ୍ତିତ୍ୱ ଥିଲେ । ଯାହା କହୁଥିଲେ, କରୁଥିଲେ, ମିଛ ପ୍ରତିଶ୍ରୁତି ଦେଉନଥିଲେ । ସମସ୍ତ କାର୍ଯ୍ୟକର୍ତାଙ୍କୁ ସାଙ୍ଗରେ ନେଇ ଚାଲୁଥିବାର ବିରଳ ମଣିଷ ଥିଲେ ବୋଲି କହିଛନ୍ତି କେନ୍ଦ୍ର ପ୍ରତିରକ୍ଷା ମନ୍ତ୍ରୀ ଶ୍ରୀ ରାଜନାଥ ସିଂହ । ମଙ୍ଗଳବାର ପୂର୍ବତନ କେନ୍ଦ୍ରମନ୍ତ୍ରୀ ସ୍ୱର୍ଗତ ଡାକ୍ତର ଦେବେନ୍ଦ୍ର ପ୍ରଧାନଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ଅବସରରେ ଭୁବନେଶ୍ୱର ସ୍ଥିତ ଓ.ୟୁ.ଏ.ଟି. କ୍ୟାମ୍ପସରେ ଏକ ଭାବପୂର୍ଣ୍ଣ ସ୍ମୃତି ସଭା ଅନୁଷ୍ଠିତ ହୋଇଯାଇଛି । ଏହି ଗରିମାମୟ କାର୍ଯ୍ୟକ୍ରମରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଓଡ଼ିଶାର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ, ଓଡ଼ିଶା ବିଜେପିର ରାଜ୍ୟ ସଭାପତି ଶ୍ରୀ ମନମୋହନ ସାମଲ, ଡାକ୍ତର ଦେବେନ୍ଦ୍ର ପ୍ରଧାନ ସ୍ମୃତି ସମିତିର ସଭାପତି ଶ୍ରୀ ସମୀର ମହାନ୍ତି ଉପସ୍ଥିତ ଥିଲେ । ଉତ୍ସବର ପ୍ରାରମ୍ଭରେ ସ୍ୱର୍ଗତ ପ୍ରଧାନଙ୍କ



### ଡାକ୍ତର ପ୍ରଧାନ ଥିଲେ ସେବା ଓ ତ୍ୟାଗର ମୂର୍ତିମନ୍ତ ପ୍ରତୀକ: ମୁଖ୍ୟମନ୍ତ୍ରୀ

ଜୀବନୀ ଓ ଆଦର୍ଶ ଉପରେ ଆଧାରିତ ସ୍ମୃତି ପୁସ୍ତକ 'ଡାକ୍ତର ବାବୁ'ର ଓଡ଼ିଆ ଏବଂ ହିନ୍ଦୀ ସଂସ୍କରଣ ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା । ଏହା ସହିତ ତାଙ୍କ ଜୀବନଯାତ୍ରାକୁ ନେଇ ପ୍ରସ୍ତୁତ ଏକ କ୍ଷୁଦ୍ର ଚଳଚ୍ଚିତ୍ର ପ୍ରଦର୍ଶିତ ହୋଇ ସ୍ମୃତିଚାରଣ କରାଯାଇଥିଲା । କେନ୍ଦ୍ର ପ୍ରତିରକ୍ଷା ମନ୍ତ୍ରୀ ଶ୍ରୀ ସିଂହ ଡାକ୍ତର ବାବୁଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇବା ସହ ଜଣେ 'ବିରଳ ବ୍ୟକ୍ତିତ୍ୱ' ଭାବେ ବର୍ଣ୍ଣନା କରି କହିଥିଲେ, ସେ ଆକ୍ରମଣାତ୍ମକ ନୁହେଁ, ବରଂ ଜନହିତକର ରାଜନୀତି ପାଇଁ ପରିଚିତ ଥିଲେ । ସରଳ ଓ ନିରାଡ଼ମ୍ବର ଜୀବନ ଜିଉଁଥିବା ଏହି ନେତା ଯାହା କହୁଥିଲେ, ତାହା କରି ଦେଖାଉଥିଲେ । କହିବା ଏବଂ କରିବା ଏହି ଦୁଇଟି କାର୍ଯ୍ୟ ମଧରେ ସମ୍ପୂର୍ଣ୍ଣ ସମନ୍ୱୟ ରଖୁଥିବା ମଣିଷ ଥିଲେ ଡାକ୍ତର ପ୍ରଧାନ । ଓଡ଼ିଶାର ଶିକ୍ଷା, ସ୍ୱାସ୍ଥ୍ୟ, ଶିଳ୍ପ, ଶକ୍ତି ଏବଂ ରୋଜଗାର କ୍ଷେତ୍ରରେ ତାଙ୍କର ଅବଦାନ ଅତୁଳନୀୟ । ୩୦ ବର୍ଷ ପୂର୍ବେ ରାମ ମନ୍ଦିର ନିର୍ମାଣ ପାଇଁ 'ଇଟା ସଂଗ୍ରହ ଅଭିଯାନ'ରେ ତାଙ୍କର ଭୂମିକା ଏବଂ ସଂସଦରେ ଓଡ଼ିଆ ଭାଷାରେ ଶପଥ ଗ୍ରହଣ ତାଙ୍କର ଆଂଚଳିକ ପ୍ରୀତିର ପରିଚୟ ଦିଏ । ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ସ୍ୱର୍ଗତ ଦେବେନ୍ଦ୍ର ପ୍ରଧାନଙ୍କୁ ସେବା, ତ୍ୟାଗ ଓ ନିଷ୍ଠାର ପ୍ରତୀକ ଭାବେ ଅଭିହିତ କରିଥିଲେ । ରାଜ୍ୟରେ ରାଜପଥର ସମ୍ପ୍ରସାରଣ ୧୬୦୦ କିମିରୁ ୩୨୦୦ କିମି ଏବଂ କୃଷି ବିଜ୍ଞାନ କେନ୍ଦ୍ର ପ୍ରତିଷ୍ଠା ତାଙ୍କର ଅନନ୍ୟ କୃତି ବୋଲି ସେ ପ୍ରକାଶ କରିଥିଲେ ।

## ଅଳ୍ପରେ ଖବର

- ପୂର୍ବତନ କେନ୍ଦ୍ରମନ୍ତ୍ରୀ ଡାକ୍ତର ଦେବେନ୍ଦ୍ର ପ୍ରଧାନଙ୍କୁ ଶ୍ରଦ୍ଧାଂଜଳି ଜ୍ଞାପନ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ଏନେଇ ସୋସିଆଲ ମିଡିଆ ଏକ୍ସରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ଜନପ୍ରିୟ ନେତା ଡାକ୍ତର ଦେବେନ୍ଦ୍ର ପ୍ରଧାନଙ୍କ ପୁଣ୍ୟତିଥି ଅବସରରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ।
- ନବନିର୍ବାଚିତ ରାଜ୍ୟସଭା ସାଂସଦ ଦିଲୀପ ରାୟ ମଙ୍ଗଳବାର ଦିନ ପୁରୀସ୍ଥିତ ଶ୍ରୀ ଜଗନ୍ନାଥ ମନ୍ଦିରରେ ପହଂଚି ମହାପ୍ରଭୁ ଜଗନ୍ନାଥଙ୍କ ଦର୍ଶନ କରିଥିଲେ ଏବଂ ନିଜ ବିଜୟ ପରେ ଆଶୀର୍ବାଦ ନେଇଥିଲେ ।
- ଭାରତୀୟ ରେଳବାଇର ଜଣେ ବରିଷ୍ଠ ଅଧିକାରୀ ତଥା ଭାରତୀୟ ରେଳବାଇ ବୈଦ୍ୟୁତିକ ଇଞ୍ଜିନିୟରିଂ ସେବାର ସଦସ୍ୟ ଶ୍ରୀ ପି.କେ. ବେହେରାଙ୍କୁ ଖୋର୍ଦ୍ଧା ରୋଡ଼ ରେଳ ମଣ୍ଡଳର ମଣ୍ଡଳ ରେଳ ପ୍ରବନ୍ଧକ ଭାବେ ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଛି ।
- ଜାତୀୟ ରାଜପଥରେ ନିୟମିତ ଯାତ୍ରା କରୁଥିବା ବ୍ୟକ୍ତିଗତ ଗାଡ଼ି ଚାଳକଙ୍କ ପାଇଁ ଏକ ବଡ଼ ଖବର ।

## ତମାଖୁ ସ୍ଥାନରେ ଅର୍ଥକାରୀ ଫସଲକୁ ପ୍ରୋତ୍ସାହିତ କରୁଛନ୍ତି କେନ୍ଦ୍ର ସରକାର : କେନ୍ଦ୍ର କୃଷିମନ୍ତ୍ରୀ

ନୂଆଦିଲ୍ଲୀ : କେନ୍ଦ୍ର କୃଷି ଏବଂ କୃଷକ କଲ୍ୟାଣ, ଏବଂ ଗ୍ରାମୀଣ ବିକାଶ ମନ୍ତ୍ରୀ ଶ୍ରୀ ଶିବରାଜ ସିଂହ ଚୌହାନ ଆଜି କହିଛନ୍ତି ଯେ, ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱାଧୀନ ସରକାର ଚାଷୀଙ୍କ ଆୟ ଏବଂ ସୁରକ୍ଷାକୁ ସର୍ବାଧିକ ପ୍ରାଥମିକତା ଦେଇଛନ୍ତି । ଏଥିପାଇଁ, ତମ୍ବାଖୁ ଭଳି କ୍ଷତିକାରକ ଫସଲ ବଦଳରେ ଅର୍ଥକରୀ ବିକଳ୍ପ ଫସଲକୁ ପ୍ରୋତ୍ସାହିତ କରିବା, ସର୍ବନିମ୍ନ ସହାୟକ ମୂଲ୍ୟ (ଏମଏସପି) ରେ ଐତିହାସିକ କ୍ରୟ ସୁନିଶ୍ଚିତ କରିବା, ଫସଲ ବୀମା ଯୋଜନାରେ ବୈପ୍ଳବିକ ସଂସ୍କାର ଆଣିବା ଏବଂ ଏକ କଠୋର ତଦାରଖ ବ୍ୟବସ୍ଥା ସ୍ଥାପନ କରିବା ଭଳି ଅନେକ ପଦକ୍ଷେପ ନିଆଯାଇଛି । ଲୋକସଭାରେ ସାଂସଦମାନଙ୍କ ଦ୍ୱାରା ଉଠାଯାଇଥିବା ବିଭିନ୍ନ ପ୍ରଶ୍ନର ଉତର ଦେଇ ଶ୍ରୀ ଚୌହାନ କହିଛନ୍ତି ଯେ କେନ୍ଦ୍ର ସରକାର କେବଳ ଚାଷୀମାନଙ୍କୁ ତମ୍ବାଖୁ ଚାଷ ଛାଡିବାକୁ ଅନୁରୋଧ କରିନାହାଁନ୍ତି, ବରଂ ତମ୍ବାଖୁ ଚାଷ ବଦଳରେ ସକ୍ଷମ ଏବଂ ଲାଭଦାୟକ ବିକଳ୍ପ



ଚିହ୍ନଟ କରିଛନ୍ତି । ଏହି ବିକଳ୍ପଗୁଡ଼ିକ ମଧ୍ୟରେ ହାଇବ୍ରିଡ୍ ମକା, ଲଙ୍କା, ମିଠା ଆଳୁ, କପା, ଆଳୁ, ଚିଆ, ଫିଡ୍ ବିନ୍ସ, ଝୁଡ଼ଙ୍ଗ, ମାଣ୍ଡିଆ, ହରଡ଼, ଆଖୁ, ସୋୟାବିନ୍, ଜବାର ଏବଂ ଚିନାବାଦାମ ଅନ୍ତର୍ଭୁକ୍ତ, ଯାହା ଦ୍ୱାରା ଚାଷୀଙ୍କ ନଗଦ ଆୟ ସୁରକ୍ଷିତ ହୋଇପାରିବ । କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ ଦେଶର ଅଧିକାଂଶ ଚାଷୀଙ୍କର ଛୋଟ ଚାଷଜମି ଅଛି, ଏବଂ ଏପରି ପରିସ୍ଥିତିରେ ଗୋଟିଏ ଫସଲ ଉପରେ ନିର୍ଭରଶୀଳତା ହିତକର ନୁହେଁ । ତେଣୁ, ସରକାର ସମନ୍ୱିତ କୃଷିର ଅନେକ ମଡେଲ ବିକଶିତ କରିଛନ୍ତି ଏବଂ ବିଭିନ୍ନ ରାଜ୍ୟରେ ଏହି ମଡେଲଗୁଡ଼ିକୁ ପ୍ରଦର୍ଶନ କରିବା ଆରମ୍ଭ କରିଛନ୍ତି । ଏହି ମଡେଲଗୁଡ଼ିକ ଅନୁଯାୟୀ, ଚାଷୀମାନେ ଶସ୍ୟ (ଗହମ ଏବଂ ଧାନ), ପନିପରିବା, ଫଳ ଚାଷ, ପଶୁପାଳନ, ମତ୍ସ୍ୟପାଳନ, ମହୁମାଛି ପାଳନ, ଛେଳି ପାଳନ ଏବଂ କୃଷି-ବନୀକରଣ ଭଳି କାର୍ଯ୍ୟକଳାପର ମିଶ୍ରଣ ଗ୍ରହଣ କରିପାରିବେ । ଏହି କାର୍ଯ୍ୟକଳାପଗୁଡ଼ିକୁ ସମନ୍ୱିତ କରି, ଚାଷୀମାନେ ବର୍ଷସାରା ସ୍ଥିର ଏବଂ ଉଚ୍ଚ ଆୟ ସୁନିଶ୍ଚିତ କରିପାରିବେ । ଶ୍ରୀ ଚୌହାନ କହିଛନ୍ତି ଯେ ଚାଷୀଙ୍କ ଉତ୍ପାଦିତ ଦ୍ରବ୍ୟର ଲାଭଦାୟକ ମୂଲ୍ୟ ସୁନିଶ୍ଚିତ କରିବା ପାଇଁ, ଗହମ, ଧାନ, ଡାଲି ଏବଂ ତୈଳବୀଜ ସମେତ ସମସ୍ତ ପ୍ରମୁଖ ଫସଲର ସର୍ବନିମ୍ନ ସହାୟକ ମୂଲ୍ୟ ବୃଦ୍ଧି କରାଯାଇଛି ଏବଂ ଚଳିତ ଋତୁରେ ଐତିହାସିକ ଏମଏସପିରେ କ୍ରୟ ଚାଲିଛି । ସେ ଗୁରୁତ୍ୱାରୋପ କରିଥିଲେ ଯେ ବର୍ତମାନର ସରକାର ହରଡ଼, ମସୁର ଏବଂ ବିରି ଭଳି ଡାଲି ପାଇଁ ବ୍ୟବସ୍ଥା କରିଛନ୍ତି ଯାହା ମାଧ୍ୟମରେ ଚାଷୀମାନେ ନିଜକୁ ପଞ୍ଜିକୃତ କରିବା ପରେ ଯେକୌଣସି ପରିମାଣର ଡାଲି ବିକ୍ରୟ ପାଇଁ ଆଣିପାରିବେ ଏବଂ ସରକାର ତାହାକୁ ସମ୍ପୂର୍ଣ୍ଣ ପରିମାଣର କ୍ରୟ କରିବାକୁ ପ୍ରତିବଦ୍ଧ ।

## ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କୁ ସୌଜନ୍ୟମୂଳକ ସାକ୍ଷାତ କଲେ ଅଷ୍ଟ୍ରେଲିଆର କନସୁଲ୍ ଜେନେରାଲ୍

ଭୁବନେଶ୍ୱର : ଆଜି ଲୋକସେବା ଭବନରେ ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ, ଶକ୍ତିମନ୍ତ୍ରୀ ଶ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ସହ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି ଅଷ୍ଟ୍ରେଲିଆର କନସୁଲ୍ ଜେନେରାଲ୍ ବର୍ଣ୍ଣାଡ଼ ଲିଂଚ । ଓଡ଼ିଶାର ଶକ୍ତି କ୍ଷେତ୍ର ଓ କୃଷି କ୍ଷେତ୍ରରେ ନିଆଯାଇଥିବା ବିଶେଷ ପଦକ୍ଷେପ ଗୁଡ଼ିକୁ ପ୍ରଶଂସା କରିଥିଲେ କନସୁଲ୍ ଜେନେରାଲ୍ ଲିଂଚ । କୃଷି କ୍ଷେତ୍ରରେ ଦ୍ରୁତ ଉତ୍ପାଦନ ହାର, ବିଦ୍ୟୁତ ଉତ୍ପାଦନ ଓ ଏହାର ପରିବହନ କ୍ଷମତା ଅଧିକ ବ୍ୟାପକ ହୋଇ ପାରିଛି ଏବଂ ବର୍ତମାନ ଓଡ଼ିଶା ଏକ ସ୍ଥାୟୀ ଓ ସୁରକ୍ଷିତ ଶକ୍ତି ଭବିଷ୍ୟତ ଆଡ଼କୁ ଗତି କରୁଛି ବୋଲି ମତବ୍ୟକ୍ତ କରିଥିଲେ । ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ କହିଥିଲେ ଯେ, ଓଡ଼ିଶା ନିଜର ନବୀକରଣୀୟ ଶକ୍ତିର ବ୍ୟବହାର ଓ ଉତ୍ପାଦନକୁ ଗୁରୁତ୍ୱ ଦେଇ ନିକଟରେ



ବହୁ ପ୍ରକଳ୍ପମାନ କାର୍ଯ୍ୟକାରୀ କରିଛି ଏବଂ ଏଥିପାଇଁ ଆବଶ୍ୟକୀୟ ନୀତିର ପ୍ରଣୟନ ମଧ କରିଛି । ଏହା ନବୀକରଣୀୟ ଶକ୍ତିର ଶୃଙ୍ଖଳକୁ ଆହୁରି ସୁଦୃଢ଼ କରିବ । ସେହିପରି କୃଷି କ୍ଷେତ୍ରରେ ଦ୍ରୁତ ଅଭିବୃଦ୍ଧି ଚାଷୀଙ୍କ ଆୟକୁ ବହୁଗୁଣିତ କରିପାରିଛି । ଏହି ସାକ୍ଷାତକାର ଆଗାମୀ ଦିନରେ ଅଷ୍ଟ୍ରେଲିଆ-ଭାରତ-ଓଡ଼ିଶା ସମ୍ପର୍କକୁ ଆହୁରି ମଜଭୁତ କରିବାରେ ଗୁରୁତ୍ୱପୂର୍ଣ୍ଣ ସାବ୍ୟସ୍ତ ହେବା ସହିତ ବିକଶିତ ଭାରତ ବିକଶିତ ଓଡ଼ିଶା ଲକ୍ଷ୍ୟ ପୂରଣରେ ସହାୟକ ହେବ । ବିଶେଷକରି ଓଡ଼ିଶା ସହ ସହଭାଗିତାରେ କାର୍ଯ୍ୟ କରିବାକୁ ଅଷ୍ଟ୍ରେଲିଆ ନିଜର ଇଚ୍ଛା ପ୍ରକାଶ କରିଛି ।

## କାଳବୈଶାଖୀ ପ୍ରଭାବରେ ବର୍ଷା ସମ୍ଭାବନା, ୫ ଜିଲ୍ଲାକୁ ସତର୍କତା ଜାରି

ଭୁବନେଶ୍ୱର: ରାଜ୍ୟରେ କିଛିଦିନ ହେବ ଜାରି ରହିଥିବା ଖରା ଓ



ଗରମରେ ବ୍ରେକ୍ ଲାଗିଛି । କମିବ ଦିନ ତାପମାତ୍ରା, ତାତିରୁ ମିଳିବ ଆଶ୍ୱସ୍ତି । ପାଣିପାଗ ବିଭାଗର ପୂର୍ବାନୁମାନ ଅନୁଯାୟୀ, ଆସନ୍ତା ୨୦ ତାରିଖ ଯାଏ ରାଜ୍ୟର ବିଭିନ୍ନ ସ୍ଥାନରେ କାଳବୈଶାଖୀ ପ୍ରଭାବରେ ବର୍ଷା ହୋଇପାରେ । ୧୭ ତାରିଖ କୋରାପୁଟ, ମାଲକାନଗିରି, ମୟୂରଭଞ୍ଜ, କେନ୍ଦୁଝର ଓ ବାଲେଶ୍ୱରର କିଛି ସ୍ଥାନରେ ଘଡ଼ଘଡ଼ି ସହ କୁଆପଥର ବର୍ଷା ଆଶଙ୍କା ରହିଛି । ସେହିପରି ଆଜି କାଳବୈଶାଖୀକୁ ନେଇ ୫ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି । ସେହି ଜିଲ୍ଲା ଗୁଡିକ ହେଉଛି ମୟୂରଭଞ୍ଜ, କେନ୍ଦୁଝର, ରାୟଗଡ଼ା, କଳାହାଣ୍ଡି ଓ ଅନୁଗୁଳ । ପୁରୀ ଏବଂ ଜଗତସିଂହପୁର ଜିଲ୍ଲାରେ ଆଗାମୀ କିଛି ଘଂଟା ମଧରେ ବିଜୁଳି ଘଡଘଡି ସହ ଝଡବର୍ଷା ହେବାର ସମ୍ଭାବନା ରହିଛି । ଏହି ଜିଲ୍ଲାକୁ ମଧ ୟେଲୋ ଆଲର୍ଟ ଜାରି ହୋଇଛି । ତେଣୁ ସାଧାରଣ ଲୋକଙ୍କୁ ନିରାପଦ ସ୍ଥାନରେ ରହିବାକୁ ପରାମର୍ଶ ଦେଇଛି ପାଣିପାଗ ବିଭାଗ । ୩୦ରୁ ୪୦କିମି ବେଗରେ ପବନ ବହିପାରେ ବୋଲି ପାଣିପାଗ ବିଭାଗପୂର୍ବାନୁମାନ କରିଛି । ୨୨ ତାରିଖ ଯାଏ ରାଜ୍ୟର କିଛି ସ୍ଥାନରେ ହାଲୁକାର ମଧମ ଧରଣର ବର୍ଷା ହେବାର ସମ୍ଭାବନା ରହିଛି । ଲଗାତାର କିଛି ଦିନ ଧରି ତାତିର ତାଉ ଏବେ କମିଛି । ରବିବାର ପାଗରେ ପରିବର୍ତନ ହୋଇଛି । ଝଡ଼ବର୍ଷା ଯୋଗୁଁ ତାପମାତ୍ରାରେ ୩ରୁ ୪ ଡିଗ୍ରୀ ପର୍ଯ୍ୟନ୍ତ ହ୍ରାସ ପାଇଛି । ୧୮ ତାରିଖରେ ଉତର ଓଡ଼ିଶା ଓ ଦକ୍ଷିଣ ଓଡ଼ିଶାର କିଛି ସ୍ଥାନରେ ଝଡ଼ ବର୍ଷା ହୋଇପାରେ । ୧୯ ତାରିଖରେ ଉତର ଓଡ଼ିଶାର ଅଳ୍ପ କିଛି ସ୍ଥାନରେ ବର୍ଷା ହୋଇପାରେ । ୨୦ ତାରିଖରେ ଉତର ଓ ଦକ୍ଷିଣ ଓଡ଼ିଶାର ବିଭିନ୍ନ ସ୍ଥାନରେ କାଳବୈଶାଖୀ ପ୍ରଭାବରୁ ବର୍ଷା ଆଶଙ୍କା ଥିବା ପାଣିପାଗବିଭାଗ ଆକଳନ କରିଛି ।

## ୧୪୫ତମ ରାଜ୍ୟସ୍ତରୀୟ ସିଙ୍ଗଲ୍ ୱିଣ୍ଡୋ କ୍ଲିୟରାନ୍ସ ଅଥରିଟି ବୈଠକରେ ଅଧ୍ୟକ୍ଷତା କଲେ ମୁଖ୍ୟ ଶାସନ ସଚିବ

ଭୁବନେଶ୍ୱର : ରାଜ୍ୟରେ ଅର୍ଥନୈତିକ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା ପାଇଁ ଓଡ଼ିଶା ସରକାର ଏକ ବଡ଼ ପଦକ୍ଷେପ ନେଇଛନ୍ତି । ମଙ୍ଗଳବାର ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ୧୪୫ତମ ରାଜ୍ୟସ୍ତରୀୟ ସିଙ୍ଗଲ୍ ୱିଣ୍ଡୋ କ୍ଲିୟରାନ୍ସ ଅଥରିଟି (SLSWCA) ବୈଠକରେ ୨୩ଟି ଶିଳ୍ପ ପ୍ରସ୍ତାବକୁ ଅନୁମୋଦନ ମିଳିଛି । ଏହି ପ୍ରକଳ୍ପଗୁଡ଼ିକ ମାଧ୍ୟମରେ ରାଜ୍ୟରେ ମୋଟ ୪,୫୧୦.୬୫ କୋଟି ଟଙ୍କାର ପୁଞ୍ଜିନିବେଶ ହେବ । ଏହାଦ୍ୱାରା ପ୍ରାୟ ୧୦,୧୨୨ ଜଣଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ବୋଲି ଆଶା କରାଯାଉଛି । ଏହି ପ୍ରକଳ୍ପଗୁଡ଼ିକ ବାଲେଶ୍ୱର, ବଲାଙ୍ଗୀର, କଟକ, ଜଗତସିଂହପୁର, କଳାହାଣ୍ଡି, କେନ୍ଦୁଝର, ଖୋର୍ଦ୍ଧା, କୋରାପୁଟ, ପୁରୀ, ସମ୍ବଲପୁର ଏବଂ ସୁନ୍ଦରଗଡ଼ ସମେତ ୧୧ଟି ଜିଲାରେ ସ୍ଥାପିତ ହେବ । କୋରାପୁଟରେ ସେଂଚୁରୀ



ପ୍ଲାଇବୋର୍ଡ ୮୭୦.୮୨ କୋଟି ଟଙ୍କା ବିନିଯୋଗରେ ଏକ ଉତ୍ପାଦନ ୟୁନିଟ୍ ସ୍ଥାପନ କରିବ । ବାଲେଶ୍ୱରରେ ପିଡିଲାଇଟ୍ ଇଣ୍ଡଷ୍ଟ୍ରିଜ୍ ଏବଂ ଜଗତସିଂହପୁରରେ ପାରାଦୀପ ଫସଫେଟ୍ସ ସେମାନଙ୍କର ନୂତନ ପ୍ଲାଂଟ ସ୍ଥାପନ କରିବେ । ଖୋର୍ଦ୍ଧାରେ ସୋନା ସିଲେକ୍ସନ ଏବଂ ଆଲଫାଟେକ୍ସ ପକ୍ଷରୁ ଗାର୍ମେଂଟ ଓ ଟେକ୍ସଟାଇଲ୍ ୟୁନିଟ୍ ପ୍ରତିଷ୍ଠା କରାଯିବ, ଯାହା ପ୍ରାୟ ୨,୯୦୦ ନିଯୁକ୍ତି ସୁଯୋଗ ଦେବ । କଟକରେ ଅଲଟିଅସ ଲାଇଫ୍ ଏକ ଫାର୍ମାସ୍ୟୁଟିକାଲ୍ ୟୁନିଟ୍ ଏବଂ ଖୋର୍ଦ୍ଧାରେ ଶ୍ରୀଜୀ ଇମେଜିଂ ପକ୍ଷରୁ ସ୍ୱତନ୍ତ୍ର ଚିକିତ୍ସା ସୁବିଧା କେନ୍ଦ୍ର ପ୍ରତିଷ୍ଠା କରାଯିବ । କେନ୍ଦୁଝରରେ ସିଦ୍ଧିବିଦ୍ଧି ଇଂଟରନ୍ୟାସନାଲ୍ ୬୧୦ କୋଟି ଟଙ୍କାର ସମ୍ପ୍ରସାରଣ ପ୍ରକଳ୍ପ କରିବ । କଳାହାଣ୍ଡିରେ କୋଷ୍ଟାଲ ବାୟୋଟେକ୍ ପକ୍ଷରୁ ୩୫୦ କୋଟି ଟଙ୍କାର ଏକ କୃଷି-ପ୍ରକ୍ରିୟାକରଣ ୟୁନିଟ୍ ସ୍ଥାପନ ହେବ । ଖୋର୍ଦ୍ଧାରେ ଚ ଗଁ ଉ (PricewaterhouseCoopers) ଏକ ଟେକ୍ନୋଲୋଜି ଡେଲିଭରି ସେଂଟର ସ୍ଥାପନ କରି ୬୪୦ ଜଣଙ୍କୁ ନିଯୁକ୍ତି ଦେବ । ଏହା ସହିତ କୋରାପୁଟ, ଭୁବନେଶ୍ୱର, ବଲାଙ୍ଗୀର ଓ ପୁରୀରେ ପର୍ଯ୍ୟଟନ ଭିତିଭୂମିକୁ ସୁଦୃଢ଼ କରିବା ପାଇଁ ବିଭିନ୍ନ ପ୍ରକଳ୍ପକୁ ମଞ୍ଜୁରୀ ମିଳିଛି ।





# ବାଲେଶ୍ୱର ଜିଲ୍ଲା ସମେତ ବିଭିନ୍ନ ସ୍ଥାନରେ ବାରୁଣୀ ଉତ୍ସବ ପାଳିତ



ବାଲେଶ୍ୱର, (ନି.ପ୍ର.) ବାଲେଶ୍ୱର ଜିଲ୍ଲା ସମେତ ସହର ସମତେ ସହରତଳି ଅଂଚଳରେ ବାରୁଣୀ ମହୋତ୍ସବ ଆନନ୍ଦ ଉଲ୍ଲାସ ମଧ୍ୟରେ ଶେଷ ହୋଇଛି । ଖବରରୁ ପ୍ରକାଶଯେ, ୧୭ ତାରିଖ ପ୍ରତ୍ୟୁଷରୁ ବହୁ ଶ୍ରଦ୍ଧାଳୁ ବିଭିନ୍ନ ସ୍ଥାନରେ ଏକତ୍ରିତ ହୋଇ ପିତୃପୁରୁଷଙ୍କୁ ଶ୍ରାଦ୍ଧ,ତର୍ପଣ ଦେବାସହ ନଦୀ ଓ ସମୁଦ୍ରରେ ବୁଡ଼ ପକାଇଥିଲେ । ବାଲେଶ୍ୱର ଜିଲ୍ଲାର ସଦର ମହକୁମାସ୍ଥିତ ବାଲିଘାଟ, ତେମୁହାଁଣି, ବଳରାମଗଡ଼ି, କଷାଫଳ, ଚାନ୍ଦିପୁର, ବାହାବଳପୁର, ତାଳସାରି, ହଁସକରା, ଡଗରା ସମେତ ବିଭିନ୍ନ ନଦୀରେ ଶ୍ରଦ୍ଧାଳୁରମାନେ ତିଳତର୍ପଣ କରିବା ସହ ବୁଡ଼ ପକାଇଥିଲେ ଏବଂ ଅନେକ ସ୍ଥାନରେ ୨/୩ଦିନ ଧରି ଯାନିଯାତ୍ରା ପଡ଼ିଥିବା ବେଳେ ବିଭିନ୍ନ ଅଂଚଳରୁ ବ୍ୟବସାୟୀମାନେ ଆସି ପାଛିଆ ଏବଂ ଲୁହା ସାମଗ୍ରୀ ଓ ଅନ୍ୟାନ୍ୟ ସାମଗ୍ରୀ ବିକ୍ରୟ କରିଥାନ୍ତି । ବାରୁଣିମେଳା ଆଜି ନୁହେଁ ଆବାହନକାଳରୁ ହିନ୍ଦୁ ଧର୍ମାବଲମ୍ବୀମାନଙ୍କ ମଧ୍ୟରେ ଏକ ସ୍ୱତନ୍ତ୍ର ଉପଚାର ସୃଷ୍ଟି କରିବା ସହ ଘଟଣାଦିନ ପ୍ରତ୍ୟୁଷରୁ ସୂର୍ଯ୍ୟ ଉଦୟ ସମୟରେ ନଦୀରେ ବୁଡ଼ ପକାଇ ପିତୃପୁରୁଷଙ୍କୁ ଶ୍ରାଦ୍ଧ କଲେ ଆତ୍ମା ଶାନ୍ତି ମିଳିଥାଏ ବୋଲି ପ୍ରବାଦ ରହିଛି । ଜିଲ୍ଲା ପ୍ରଶାସନ ପକ୍ଷରୁ ଅନେକ ସ୍ଥାନରେ ପୋଲିସ ମୁତୟନ କରାଯାଇଥିଲେ ହେଁ ପାଖାପାଖି ୧୦ହଜାରରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁ ଚାନ୍ଦିପୁର ବଳରାମଗଡ଼ି ଠାରେ ବୁଡ଼ ପକାଇଥିବା ଖବର ମିଳିଛି । ପ୍ରକାଶଯେ, ବାଲେଶ୍ୱରର ଆରକ୍ଷୀ ଅଧିକ୍ଷକ ରାଜପ୍ରସାଦଙ୍କ ନିର୍ଦ୍ଦେଶରେ ବସ୍ତା, ଭୋଗରାଇ, ଚାନ୍ଦିପୁର, ବାଲିଆପାଳ, ନହରପାଟଣା, ତାଳସାରି, ଚଉମୁଖ, ଡଗରା, ଚାନ୍ଦମଣି ପ୍ରମୁଖ ଅଂଚଳରେ ଶାନ୍ତି ଶୃଂଖଳା ବଜାୟ ରଖିବା ପାଇଁ ବ୍ୟାପକ ପୋଲିସ ମୁତୟନ କରିଥିଲେ ।

# ଫକୀରମୋହନ ବିଶ୍ୱବିଦ୍ୟାଳୟରେ ରସାୟନ ବିଜ୍ଞାନ ବିଭାଗର ଆନ୍ତର୍ଜାତୀୟ ସମ୍ମିଳନୀ ଉଦ୍‌ଘାଟିତ

ବାଲେଶ୍ୱର(ନି.ପ୍ର.) ଫକୀରମୋହନ ବିଶ୍ୱବିଦ୍ୟାଳୟର ସ୍ନାତକୋତର ରସାୟନ ବିଭାଗ ପକ୍ଷରୁ "ଉନ୍ନତ ପଦାର୍ଥର ସମ୍ଭାବ୍ୟ ପ୍ରୟୋଗର ସମ୍ପ୍ରତିକ ପ୍ରବୃତି" ବିଷୟକ ଚତୁର୍ଥ ଆନ୍ତର୍ଜାତୀୟ ସମ୍ମିଳନୀର ଶୁଭାରମ୍ଭ ହୋଇଛି । ଏହି ସମ୍ମିଳନୀରେ ବିଶ୍ୱର ବିଭିନ୍ନ ସ୍ଥାନରୁ ପ୍ରମୁଖ ବୈଜ୍ଞାନିକ, ଶିକ୍ଷାବିତ୍ ଓ ଗବେଷକମାନେ ଯୋଗଦେଇ ଉନ୍ନତ ପଦାର୍ଥ ବିଜ୍ଞାନର ନବୀନ ଉନ୍ନତି ଉପରେ ଆଲୋଚନା କରୁଛନ୍ତି । ଦୁଇଦିନିଆ ଏହି ସମ୍ମିଳନୀର ଉଦଘାଟନୀ ବୈଠକ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ସମ୍ପନ୍ନ ହୋଇଥିଲା । ସ୍ନାତକୋତର ପରିଷଦର ଅଧ୍ୟକ୍ଷ ପ୍ରଫେସର ଭାସ୍କର ବେହେରା ପୃଷ୍ଠପୋଷକ ଭାବେ ଯୋଗଦେଇଥିଲେ । ମୁମ୍ବାଇର ଟାଟା ଇନଷ୍ଟିଚ୍ୟୁଟ ଅଫ ଫଣ୍ଡାମେଂଟାଲ ଗବେଷଣା ସଂସ୍ଥାର





ରସାୟନ ବିଜ୍ଞାନ ବିଭାଗର ପ୍ରଫେସର ଦୀପା ଖୁଶାଲାନୀ ମୁଖ୍ୟ ଅତିଥି ଭାବେ ଉପସ୍ଥିତ ହୋଇ ନିଜ ଅଭିଭାଷଣ ପ୍ରଦାନ କରିଥିଲେ । ଏହି ଅବସରରେ ଝାଡ଼ଖଣ୍ଡ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ପ୍ରଫେସର ବୈରାଗୀ ଚରଣ ମଲ୍ଲିକ ସମ୍ମାନୀତ ଅତିଥି ଓ ବିଶେଷଜ୍ଞ ଭାବେ ଯୋଗଦେଇ ଅଂଶଗ୍ରହଣକାରୀଙ୍କୁ ସମ୍ବୋଧନ କରିଥିଲେ । ସଭାକୁ ସ୍ୱାଗତ କରି ଆବାହକ ତଥା ରସାୟନ ବିଭାଗର ମୁଖ୍ୟ ପ୍ରଫେସର ପଙ୍କଜ କୁମାର ପାରହୀ ବୈଷୟିକ ଅଧିବେଶନରେ ବିଭିନ୍ନ ଆଲୋଚନାର ଦିଗର ଉପସ୍ଥାପନା କରିଥିଲେ । କାର୍ଯ୍ୟକ୍ରମର ସଂଗଠନ ସଚିବ ଡ଼କ୍ଟର ଜୟକୃଷ୍ଣ ଦାସ ସମ୍ମିଳନୀର କେନ୍ଦ୍ରୀୟ ବିଷୟବସ୍ତୁ ଉପସ୍ଥାପନା କରି ଏହାର ଆଧୁନିକ ବୈଜ୍ଞାନିକ ଓ ଶିଳ୍ପ କ୍ଷେତ୍ରରେ ପ୍ରାସଙ୍ଗିକତା ଉଲ୍ଲେଖ କରିଥିଲେ । ଉଦ୍‌ଘାଟନୀ ସଭାକୁ ଡ଼କ୍ଟର ଅଞ୍ଜନ କୁମାର ବେଜ ସଂଯୋଜିତ କରିଥିଲେ । ଏହି ସମ୍ମିଳନୀକୁ ଆନ୍ତର୍ଜାତୀୟ ମାନ୍ୟତା ଦେଇ ଅଷ୍ଟ୍ରେଲିଆରୁ ଡ଼କ୍ଟର ରାଜେଶ କୁମାର ଜ୍ୟୋତି ଏବଂ ପ୍ରଫେସର ଏଡି ପୋନିଏର୍ନ ଆଭାସୀ ମାଧ୍ୟମରେ ଯୋଗଦେଇ କାର୍ଯ୍ୟକ୍ରମର ଆୟୋଜକଙ୍କୁ ଧନ୍ୟବାଦ ଦେଇ ଉନ୍ନତ ମେଟେରିଆଲ ବିଷୟର ବିଶ୍ୱସ୍ତରୀୟ ସମସାମୟିକ ଅନୁଭବ ଉପସ୍ଥାପନ କରିଥିଲେ । ଶେଷରେ ସହାୟକ ଅଧ୍ୟାପକ ଶ୍ରୀ ସୁରେନ୍ଦ୍ର ହାନ୍ସଦା ଧନ୍ୟବାଦ ଜ୍ଞାପନ କରିଥିଲେ । ଦୁଇଦିନ ଧରି ଆୟୋଜିତ ଏହି ସମ୍ମିଳନୀରେ ମୋଟ ଛଅଟି ପ୍ରାୟୋଗିକ ଅଧିବେଶନର ୬୫ଟି ଗବେଷଣା ପତ୍ର ଉପସ୍ଥାପିତ ହେବ । ଯୁକ୍ତରାଷ୍ଟ୍ର ଆମେରିକା, ମରିସସ୍, ଅଷ୍ଟ୍ରେଲିଆ, ବେଲଜିୟମ୍, ଦକ୍ଷିଣ କୋରିଆ, ସ୍ୱିଡେନ୍ ଓ ଜାପାନର ପ୍ରତିଷ୍ଠିତ ସମ୍ପଦ ବ୍ୟକ୍ତିମାନେ ଆଭାସୀ ମାଧ୍ୟମରେ ଯୋଗଦେଇ ସମ୍ମିଳନୀକୁ ସମୃଦ୍ଧ କରିବାନେଇ ସୂଚୀତ କରାଯାଇଛି । ସମ୍ମିଳନୀର ବିଷୟବସ୍ତୁ ଉନ୍ନତ ପଦାର୍ଥର ସମ୍ପ୍ରତିକ ଆବିଷ୍କାର ଓ ତାହାର ଶକ୍ତି, ଇଲେକ୍ଟ୍ରୋନିକ୍ସ, ସ୍ୱାସ୍ଥ୍ୟସେବା ଓ ପରିବେଶୀୟ ସସ୍ଥିରତା ଭଳି କ୍ଷେତ୍ରରେ ବ୍ୟାପକ ପ୍ରୟୋଗକୁ କେନ୍ଦ୍ର କରାଯାଇଛି । ନାନୋ ପଦାର୍ଥ, ସଂଯୁକ୍ତ ପଦାର୍ଥ, ଜୈବ ପଲିମର, ଜୈବ ପଦାର୍ଥ, ଫ୍ଲୁଓରାଇଡ୍ ଅପସାରଣ, ବର୍ଜ୍ୟ ଜଳ ପରିଚାଳନା ଏବଂ ଜୀବାଣୁବିରୋଧୀ ଓ କ୍ୟାନ୍ସରବିରୋଧୀ ଗୁଣଧର୍ମ ଉପରେ ଗବେଷଣାକୁ ବିଶେଷ ଗୁରୁତ୍ୱ ଦିଆଯାଇଛି । ଏହି ସମ୍ମିଳନୀ ଯୁବ ଗବେଷକମାନଙ୍କ ପାଇଁ ରସାୟନ ବିଜ୍ଞାନର ବିଭିନ୍ନ ନୂତନତ୍ୱ ସହ ପରିଚିତ ହେବାର ଏକ ସୁଯୋଗ ସୃଷ୍ଟି କରିବା ସହ ଶିକ୍ଷାଜଗତ, ଶିଳ୍ପକ୍ଷେତ୍ର ଓ ବୈଜ୍ଞାନିକ ସମୁଦାୟ ମଧ୍ୟରେ ସଂଯୋଗ ସୃଷ୍ଟିରେ ସହାୟକ ହେବାର ଲକ୍ଷ୍ୟ ରଖାଯାଇଛି । ସେପରି ଉନ୍ନତ ପଦାର୍ଥର ବିକାଶ ଓ ପ୍ରୟୋଗ ସମ୍ବନ୍ଧୀୟ ପରିବର୍ତ୍ତନର ଅଧ୍ୟୟନ କରି ନବୀନ ଓ ସୁସ୍ଥିର ପ୍ରଯୁକ୍ତିଗତ ସମାଧାନ ପଥକୁ ପ୍ରଶସ୍ତ କରିବାକୁ ଉଦ୍ୟମ କରିବାନେଇ ଆୟୋଜକଙ୍କ ପକ୍ଷରୁ ଆଶାବ୍ୟକ୍ତ କରାଯାଇଛି ।

# ଉଦ୍‌ଘାଟିତ ହେଲା ଗ୍ରାମୀଣ ଯୁବ ଏକତା ଶିବିର





ବାଲେଶ୍ୱର (ନି.ପ୍ର.) ଆଜି ପୂର୍ବାହ୍ନ ୧୦.୩୦ ଘଟିକା ସମୟରେ ବାଲେଶ୍ୱର ଜିଲ୍ଲାପାଳଙ୍କ ଅଡିଟୋରିୟମ ହଲରେ ଜିଲ୍ଲା କ୍ରୀଡା ବିଭାଗ ଆନୁକୂଲ୍ୟରେ ଗ୍ରାମୀଣ ଯୁବ ଏକତା ଶିବିର ଉଦ୍ଘାଟିତ ହୋଇଛି । ଏହା ଯୁବକ, ଯୁବତୀ ମାନଙ୍କ ଉଦ୍ଦେଶ୍ୟରେ ଏକ ସଚେତନତା କାର୍ଯ୍ୟକ୍ରମ । ଏହା ଆଜି ଓ କାଲି ଦୁଇ ଦିନ ବ୍ୟାପି ଚାଲିବାର କାର୍ଯ୍ୟକ୍ରମ ରହିଛି । ଏଥିପାଇଁ ବିଭିନ୍ନ ପ୍ରକାରର କାର୍ଯ୍ୟକ୍ରମ ଗୁଡ଼ିକ ରହିଛି । ଅତିରିକ୍ତ ଜିଲ୍ଲାପାଳ ଶ୍ରୀଯୁକ୍ତ ସୁଧାକର ନାଏକ ଏହି ଉଦ୍ଘାଟନୀ କାର୍ଯ୍ୟକ୍ରମରେ ଯୋଗ ଦେଇ ଯୁବକ ମାନଙ୍କ ଉଦ୍ଦେଶ୍ୟରେ ଅନେକ ଗୁଣବାନ କଥା ସବୁ ନିଜ ବକ୍ତବ୍ୟରେ କହିଥିଲେ । ଆଜିର ଯୁବକ କାଲିର ଭବିଷ୍ୟତ । ତେଣୁ ପ୍ରତ୍ୟେକ ଯୁବକ ନିଜର ବିକାଶ ଦିଗରେ ସଚେତନ ହେବ ଦରକାର । ତାହେଲେ ଯାଇ ୨୦୪୭ ମସିହା ସୁଦ୍ଧା ବିକଶିତ ଭାରତ ଓ ୨୦୩୬ ମସିହା ସୁଦ୍ଧା ବିକଶିତ ରାଜ୍ୟ ଗଠନର ଲକ୍ଷ୍ୟ ସଫଳ ହୋଇପାରିବ ବୋଲି ଅତିରିକ୍ତ ଜିଲ୍ଲାପାଳ ମହୋଦୟ କହିଥିଲେ । ତାଙ୍କ ସହିତ ପ୍ରେରଣଦୟକ ବକ୍ତା ଶ୍ରୀଯୁକ୍ତ ପ୍ରଣବ ଶରଣ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରିଣୀ ଶ୍ରୀମତୀ ପ୍ରତିଭା ବେହେରା, ଜିଲ୍ଲା କ୍ରୀଡା ଅଧିକାରୀ ଶ୍ରୀଯୁକ୍ତ ପୂର୍ଣ୍ଣ ଚନ୍ଦ୍ର ଜେନା, ଜିଲ୍ଲା ଜରୁରୀକାଳୀନ ଅଧିକାରୀ ଶ୍ରୀଯୁକ୍ତ ସାଇ କୃଷ୍ଣ ଜେନା, ବାଲେଶ୍ୱର ଆଂଚଳିକ ପରିବହନ ଅଧିକାରୀ ଶ୍ରୀଯୁକ୍ତ ଶ୍ୟାମାଳେନ୍ଦୁ ରାଉତ ପ୍ରମୁଖ ଯୋଗ ଦେଇ ଯୁବବର୍ଗଙ୍କୁ ବିଭିନ୍ନ ସଚେତନତା ମୂଳକ ଦିଗ ଦର୍ଶନ ଦେଇଥିଲେ । ଏଠାରେ ବହୁ ସଂଖ୍ୟାରେ ଯୁବକ ଯୁବତୀ ଅଂଶଗ୍ରହଣ କହିଥିଲେ । ଏହି ସଚେତନତା ମୂଳକ ଶିବିରରେ ଯୁବକ ଯୁବତୀ ମାନେ ବେଶ୍ ଉତ୍ସାହିତ ଥିଲେ । ସେମାନେ ସବୁ ପ୍ରକାର କାର୍ଯ୍ୟକଳାପକୁ ଧ୍ୟାନ ସହକରେ ଶୁଣିକି ଶିକ୍ଷା ଗ୍ରହଣ କରିଥିଲେ । ଅପରାହ୍ନରେ ସେମାନେ ନିଜର କଳାକୃତି ଗୁଡ଼ିକ ପ୍ରଦର୍ଶନ କରିଥିଲେ । ଆସନ୍ତା କାଲି ମଧ ଏହି କାର୍ଯ୍ୟକ୍ରମ କରି ରହିବ ।

# ରାମ ନବମୀ ଓ ହନୁମାନ ଜୟନ୍ତୀ ପାଳନ ପାଇଁ ଶାନ୍ତି କମିଟିର ପ୍ରସ୍ତୁତି ବୈଠକ ଅନୁଷ୍ଠିତ

ବାଲେଶ୍ୱର, ତାରିଖ (ନି.ପ୍ର.)ଆଜି ଅପରାହ୍ନ ୪.୦୦ ଘଟିକା ସମୟରେ ସ୍ଥାନୀୟ ଗାନ୍ଧୀ ସ୍ମୃତି ଭବନ ଠାରେ ବାଲେଶ୍ୱର ଜିଲ୍ଲାପ୍ରଶାସନ ଓ ପୋଲିସ ପ୍ରଶାସନର ମିଳିତ ଉଦ୍ୟମରେ ରାମ ନବମୀ ଓ ହନୁମାନ ଜୟନ୍ତୀ ପାଳନ ପାଇଁ ଶାନ୍ତି କମିଟିର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା । ଆସନ୍ତା ୨୫ ମାର୍ଚ୍ଚ ଠାରୁ ୨୭ ମାର୍ଚ୍ଚ ପର୍ଯ୍ୟନ୍ତ ରାମ ନବମୀ ଓ ୧୪ ଏପ୍ରିଲ ରେ ହନୁମାନ ଜୟନ୍ତୀ ପାଳନ କରାଯିବ । ବାଲେଶ୍ୱର ସହରରେ ଏହି ପର୍ବକୁ କିପରି ଶାନ୍ତି ଶୃଙ୍ଖଳାର ସହିତ ପାଳନ କରାଯିବ, ସେଥି ନେଇ ଶାନ୍ତି କମିଟି, ଜିଲ୍ଲା ପ୍ରଶାସନ ଓ ପୋଲିସ ପ୍ରଶାସନ ମଧ୍ୟରେ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା ହୋଇଥିଲା । ଏହି ସଭାରେ ଜିଲ୍ଲାପାଳ ଶ୍ରୀଯୁକ୍ତ ସୂର୍ଯ୍ୟବଂଶୀ ମୟୂର ବିକାଶ ଅଧ୍ୟକ୍ଷତା କରିଥିଲେ । ତାଙ୍କ ସହିତ ସରକାରୀ ଦଳର ଉପ ମୁଖ୍ୟ ସଚେତକ ତଥା ମାନ୍ୟବର ରେମୁଣା ବିଧାୟକ ଶ୍ରୀଯୁକ୍ତ ଗୋବିନ୍ଦ ଚନ୍ଦ୍ର ଦାସ, ମାନ୍ୟବର ବାଲେଶ୍ୱର ଜିଲ୍ଲା ପରିଷଦ ଅଧ୍ୟକ୍ଷ ଶ୍ରୀଯୁକ୍ତ ନାରାୟଣ ପ୍ରଧାନ, ଆରକ୍ଷୀ ଅଧୀକ୍ଷକ ଶ୍ରୀ ଯୁକ୍ତ ପ୍ରତ୍ୟୁଷ ଦିବାକର, ଅତିରିକ୍ତ ଜିଲ୍ଲାପାଳ ଶ୍ରୀଯୁକ୍ତ ସୁଧାକର ନାଏକ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଶ୍ରୀଯୁକ୍ତ ଦେବଜ୍ୟୋତି ଦାଶ, ଉପ ଜିଲ୍ଲାପାଳ, ବାଲେଶ୍ୱର ଶ୍ରୀଯୁକ୍ତ ଶିବ ମାଲବ୍ୟ, ଉପ ଜିଲ୍ଲାପାଳ, ନୀଳଗିରି ଶ୍ରୀମତୀ ଶୁଭଶ୍ରୀ ରଥ, ଆଇପିଏସ୍ ଅଧିକାରିଣୀ ଶ୍ରୀମତୀ ମନିଶା ସାଉଗୁନ ମଂଚାସିନ ଥିଲେ । ଏଠାରେ ଅନେକ ହିନ୍ଦୁ ସମ୍ପ୍ରଦାୟର ଭାଇମାନେ ଯୋଗ ଦେଇଥିଲେ । ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଶ୍ରୀଯୁକ୍ତ ଦେବଜ୍ୟୋତି ଦାଶ ମଂଚ ପରିଚାଳନା କରିଥିଲେ ।

ବାଲେଶ୍ୱର ସହରରେ ରାମ ନବମୀକୁ ୨୫ ମାର୍ଚ୍ଚ ରୁ ୨୭ ମାର୍ଚ୍ଚ ପର୍ଯ୍ୟନ୍ତ ଖୁବ ଧୁମଧାମରେ ପାଳନ କରାଯିବ । ୨୫ ମାର୍ଚ୍ଚ ଦିନ କଳସ ଯାତ୍ରା, ୨୬ ମାର୍ଚ୍ଚ ଦିନ ମୋଟରସାଇକେଲ ରାଲି ଓ ୨୭ ମାର୍ଚ୍ଚ ଦିନ ପଦଯାତ୍ରା ହେବାର କାର୍ଯ୍ୟକ୍ରମ ରହିଛି । ସେହିଭଳି ଆଗାମୀ ୧୪ ଏପ୍ରିଲ ରେ ହନୁମାନ ଜୟନ୍ତୀ ପାଳନ କରାଯିବ । ଏଥିନେଇ ଜିଲ୍ଲା ପ୍ରଶାସନ ଓ ପୋଲିସ ପର୍ଶସନ ତରଫରୁ ବ୍ୟାପକ ବ୍ୟବସ୍ଥା କରାଯିବ ବୋଲି ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକ କହିଛନ୍ତି । ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ପାଳନ କରାଯିବ ବୋଲି ଏହି ସଭାରେ ଆଲୋଚଳନା ହୋଇଥିଲା ।





ପାଣି ବ୍ୟବସ୍ଥା ସହିତ ବିଦ୍ୟୁତ୍ ସେବାରେ ଯେପରି ବାଧା ସୃଷ୍ଟି ନୋହୁଏ, ସେଥିପ୍ରତି ବିଶେଷ ଧ୍ୟାନ ଦିଆ ଯିବ ବୋଲି ଏଠାରେ ଆଲୋଚନା ହୋଇଥିଲା । ସୁରକ୍ଷା ବ୍ୟବସ୍ଥାକୁ ଖୁବ୍ କଡାକଡି କରାଯିବ ବୋଲି ଆରକ୍ଷୀ ଅଧୀକ୍ଷକ କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଟାଉନଥାନା ଅଧିକାରୀ ବିଜୟ କୁମାର ଦାସ, ପ୍ରଜ୍ଞା ମହାନ୍ତି, ଶୁଭ୍ରାଂଶୁ ଶେଖର ନାୟକ, ନିରଂଜନ ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।

# ମହାରାଜପୁର ସରକାରୀ ଉଚ୍ଚ ବିଦ୍ୟାଳୟର ୧୯୯୮ ମ୍ୟାଟ୍ରିକ ବ୍ୟାଚ ଛାତ୍ରଛାତ୍ରୀମାନଙ୍କ ବନ୍ଧୁ ମିଳନ ଉତ୍ସବ

ବାଲେଶ୍ୱର(ନି.ପ୍ର.): ରେମୁଣା ବ୍ଲକ ଅଧିନ ମହାରାଜପୁର ଗ୍ରାମପ□ାୟତ ଅଧିନ ମହାରାଜପୁର ସରକାରୀ ଉଚ୍ଚ ବିଦ୍ୟାଳୟର ୧୯୯୮ ମ୍ୟାଟ୍ରିକ ବ୍ୟାଚ ଛାତ୍ରଛାତ୍ରୀଙ୍କ ମଧରେ ରବିବାର ଦିନ ଦୀର୍ଘ ୨୮ ବର୍ଷପରେ ଏକ ବନ୍ଧୁ ମିଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ବନ୍ଧୁମିଳନ ଉତ୍ସବ ମହାରାଜପୁର ଉଚ୍ଚ ବିଦ୍ୟାଳୟର ଅନୁଷ୍ଠିତ ହୋଇଥିବା ୧୯୯୮ ବ୍ୟାଚର ଛାତ୍ରଛାତ୍ରୀମାନେ ଉତ୍ସବକୁ ଆୟୋଜନ କରିଥିଲେ । ଏଥିନେଇ ଉଚ୍ଚ ବିଦ୍ୟାଳୟ ପରିସରରେ ଏକ ସ୍ୱତନ୍ତ୍ର ବୈଠକ ଅନୁଷ୍ଠିତ ହୋଇଥିବା ବୈଠକରେ ମୁଖ୍ୟ ଅତିଥି ଭାବେ ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରଦୀପ ରଥ ଯୋଗଦାନ କରିଥିବା ବେଳେ ସମ୍ମାନିତ ଅତିଥି ଭାବେ ଏହି ଉଚ୍ଚ ବିଦ୍ୟାଳୟର ପୁରାତନ ଛାତ୍ର ସଂଗଠନ ଆଲୁମିନି ସଭାପତି ରବୀନ୍ଦ୍ର ମହାପାତ୍ର, ପ୍ରାଣବନ୍ଧୁ ମହାପାତ୍ର, ବିଦ୍ୟାଳୟର ପରିଚାଳନା କମିଟିର ଚେୟାରମ୍ୟାନ ରାମଚନ୍ଦ୍ର ବେହେରା, ମ□ାସୀନ ଥିଲେ । ସଭା କାର୍ଯ୍ୟ



ଆରମ୍ଭ ପୂର୍ବରୁ ୧୯୯୮ ବ୍ୟାଚର ଛାତ୍ରଛାତ୍ରୀଙ୍କୁ ଶିକ୍ଷା ଦାନ କରିଥିବା ତତ୍କାଳୀନ ଦିବଂଗତ ଶିକ୍ଷକ ଦିବାକର ପଣ୍ଡା, ବୃନ୍ଦାବନ ତ୍ରିପାଠୀଙ୍କ ସମେତ ଦିବଂଗତ ଛାତ୍ର ମନୋଜ କୁମାର ରାଉଳଙ୍କ ପାଇଁ ନୀରବ ପ୍ରାର୍ଥନା କରାଯାଇଥିଲା । ସଭାରେ ସୁଜାତା ପଣ୍ଡା, କନକଲତା ଦାସ, ତୃପ୍ତିଲତା ପ୍ରଧାନ, ବିଜୟ ଲକ୍ଷ୍ମୀ ଆଚାର୍ଯ୍ୟ ବିଦ୍ୟାଳୟର ଅତୀତ ସ୍ମୃତି ପ୍ରକାଶ କରିଥିଲେ । ଏହି କାର୍ଯ୍ୟକ୍ରମ ପରେ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ମଧରେ ମ୍ୟୁଜିକ ଚେୟାର ଖେଳ ହୋଇଥିଲା । ଏହି ଖେଳରେ ବସନ୍ତ ଶିଅଳ ପ୍ରଥମ ସ୍ଥାନ, ସୁଜାତା ପଣ୍ଡା ଦ୍ୱିତୀୟ ସ୍ଥାନ ଏବଂ କନକଲତା ଦାସ ତୃତୀୟ ସ୍ଥାନ ଅଧିକାର କରିବା ସହ ପୁରସ୍କୃତ ହୋଇଥିଲେ । ଏହି କାର୍ଯ୍ୟକୁ ସୁଚାରୁ ରୂପେ ସମ୍ପାଦନ କରିବାରେ ୧୯୯୮ ବ୍ୟାଚ ଛାତ୍ର ସଂଗଠନର ସଭାପତି ଭାବେ ତାପସ କୁମାର ପ୍ରଧାନ, ସମ୍ପାଦିକା ପ୍ରଭାସିନୀ ବିଶୋଇ, ଉପସଭାପତି ମନୋରଞ୍ଜନ ମଲ୍ଲିକ, ସହ ସମ୍ପାଦିକା ଜ୍ୟୋସ୍ନାରାଣୀ ପରିଡ଼ା ଓ ଜୟନ୍ତ କୁମାର ସୌରୀ ତଥା ଅନ୍ୟ ଛାତ୍ରଛାତ୍ରୀମାନଙ୍କ ମଧରେ ଉପେନ୍ଦ୍ର ଓଝା, ଚନ୍ଦନ ନାଏକ, କା□କ ସୋ, ମିନତୀ ପୃଷ୍ଟି, ଅଶୋକ ବେହେରା, ରଞ୍ଜନ କୁମାର ପାଣିଗ୍ରାହୀ, ଆରତୀ ବେହେରା, ପ୍ରଭାତୀ ସାହୁ, ଅଶେଷ ଦାସ, ରାଜେଶ ବାରିକ, ଚମ୍ପାବତୀ ନାଏକ, ପ୍ରମୁଖ ସହଯୋଗ କରିଥିଲେ ।

# ବାଲେଶ୍ୱର ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ମିଳିତ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ





ବାଲେଶ୍ୱର (ନି.ପ୍ର.)ଆଜି ସକାଳ ଘ: ୧୦ ଟିକା ସମୟରେ ବାଲେଶ୍ୱର ଜିଲ୍ଲାର ସୋରୋ ପଂଚାୟତ ସମିତି ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ଶ୍ରୀଯୁକ୍ତ ସୂର୍ଯ୍ୟବଂଶୀ ମୟୁର ବିକାଶ ଓ ଆରକ୍ଷୀ ଅଧିକ୍ଷକ ଶ୍ରୀଯୁକ୍ତ ପ୍ରତ୍ୟୁଷ ଦିବାକରଙ୍କ ମିଳିତ ଜନଶୁଣାଣୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ସୋରୋ ପଂଚାୟତ ସମିତି ଅଧୀନସ୍ଥ ବିଭିନ୍ନ ଗ୍ରାମ ପଂଚାୟତରୁ ୧୧୨ ଜଣ ଅଭିଯୋଗକାରୀ ନିଜର ଅଭିଯୋଗ ଫର୍ଦ୍ଦ ଉପସ୍ଥାପନ କରିଥିଲେ । ସେଥି ମଧରୁ ୧୦୩ ଗୋଟି ବ୍ୟକ୍ତିଗତ ଏବଂ ୬ ଗୋଟି ସାମୁହିକ ଅଭିଯୋଗ ସମ୍ପର୍କିତ ହୋଇଥିବା ବେଳେ ୩ ଗୋଟି ମୁଖ୍ୟମନ୍ତ୍ରୀ ସହାୟତା ପାଣ୍ଠି ନିମନ୍ତେ ଆବେଦନ କରିଥିଲେ ଓ ଏହି ମିଳିତ ଜନଶୁଣାଣୀ କାର୍ଯ୍ୟକ୍ରମରେ ୮ ଗୋଟି ଅଭିଯୋଗର ତତକାଳ ସମାଧାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ବାଲେଶ୍ୱର ଜିଲ୍ଲାପାଳ, ଶ୍ରୀଯୁକ୍ତ ସୂର୍ଯ୍ୟବଂଶୀ ମୟୂର ବିକାଶ, ଆରକ୍ଷୀ ଅଧିକ୍ଷକ, ବାଲେଶ୍ୱର, ଶ୍ରୀଯୁକ୍ତ ପ୍ରତ୍ୟୁଷ ଦିବାକର, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶ୍ରୀଯୁକ୍ତ ହେମନ୍ତ ସିଂ, ଉପ ଜିଲ୍ଲାପାଳ, ବାଲେଶ୍ୱର, ଶ୍ରୀଯୁକ୍ତ ଶିବ ମାଲବ୍ୟ, କାର୍ଯ୍ୟ ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ସଂଜୟ କୁମାର ରାଉତ, ମୁଖ୍ୟ ଜିଲ୍ଲା ଚିକିତ୍ସାଧିକାରୀ, ଡ. ପ୍ରଭାତ କୁମାର ବେହେରାଙ୍କ ସମେତ ଜିଲ୍ଲାର ବିଭିନ୍ନ ବିଭାଗୀୟ ପଦାଧିକାରୀମାନେ ଉପସ୍ଥିତ ଥିଲେ ।

# ସ୍ୱର୍ଗତ ମିହିର ମହାପାତ୍ର ଆଉ ନାହାଁନ୍ତି

ବାଲେଶ୍ୱର(ନି.ପ୍ର.) ବାଲେଶ୍ୱର ଜିଲ୍ଲାର ବରିଷ୍ଠ ସାମ୍ବାଦିକ ସ୍ୱର୍ଗତ ମିହିର ମହାପାତ୍ରଙ୍କ ଦେହାନ୍ତ ହୋଇଯାଇଛି । ମୃତ୍ୟ ବେଳକୁ ତାଙ୍କୁ ୬୭ ବୟସ ହୋଇଥିଲା ।୧୭ ତାରିଖ ମଙ୍ଗଳବାର ଭୁବନେଶ୍ୱର ଉତ୍କଳ ହସ୍ପିଟାଲ୍ ରେ ଚିକିତ୍ସା ହେଉଥିବା ସମୟରେ ତାଙ୍କର ଅକାଳ ବିୟୋଗ ଘଟିଥିଲା । ତାଙ୍କ ମର ଶରୀରକୁ ପୁରୀ ସ୍ଥିର ସ୍ୱର୍ଗ ଦ୍ୱାର କୁ ନିଆ ଯାଇ ଶବ ସତ୍କାର କରାଯାଇଥିଲା । ତାଙ୍କ ମୃତ୍ୟ ଖବର ବାଲେଶ୍ୱର ରେ ପ୍ରଚାର ହେବା କ୍ଷଣି ଦିବଂଗତ ସାମ୍ବାଦିକ ସ୍ମୃତି କମିଟି ଓ ଗଣମାଧମ ମନଙ୍କ ପକ୍ଷରୁ ଗଭୀର ଶୋକ ପ୍ରକାଶ କରାଯାଇଛି । ଆୟୋଜିତ ସକାଞ୍ଜଳି କାର୍ଯ୍ୟକର୍ମ ରେ ବରିଷ୍ଠ ସାମ୍ବାଦିକ ବିପ୍ଳବ କୁମାର ମହାନ୍ତି, ରଞ୍ଜନ କୁମାର ବାଗ, ମନୋଜ ବିଶ୍ୱାଳ, ହରିଶଙ୍କର ଜେନା, ସମୀର ଅଚାର୍ଯ୍ୟ, ବଂଶିଧର ଜେନ, କିଶୋର ଦାଶ, ରାଜେନ୍ଦ୍ର ପଟ୍ଟନାୟକ, ଲକ୍ଷ୍ମୀ ନାରାୟଣ ମହାନ୍ତି, ରତିନ୍ଦ୍ର ଛାଟଇ, କଳିଙ୍ଗ ସାହୁ, ରମଣୀ ରଂଜନ ଦାସ, ଆଲୋକ ବାରିକ, ଅଜିତ୍ ମହାନ୍ତି, ଆରୋପ ନାରାୟଣ ମହାନ୍ତି, ବିନାୟକ ମହାପାତ୍ର , ଆଲୋକ ବାରିକ, ନାରାୟଣ ଚନ୍ଦ୍ର ପ୍ରଧନ, ମାନସ କୁମାର ଦତ, ରବି ରାଉତ, ଶିବ ଦାଶ କୁଣ୍ଡୁ, ଜାଦବେସ ମିଶ୍ର, ସନ୍ଦିପ୍ତ ଦାଶ, ସୃଷ୍ଟି ଧର ପରିଡା, ନିର୍ମାଲ୍ୟ ମହାନ୍ତି, ଉଜ୍ଜ୍ୱଳ ଚନ୍ଦ୍ର କର, ଅଭୟ କୁମାର୍ ଦାଶ, ରତିକାନ୍ତ ପାତ୍ର, ଧୀରଜ କୁମାର ଦାସ, ସୀତାରାମ ପାତ୍ର, ବଂଶିଧର ଦଳାଇ, ମଲିଲ୍ଲୁରିହ୍ମାନ୍, ଅଜୀମ ବାଲେଶ୍ୱରୀ, ପଦ୍ମଲୋଚନ ଦତ, ସମ୍ବିଦ କୁମାର୍ ବେହେରା, କମଳାକାନ୍ତ ନାୟକ, ଲୋକନାଥ ପିରି, ଭଗବାନ ଚନ୍ଦ୍ର ଦାସ, ଶିବଶଙ୍କର ଭୋଇ, ସୁରେନ୍ଦ୍ର ମୋହନ୍ ଜେନା, ଶରତ କୁମାର ବାରିକ, ପୂର୍ଣ୍ଣଚନ୍ଦ୍ର ବେହେରା, ତ୍ରିଲୋଚନ ମହାନ୍ତି, ଗଗନ କୁମାର୍ ସେଠୀ, ଦେବବ୍ରତ ପାଣିଗ୍ରାହୀ, ସୁଶାନ୍ତ କୁମାର ଦାଶ, ମହେଶର ପ୍ରଧାନ, ସର୍ବେଶ୍ୱର ଦାଶ, ଅର୍ଦ୍ଧେନ୍ଦୁ କୁମାର୍ ମିଶ୍ର, ତପନ କୁମାର ଦାସ, କାହ୍ନୁ ଦାଶ, ଜୀବନ ନାୟକ ଆସୋତୋଷ ମଲ୍ଲିକ, ପ୍ରସନ୍ନ ଜିତ୍ ଆସ, ଗଙ୍ଗାଧର ରାଉତ, ହାଇଦର ଖାନ୍, ଶେକ୍ ନଜୀମ, ହିଂମାଶୁ କୁମାର୍ ଦାଶ, ସଂଯୁକ୍ତା ରାଣୀ ବେହେରା, ରାଜକିଶୋର ବେହେରା, ଅପର୍ଣ୍ଣା ମହାପାତ୍ର, ଭବେସ ପାଣିଗ୍ରାହୀ, କଞ୍ଚମଣି ସ୍ୱାଇଁ ଉବାଚକ ମହାନ୍ତି, ବ୍ରହ୍ମାନନ୍ଦ ସ୍ୱାଇଁ ଙ୍କ ସମେତ ଗଣ ମାଧମ ପ୍ରତିନିଧି ବୃନ୍ଦ ଶୋକ ପ୍ରକାଶ କରିଛନ୍ତି । ସ୍ୱର୍ଗତ ମିହିର ମହାପାତ୍ର ତାଙ୍କ ଯିବ ଦଶା କାଳରେ ନେତାଜୀ ଜୟନ୍ତୀ କମିଟି, ରାଜୀବ ଗାନ୍ଧୀ ଲକ୍ଟଙ୍କଭ-ୟବସ୍ପସକ୍ଟଭ ପ୍ରେସ୍ କ୍ଲୋବ୍, ପ୍ରେସ ଫୋରମ୍, ଓଡ଼ିଶା କର୍ମ ଯିବି ସାମ୍ବାଦିକ ସଘ, ବାଲେଶ୍ୱର ପ୍ରେସ ଇମ୍ପ୍ରେସ ସଂଗଠନର ସକ୍ରିୟ କର୍ମକର୍ତ୍ତା ଥାଇ ବହୁ କାର୍ଯ୍ୟ କରି ଯାଇଛନ୍ତି । ତାଙ୍କ ବିୟୋଗରେ ତମାମ ଅଂଚଳରେ ଶୋକର ଛାୟା ଖେଳିଯାଇଛି । ସେହିପରି ଓୟୁଜେ ପକ୍ଷରୁ ଗଭୀର ଶୋକ ପ୍ରକାଶ କରାଯାଇଛି । ଏହି ପରିପ୍ରେକ୍ଷୀରେ ରାଜ୍ୟ ସଭାପତି ପ୍ରସନ୍ନ କୁମାର ମହାନ୍ତି, ସଧାରଣ ସମ୍ପାଦକ କିଷାନ ରାଉତ,ଙ୍କ ସମେତ ରାଜ୍ୟ ଶାଖାର ବହୁ ସଦସ୍ୟ, ବାଲେଶ୍ୱର ଜିଲ୍ଲା ଶାଖାର ସଭାପତି ଗଙ୍ଗାଧର ରାଉତ, ଶିଶିର କୁମାର ଦାସ,ସୁରେଶ ଚନ୍ଦ୍ର ଦାସ,କୈଳାସ ଚନ୍ଦ୍ର ଦାସ, ଅନାମ ଚରଣ ପଣ୍ଡା,ରାମନାରାୟଣ ଶତପଥୀ, ଚନ୍ଦ୍ରମୋହନ ମହାପାତ୍ର,ରତିକାନ୍ତ ପାଢ଼ୀ, ଉତ୍କଳବନ୍ଧୁ ପଣ୍ଡା, ସମରେଶ ମଣ୍ଡଳ, ରମାକାନ୍ତ ପଣ୍ଡା,ଲୋକନାଥ ପିରୀ, ତୃପ୍ତିକାନ୍ତ ପାଢ଼ୀ , ଲକ୍ଷ୍ମୀଧର ଗାଣ, ସୋମନାଥ ସାହୁ, ମହେଶ୍ୱର ପ୍ରଧାନ, କହ୍ନେଇ ଚରଣ ପ୍ରଧାନ, ସଞ୍ଜୟ କୁମାର ବେହେରା,ମଦନ ମୋହନ ଦାସ ମହାପାତ୍ର ପ୍ରମୁଖ ଗଭୀର ଶୋକ ପ୍ରକାଶ କରି ସମବେଦନା ଜଣାଇ ଛନ୍ତି ।













ଯେଉଁ ଲୋକ ନିଜର ବନ୍ଧୁଙ୍କୁ ଠକୁଛି ସେ ଜାଣି ଭଗବାନଙ୍କୁ ଠକୁଛି ।

# ଆଜିକାଲି



*କାଶ୍ୟଷ୍ଚ ପରମେଷ୍ୱାସଃ, ଶିଖଣ୍ଡୀ ଚ ମହାରଥଃ
ଧୃଷ୍ଟଦ୍ୟୁମ୍ନୋବିରାଟଷ୍ଚ, ସାତ୍ୟକିଷ୍ଚାପରାଜିତଃ ॥
(ଶ୍ରୀମଦ୍ ଭଗବତ୍ ଗୀତା)*

ଭାବାର୍ଥ : ମହାଧନୁର୍ଦ୍ଧାରୀ କାଶୀରାଜା, ମହାରଥି ଶିଖଣ୍ଡୀ, ଧୃଷ୍ଟଦ୍ୟୁମ୍ନ, ବିରାଟ ରାଜା, ଯୁଦ୍ଧଜୟୀ ସାତ୍ୟକୀ ଏମାନେ ନିଜ ନିଜ ଶଙ୍ଖ ବଜାଇଲେ ।

# ପରିବେଶ ଉପରେ ଅଧିକ ଗୁରୁତ୍ୱ

ରାଜ୍ୟରେ ଜଙ୍ଗଲ ବୃଦ୍ଧି ଓ ବୃକ୍ଷରୋପଣ ଉପରେ ବିଜେପି ସରକାର କ୍ଷମତାକୁ ଆସିବା ପରେ ବର୍ଷକ ମଧ୍ୟରେ ଆଖିଦୃଶିଆ କାର୍ଯ୍ୟକ୍ରମ ଗ୍ରହଣ କରିଛନ୍ତି । ପରିବେଶ ଦିବସରେ ମୁଖ୍ୟମନ୍ତ୍ରୀ ସାରା ରାଜ୍ୟରେ କିଭଳି ଜଙ୍ଗଲ ବୃଦ୍ଧି ପାଇବ ଏବଂ ଅଧିକ ନୂଆ ବୃକ୍ଷରୋପଣ ହେବ ସେଥିପାଇଁ ସରକାର ବିଭିନ୍ନ ଯୋଜନା ପ୍ରସ୍ତୁତ କରିଛି । ଏହି ସମୟରେ ରାଜ୍ୟର ୫୬୦ ବର୍ଗ କିଲୋମିଟର ଜଙ୍ଗଲ ବୃଦ୍ଧି କରାଯାଇଛି । କେବଳ ସେତିକି ନୁହେଁ ଜଙ୍ଗଲ ବୃଦ୍ଧି କ୍ଷେତ୍ରରେ ଓଡ଼ିଶା ଚତୁର୍ଥ ସର୍ବାଧିକ ରାଜ୍ୟ ଭାବେ ପରିଗଣିତ ହୋଇଛି । ଯେଭଳି ପ୍ରତିବର୍ଷ ଜଳବାୟୁ ପ୍ରଦୁ୍ୟଷଣ ହେଉଛି ଏହାର ମୁକାବିଲା କରିବା ପାଇଁ ବୃକ୍ଷରୋପଣ ଅତ୍ୟନ୍ତ ଜରୁରୀ । ଏହି ଦିଗରେ ରାଜ୍ୟ ସରକାର ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରିଛନ୍ତି । ଏ ସଂପର୍କରେ ଏକ ବଡ଼ ଖବର ହେଉଛି ଚଳିତ ବର୍ଷ ୭.୫ କୋଟି ଗଛ ରୋପଣ କରାଯିବ ଏବଂ ଏହାର ରକ୍ଷଣବେକ୍ଷଣ ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ଗ୍ରହଣ କରାଯିବ ଏଏବଂ ଏହାର ରକ୍ଷଣବେକ୍ଷଣ ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ଗ୍ରହଣ କରାଯାଇଛି । ପ୍ରତିବର୍ଷ ରାଜ୍ୟ ସରକାରଙ୍କ ସହ ବିଭିନ୍ନ ଅନୁଷ୍ଠାନ ଓ ସ୍ୱେଚ୍ଛାସେବୀ ମାନେ ୨ କୋଟିରୁ ଅଧିକ ଚାରା ଅର୍ପଣ କରୁଛନ୍ତି । ଏହା ନିଶ୍ଚିତ ଭାବେ ସ୍ୱାଗତଯୋଗ୍ୟ ଏଥିରେ ସନ୍ଦେହ ନାହିଁ । ଏ ଦିଗରେ ଦେଶରେ ଓଡ଼ିଶା କିଭଳି ପ୍ରଥମ ଭାବେ ଆରମ୍ଭ ହେଲା ପ୍ଲାଗ୍-ଅପ୍ ପୋର୍ଟାଲ ଏହା ଦ୍ୱାରା ଅଧିକ ଜଙ୍ଗଲ ସୃଷ୍ଟି ହେବ ଏବଂ ଗଛ ସଂଖ୍ୟା ବଢ଼ିବ । ଅପରପକ୍ଷେ ପ୍ଲାଷ୍ଟିକ ଓ ବିଭିନ୍ନ ଆବର୍ଜନା ରାସ୍ତାଘାଟରେ ଗଦା ହେବା ଉପରେ ମଧ୍ୟ ସରକାର ଅଧିକ ଦୃଷ୍ଟି ଦେଉଛି । ସହର ଓ ଗ୍ରାମାଂଚଳ ରାସ୍ତା ମାନଙ୍କରେ ଗଦାଗଦା ପ୍ଲାଷ୍ଟିକ ପଲିଥିନ ଥିବା ଅଭିଯୋଗ ହୋଇ ଆସୁଛି । ଯଦିଓ କର୍ପୋରେଟ, ମ୍ୟୁନିସିପାଲଟି, ଏନଏସି, ପଂଚାୟତ ସ୍ଥାନରେ ଆବର୍ଜନା ଉଠାଇବା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ରହିଛି ତାହା ମଧ୍ୟ ଠିକ୍ ଭାବେ ହୋଇ ପାରି ନଥିଲା । କିନ୍ତୁ ମୋହନ ସରକାର କ୍ଷମତାକୁ ଆସିବା ପରେ ବର୍ଷକ ମଧ୍ୟରେ ଏ ସମସ୍ୟାର ସମାଧାନ ପାଇଁ ଅହରହ ଉଦ୍ୟମ ଜାରୀ ରଖିଛନ୍ତି । ଶିମିଳିପାଳ ସହ ବିଭିନ୍ନ ଜଂଗଲରେ ଯେଭଳି ବାରମ୍ବାର ଅଗ୍ନିକାଣ୍ଡ ଘଟୁଛି ଏଥିରେ ଗଛଗୁଡ଼ିକ ପୋଡ଼ି ନଷ୍ଟ ହେବା ସ୍ୱାଭାବିକ । ଜଙ୍ଗଲ ସୁରକ୍ଷା ପାଇଁ ସରକାର ଜଙ୍ଗଲ ବିଭାଗ ଜରିଆରେ ସ୍ୱତନ୍ତ୍ର ବ୍ୟବସ୍ଥା ମଧ୍ୟ କରିଛନ୍ତି । ଏଥିପାଇଁ ବହୁ କର୍ମଚାରୀ ମଧ୍ୟ ଜଙ୍ଗଲରେ ନିଯୁକ୍ତ ଅଛନ୍ତି । ବିଶେଷ କରି କୋଣାର୍କ ଓ ପୁରୀ ଭଳି ପର୍ଯ୍ୟଟନ କ୍ଷେତ୍ରରେ ଯେଭଳି ପରିଷ୍କାର ରହିବା ଜରୁରୀ ।

# କପାଳ କ୍ରିୟା

◆ ତ୍ରିନାଥ ଓଝା

ମୃତ୍ୟୁ ଧ୍ରୁବ ସତ୍ୟ । ଯିଏ ଜନ୍ମ ହୋଇଛି ତାର ମୃତ୍ୟୁ ସୁନିଶ୍ଚିତ । ହିନ୍ଦୁ ଧର୍ମରେ ମୃତ୍ୟୁପରେ ମନୁଷ୍ୟର ଶବକୁ ବିଧି ପୂର୍ବକ ଦାହ ସଂସ୍କାର କରାଯାଇଥାଏ । ଏହି ସମୟରେ ଅନେକ ରୀତି ନୀତି ମଧ୍ୟ ପାଳନ କରାଯାଏ । ଏଥି ମଧ୍ୟରୁ ଗୋଟିଏ ପରମ୍ପରା ହେଉଛି କପାଳ କ୍ରିୟା । କପାଳକ୍ରିୟା ଅନୁଯାୟୀ, ଚିତାରେ ଜଳୁଥିବା ଶବର ମୁଣ୍ଡକୁ ତିନିଥର ବାଡ଼ିରେ ମରା ଯାଇଥାଏ । ଗରୁଡ଼ ପୁରାଣ ଅନୁସାରେ, ଶବ ସତ୍କାର ବେଳେ ମଣିଷର ଅନ୍ୟ ଅଙ୍ଗ ଅପେକ୍ଷା ମୁଣ୍ଡରେ ଅଧିକ ଘିଅ ଢ଼ଳାଯାଏ । ମନୁଷ୍ୟ ମସ୍ତିଷ୍କ ଅନ୍ୟ ଅଙ୍ଗ ଠାରୁ ଶକ୍ତ ଥିବାରୁ ଅଧିକ ଘିଅ ଢ଼ାଳିଲେ ତାହା ସମ୍ପୂର୍ଣ୍ଣ ଭାବେ ଜଳିଯିବ । ଏହା ପଛରେ ବିଶ୍ୱାସ ରହିଛି ଯେ, ଯଦି ମସ୍ତିଷ୍କ ଭଲ ଭାବରେ ନ ଜଳେ ତେବେ ଆସନ୍ତା ଜନ୍ମରେ ତା'ର ମସ୍ତିଷ୍କର ପୂର୍ଣ୍ଣ ବିକାଶ ହୋଇପାରେ ନାହିଁ । ଆହୁରି ମଧ୍ୟ ମୁଣ୍ଡକୁ ତିନିଥର ବାଡ଼ିରେ ନ ପିଟିଲେ ମଧ୍ୟ ଆତ୍ମା ମୁକ୍ତି ପାଇ ନଥାଏ ବୋଲି କୁହାଯାଏ । ତେଣୁ ଆତ୍ମାର ସଦଗତି ପାଇଁ କପାଳକ୍ରିୟା କରାଯାଏ । ମାନ୍ୟତା ଅନୁସାରେ ମଣିଷ ଶରୀରର ବିଭିନ୍ନ ଅଙ୍ଗରେ ଦେବଦେବୀ ବାସ କରନ୍ତି । ତେଣୁ କୁହାଯାଏ ଯେ ମସ୍ତିଷ୍କ ହେଉଛି ବ୍ରହ୍ମାଙ୍କ ବାସସ୍ଥଳୀ । ତେଣୁ ଶରୀରକୁ ପୂର୍ଣ୍ଣ ରୂପରେ ମୁକ୍ତି କରିବା ପାଇଁ କପାଳକ୍ରିୟା କରାଯାଏ । ଦାହ ସଂସ୍କାର କ୍ରିୟାକୁ ପୁତ୍ର କରିଥାଏ । ପୁତ୍ର ଜନ୍ମକରି ପିତା ଯେଉଁ ବ୍ରହ୍ମଚର୍ଯ୍ୟ ଭଙ୍ଗ କରିଛନ୍ତି, ସେହି ଋଣରୁ ମୁକ୍ତ ହେବା ପାଇଁ ପୁତ୍ର ଏଭଳି କରିବା ପ୍ରଥା ରହିଛି ।

*ଭାଗବତ ଗାଦି ବଡ଼ଦାଣ୍ଡ, ଧବଳେଶ୍ୱର ଗଡ଼ା, କଟକ, :୯୨୩୮୬୦୨୮୨୫*

# ସାମ୍ବିଧାନିକ ସୁଯୋଗ ଓ ପ୍ରତିନିଧିତ୍ୱ

◆ ଅଧ୍ୟାପକ ଗୋପବନ୍ଧୁ, ଦର୍ଶନ ବିଭାଗ (ଅବସରପ୍ରାପ୍ତ)

ଭାରତୀୟ ସମ୍ବିଧାନ ଉଭୟ ସମାନ ସୁଯୋଗ ଓ ସମାନ ପ୍ରତିନିଧିତ୍ୱ ଉପରେ ଗୁରୁତ୍ୱ ଦିଏ । ସମାନ ସୁଯୋଗ କହିଲେ ସମସ୍ତ ନାଗରିକଙ୍କୁ ନିଜ ବ୍ୟକ୍ତିତ୍ୱର ବିକାଶ ପାଇଁ ସମାନ ସୁଯୋଗ ପ୍ରଦାନ କରେ । ସମାନ ପ୍ରତିନିଧିତ୍ୱ କହିଲେ ସମାଜରେ ଥିବା ବିଭିନ୍ନ ସାମ୍ବିଧାନିକ ଗୋଷ୍ଠୀକୁ ସମାନ ପ୍ରତିନିଧିତ୍ୱ କାରିବାର ସୁଯୋଗ ଦିଏ । ଗୋଟିଏ ପଟେ ଜାତି, ଧର୍ମ, ସମ୍ପ୍ରଦାୟ, ଲିଙ୍ଗ ପ୍ରଭୃତି ଭେଦରେ କୌଣସି ପ୍ରତିବନ୍ଧକ ରଖେ ନାହିଁ । ଅର୍ଥାତ୍ ସମସ୍ତେ ସମାନ ସୁଯୋଗ ପାଆନ୍ତି । ଅନ୍ୟପଟେ ଏହି ସୁଯୋଗକୁ ସଂକୁଚିତ କରାଯାଇ ପାରିବ ଯଦି ଜାତି, ଧର୍ମ, ସମ୍ପ୍ରଦାୟ ଓ ଲିଙ୍ଗ ଭେଦରେ କୌଣସି ଗୋଷ୍ଠୀ ବିକାଶର ଦୌଡରେ ପଛରେ ପଡିଥାନ୍ତି । ସମ୍ବିଧାନର ଏହି ପ୍ରକ୍ରିୟାକୁ ପରସ୍ପରର ବିରୋଧୀ ତତ୍ତ୍ୱ ବୋଲି ଅନେକେ ଯୁକ୍ତି କରିଥାନ୍ତି । ବାସ୍ତବରେ ଏହା ପରସ୍ପରର ବିରୋଧୀ ତତ୍ତ୍ୱ ନୁହେଁ । ଏହା ଗୋଟିଏ ତତ୍ତ୍ୱର ଭିନ୍ନ ଭିନ୍ନ ପ୍ରୟୋଗ । ଏହା ବ୍ୟକ୍ତିକୁ ଯେଉଁପରି ସମାନ ସୁଯୋଗ ପ୍ରଦାନ କରେ, ସେହିପରି ଅନଗ୍ରସର ଗୋଷ୍ଠୀକୁ ମଧ୍ୟ ସମାନ ପ୍ରତିନିଧିତ୍ୱ କାରିବାର ସୁଯୋଗ ପ୍ରଦାନ କରେ । ଆମ ସମ୍ବିଧାନ ସମତାଭିତିକ ସମାଜର ପରିକଳ୍ପନା କରେ । ସମ୍ବିଧାନର ଧାରା ୧୬ ଦେଶର ସମସ୍ତ ନାଗରିକଙ୍କୁ ସମାନ ସୁଯୋଗ ପ୍ରଦାନ କରେ । ଏଥିପାଇଁ ଧର୍ମ, ଜାତି, ସମ୍ପ୍ରଦାୟ, ଲିଙ୍ଗ ପ୍ରଭୃତି ପ୍ରତିବନ୍ଧକ ହୁଏ ନାହିଁ । ଧାରା ୧୪ ରୁ ୧୮ ପର୍ଯ୍ୟନ୍ତ ସମାନତାକୁ ସାମ୍ବିଧାନିକ ଅଧିକାରଭାବେ ସୁନିଶ୍ଚିତ କରାଯାଇଛି । ଏହା ବ୍ୟକ୍ତିଗତ ସମାନତାକୁ ଗୁରୁତ୍ୱ ଦିଏ । ଅନ୍ୟପଟେ ସମ୍ବିଧାନର ଧାରା ୩୪୦, ୩୪୧ ଓ ୩୪୨ ଗୋଷ୍ଠୀଗତ ମାନ୍ୟତା ପ୍ରଦାନ କରେ ଓ ଏହାରି ମାଧ୍ୟମରେ ସମାନତାକୁ ସୁନିଶ୍ଚିତ କରେ । ଧାରା ୩୪୦ ଓବିସି ମାନଙ୍କୁ, ଧାରା ୩୪୧ ଏସସିମାନଙ୍କୁ ଓ ଧାରା ୩୪୨ ଏସଟିମାନଙ୍କୁ ଚିହ୍ନଟ କରେ ଏବଂ ବିଭିନ୍ନ କ୍ଷେତ୍ରରେ ସମାନ ପ୍ରତିନିଧିତ୍ୱର ସୁଯୋଗ ପ୍ରଦାନ କରେ । ଏହା କେବଳ ରାଜନୀତି କ୍ଷେତ୍ରରେ ସମାନ ପ୍ରତିନିଧିତ୍ୱର ସୁଯୋଗ ତିଆରି କରେ ତାହା ନୁହେଁ, ଏହା ସହିତ ଚାକିରୀ ଓ ଶିକ୍ଷା କ୍ଷେତ୍ରରେ ମଧ୍ୟ ସମାନ ପ୍ରତିନିଧିତ୍ୱର ବ୍ୟବସ୍ଥା କରେ । ସମ୍ବିଧାନ ଗୋଟିଏ ପଟେ ବ୍ୟକ୍ତିଗତ ସମାନତା ପ୍ରଦାନ କରୁଥିବା ବେଳେ ଅନ୍ୟପଟେ ଗୋଷ୍ଠୀଗତ ସମାନତାକୁ ମଧ୍ୟ ଗୁରୁତ୍ୱ ଦିଏ । ଏହା ପରସ୍ପରର ବିରୋଧୀ ନୁହେଁ, ବରଂ ପରସ୍ପରର ପରିପୂରକ । ବ୍ୟକ୍ତିର ବ୍ୟକ୍ତିତ୍ୱର ବିକାଶ ସହିତ ସାମାଜିକ ବିକାଶର ଏକ ମିଳିତ ପ୍ରଚେଷ୍ଟା । ସାମାଜିକ ଅସମାନତାରୁ ବିଭିନ୍ନ ସାମ୍ବିଧାନିକ ଗୋଷ୍ଠୀ ତିଆରି ହୋଇଛି । ଏଗୁଡ଼ିକ ହେଉଛି ଏସଟି, ଏସସି ଓ ଓବିସି । ଏହି ଗୋଷ୍ଠୀଗୁଡିକର ପରିଚୟ ହେଉଛି ଏମାନେ ଅନଗ୍ରସର ବର୍ଗର । ବିଭିନ୍ନ ପ୍ରକାର ସାମାଜିକ ସ୍ଥିତି ଓ ତାରତମ୍ୟକୁ ନେଇ ଏହି ପ୍ରକାର ବର୍ଗର ସୃଷ୍ଟି ହୋଇଛି । ଜାତିବ୍ୟବସ୍ଥା ଭାରତୀୟ ସମାଜର ଜଟିଳ ସୃଷ୍ଟି । ଏହା ସାମାଜିକ, ଧାର୍ମିକ, ପାରମ୍ପରିକ ଓ ଆର୍ଥିକ ଚେତନାର ମିଳିତ ପରିପ୍ରକାଶ । ଯାହା ସାମାଜିକ ବିଭେଦକୁ ଚିରନ୍ତନ କରିଛି । ସ୍ୱାଧୀନୋତର ଭାରତରେ ଏହି ବିଭେଦକୁ ହଟାଇବାରେ ଗୋଟିଏ ପ୍ରଭାବଶାଳୀ ମାଧ୍ୟମ ହେଉଛି ଗୋଷ୍ଠିଗତ ସାମ୍ୟତା ସ୍ଥାପନ । ଅର୍ଥାତ ବିକାଶ ଦୃଷ୍ଟିରୁ ଅନଗ୍ରସର ବର୍ଗ ଓ ଅଗ୍ରସର ବର୍ଗ ମଧ୍ୟରେ ସମାନତା ସ୍ଥାପନ । ଦେଶରେ ଯଦି ଜାତିବ୍ୟବସ୍ଥା ନଥାନ୍ତା ଓ ଏହାକୁ ନେଇ ସାମାଜିକ ତାରତମ୍ୟ ସୃଷ୍ଟି ହୋଇନଥାନ୍ତା ତେବେ ଗୋଷ୍ଠୀଗତ ସମାନତାର ଆବଶ୍ୟକତା ନଥାନ୍ତା । ପୃଥିବୀର ଅନ୍ୟାନ୍ୟ ରାଷ୍ଟ୍ର ତୁଲ୍ୟ ଭାରତରେ ଜାତିବିହୀନ ସମାଜ ଥିଲେ ଧାରା ୩୪୦ ରୁ ୩୪୨ ପର୍ଯ୍ୟନ୍ତ ଆବଶ୍ୟକତା ପଡ଼ନ୍ତା ନାହିଁ । ସମ୍ବିଧାନରେ ଯଦି ଗୋଷ୍ଠୀଗତ ସମାନତା ସ୍ଥାପନ ପାଇଁ ବ୍ୟବସ୍ଥା ନଥାନ୍ତା ତେବେ ଭାରତୀୟ ସମାଜ କ୍ରମେ ଅଧିକରୁ ଅଧିକ ଅସନ୍ତୁଳିତ ହୋଇଯାଆନ୍ତା । ଦେଶର ସମସ୍ତ ସୁବିଧା ସୁଯୋଗ ଅଗ୍ରସର ବର୍ଗ ହାତକୁ ଚାଲିଯାଆନ୍ତ । ଅନଗ୍ରସର ବର୍ଗ ଆହୁରି ତଳକୁ ଚାଲିଯାଆନ୍ତା । ଅନଗ୍ରସର ବର୍ଗରୁ ଆସୁଥିବା ବ୍ୟକ୍ତିବିଶେଷ କଦାପି ଅଗ୍ରସର ବର୍ଗର ବ୍ୟକ୍ତିବିଶେଷଙ୍କ ସହିତ ପ୍ରତିଯୋଗିତା କରିପାରନ୍ତେ ନାହିଁ । ହୁଏତ ଦୁଇଚାରି ଜଣ ପ୍ରତିଯୋଗୀତାକୁ ଆସନ୍ତେ, କିନ୍ତୁ ବିରାଟ ସମୁଦାୟ ପୂର୍ବପରି ପଛରେ ପଡିଥାଆନ୍ତା । ଆଜି ଅନଗ୍ରସର ବର୍ଗରୁ ଯେଉଁ କେତେକେ ମୁଖ୍ୟ ସ୍ରୋତକୁ ଆସିବାର ସୁଯୋଗ ପାଇଛନ୍ତି ତାହା ସମ୍ଭବପର ହୁଅନ୍ତା ନାହିଁ । ଏବେବି ସମାଜରେ ଗୋଷ୍ଠୀଗତ ସମାନତା, ଅର୍ଥାତ ଅଗ୍ରସର ଓ ଅନଗ୍ରସର ବର୍ଗ ମଧ୍ୟରେ ସମାନତା ଆସିଛି ବୋଲି କୁହାଯାଇ ପାରିବ ନାହିଁ । ହୁଏତ ରାଜନୀତି କ୍ଷେତ୍ରରେ ଅନୁସୂଚୀତ ବର୍ଗ ସମାନ ପ୍ରତିନିଧିତ୍ୱ କରିବାର ସୁଯୋଗ ପାଉଛନ୍ତି ସଂରକ୍ଷିତ ଆସନରୁ ନିର୍ବାଚନ ଲଢ଼ି, କିନ୍ତୁ ପ୍ରକୃତ ନେତୃତ୍ୱ ଏମାନଙ୍କ ହାତରେ ନାହିଁ । ଓବିସିମାନେ ବିଭିନ୍ନ ରାଜ୍ୟରେ ନିଜସ୍ୱ ନେତୃତ୍ୱ ନିର୍ମାଣରେ କିଛି ମାତ୍ରାରେ ସଫଳ ହୋଇଛନ୍ତି । ଏଯାଏଁ ଦେଶରେ ଅନଗ୍ରସର ବର୍ଗଙ୍କ ମିଳିତ ନେତୃତ୍ୱ ତିଆରି ହୋଇନାହିଁ । ରାଜନୈତିକ କ୍ଷମତା ଦୃଷ୍ଟିରୁ ଏମାନେ ଏଯାଏଁ ସମାନ ଭାଗିଦାରୀରୁ ପଛରେ ଅଛନ୍ତି । ଚାକିରୀ ଓ ଶିକ୍ଷା କ୍ଷେତ୍ରରେ ଏସଟି, ଏସସି ଓ ଓବିସିମାନେ ଏଯାଏଁ ସମାନ ଭାଗିଦାରୀ ହୋଇପାରି ନାହାଁନ୍ତି । ଉଚ୍ଚ ସାଧାରଣ ଓ ବୈଷୟିକ ଶିକ୍ଷା କ୍ଷେତ୍ରରେ ଏମାନେ ଏବେବି ପଛରେ ପଡ଼ିଛନ୍ତି । ଡାକ୍ତରୀ ଓ ଇଞ୍ଜିନିୟରିଂ ତଥା ବିଶ୍ୱବିଦ୍ୟାଳୟ ସ୍ତରୀୟ ଉଚ୍ଚ ଶିକ୍ଷା କ୍ଷେତ୍ରରେ ଏମାନଙ୍କ ସଂଖ୍ୟାର ପରିସଂଖ୍ୟାନ କଲେ ଜଣାପଡ଼ିଯିବ ଏମାନେ ସମାନ ଭାଗିଦାରୀଠାରୁ କେତେ ତଳେ ଅଛନ୍ତି । ସଂରକ୍ଷଣ ସୁବିଧା ସତ୍ତ୍ୱେ ଏମାନେ ସମତୁଲ୍ୟ ଅବସ୍ଥାକୁ ଆସିପାରି ନାହାଁନ୍ତି । ସେହିପରି ଚାକିରୀ କ୍ଷେତ୍ରରେ ମଧ୍ୟ ସମାନ ଅବସ୍ଥା । ଅନୁସୂଚୀତ ବର୍ଗ ଓ ଓବିସି ବର୍ଗର କେତେ ଜଣ ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀ ଚାକିରୀରେ ଅଛନ୍ତି ତାହାର ମଧ୍ୟ ହିସାବ କରାଯାଇ ପାରିବ । ଏ କ୍ଷେତ୍ରରେ ମଧ୍ୟ ନୈରାଶ୍ୟ ଜନକ ଅବସ୍ଥା । କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଗୁଡିକରେ ଏମାନଙ୍କ ପ୍ରତିନିଧିତ୍ୱ ଅତ୍ୟନ୍ତ ହତାଶା ଜନକ । ଓଡ଼ିଶାରେ ଡାକ୍ତର ନିଯୁକ୍ତି କ୍ଷେତ୍ରରେ ଅନୁସୂଚୀତ ବର୍ଗର ପ୍ରାର୍ଥୀଙ୍କ ଅଭାବ ପରିଲକ୍ଷିତ ହେଉଛି । ଓଜେଏସ୍ ପରୀକ୍ଷା ଫଳ ଆହୁରି ଦୟନିୟ । ଅନଗ୍ରସର ବର୍ଗଙ୍କ ଅନଗ୍ରସରତାର କାରଣ ବହୁ ପୂରାତନ । ହଜାର ହଜାର ବର୍ଷର ସାମାଜିକ ଓ ଅର୍ଥନୈତିକ ତାଡନାର ଫଳ । ଜଣେ ବ୍ୟକ୍ତିର ବ୍ୟକ୍ତିତ୍ୱ ଅନେକାଂଶରେ ତାର ପରିବେଷ୍ଟିତ ସାମାଜିକ ଅବସ୍ଥାର ପ୍ରଭାବ ଦ୍ୱାରା ନିୟନ୍ତ୍ରିତ ହୁଏ । ବ୍ୟକ୍ତିତ୍ୱର ବିକାଶରେ ସମାଜର ପ୍ରଭାବକୁ ଅସ୍ୱୀକାର କରାଯାଇ ପାରିବ ନାହିଁ । ଯେଉଁମାନେ ଦୀର୍ଘ ସମୟ ଧରି ସାମାଜିକ ଓ ଆର୍ଥିକଭାବେ ତଳେ ପଡ଼ିଛନ୍ତି ସେମାନେ ଏତେଶୀଘ୍ର ବ୍ୟକ୍ତିତ୍ୱର ପ୍ରତିଯୋଗୀତାରେ ସମତୂଲ୍ୟ ହୋଇ ପାରିବେ ନାହିଁ । ତେଣୁ ସମସ୍ତଙ୍କୁ ସମାନ ସମାନତାର ସୁଯୋଗ ଅନଗ୍ରସର ବର୍ଗ ପାଇଁ ଲାଭଦାୟକ ହେବ ନାହିଁ । ବରଂ ଏହା ବିଷମ ସମାଜକୁ କ୍ଷୀପ୍ରତର କରିବ । ଯେଉଁଦିନ ଅନଗ୍ରସର ବର୍ଗ ଶିକ୍ଷା, ଚାକିରୀ, ରାଜନୀତି ଓ ଆର୍ଥିକ ସ୍ଥିତି ଦୃଷ୍ଟିରୁ ସଂଖ୍ୟାନୁପାତିକ ପ୍ରତିନିଧିତ୍ୱ କରିବାର ସୁଯୋଗ ପାଇବେ ସେହିଦିନଠାରୁ ଏ ସମସ୍ତ ବର୍ଗର ଆବଶ୍ୟକତା ପଡିବ ନାହିଁ । ଏପରି ପରିସ୍ଥିତିରେ ସମାନ ପ୍ରତିନିଧିତ୍ୱର ପ୍ରଶ୍ନ ମଧ୍ୟ ଉଠିବ ନାହିଁ । ତେଣୁ ଆମ ସମ୍ବିଧାନ ସମାନ ସୁଯୋଗ ଓ ସମାନ ପ୍ରତିନିଧିତ୍ୱର ଏକ ସୁନ୍ଦର ସମନ୍ୱୟ ।

*ବାରିପଦା, ମୟୂରଭଞ୍ଜ, ମୋ. ୭୦୦୮୯୭୬୧୮୦*

# ଭିତିଭୂମି ନିର୍ମାଣ ସମୁଦ୍ର ଉପକୂଳ ପାଇଁ ନୂଆ ସଙ୍କଟ

◆ ବିପିନ ବିହାରୀ ରାଉତ



ନଦୀ ନାଳ ଦ୍ୱାରା ସମୁଦ୍ରକୁ ବିଭିନ୍ନ ପ୍ରକାର ପଥର, ଗୋଡ଼ି, ପଙ୍କ ପ୍ରବାହିତ ହୋଇ ଆସେ । ସମୁଦ୍ରକୁ ପାଣି ଯାଉଥିବା ବେଳେ ଏ ସବୁ କଠିନ ପଦାର୍ଥ ସମୁଦ୍ର ଢ଼େଉରେ ଭାସି ଆସି କୂଳରେ ସମାନ ଭାବେ ଜମା ହୁଏ । ଏହି କଠିନ ପ୍ରାକୃତିକ ବର୍ଜ୍ୟ ଉପକୂଳରେ ଏକ ପ୍ରାକୃତିକ ସୁରକ୍ଷା ପାଚେରୀ ତିଆରି କରିଥାଏ । କିନ୍ତୁ କିଛି ବର୍ଷ ହେଲା ସମୁଦ୍ର କୂଳରେ ନିର୍ମାଣ ଓ ନଦୀର ଉପରମୁଣ୍ଡରେ ଜଳକୁ ଅବରୋଧ କରିବା ଦ୍ୱାରା ଏ ବ୍ୟବସ୍ଥା ପ୍ରଭାବିତ ହୋଇଛି । ନଦୀ ନାଳରେ ଠିକ ସମୟରେ ପାଣି ଆସୁନାହିଁ ଫଳରେ ପ୍ରାକୃତିକ କଠିନ ବର୍ଜ୍ୟ ମଧ୍ୟ ଆବଶ୍ୟକ ପରିମାଣରେ ଆସୁନାହିଁ । ଏହାଛଡ଼ା ସମୁଦ୍ର କୂଳରେ ବିଭିନ୍ନ ନିର୍ମାଣ କାମ ପାଇଁ କଠିନ ବର୍ଜ୍ୟ ସମତୁଲ ଭାବେ ସମୁଦ୍ର କୂଳରେ ଜମା ହୋଇପାରୁ ନଥିବାରୁ କେଉଁଠି ଅତ୍ୟଧିକ ଜମା ହୋଇ ରହୁଛି ତ ଆଉ କେଉଁଠି ଢ଼େଉ ସାଂଘାତିକ କୂଳ ଖାଉଛି ଯାହା ଉପକୂଳ ସୁରକ୍ଷା ପାଇଁ ସଙ୍କଟ ସୃଷ୍ଟି କରୁଛି । ନେଦରଲ୍ୟାଣ୍ଡର ପରିବେଶ ବିଜ୍ଞାନ ସମ୍ପର୍କିତ ପ୍ରତିଷ୍ଠିତ ସାଇନ୍ସ ଅଫ ଦି ଟୋଟାଲ ଏନଭାଇରନମେଂଟ ପତ୍ରିକାରେ ପ୍ରକାଶ ପାଇଛି । ବିଭିନ୍ନ ସ୍ଥାନରେ ବର୍ତମାନ ଅବକ୍ଷୟର ହଟସ୍ପଟ ଚିହ୍ନଟ ହୋଇଛି । ବଡ଼ କଥା ହେଉଛି ଯେ ଏହି ପ୍ରକ୍ରିୟା ମଧ୍ୟରେ ନଦୀଗୁଡ଼ିକ ମଧ୍ୟ ପ୍ରଭାବିତ ହେଉଥିବା ଜଣାପଡ଼ିଛି । ଯାହାର ପ୍ରଭାବ ସ୍ୱରୂପ କିଛି ମାସ ପୂର୍ବେ ଋଷିକୂଲ୍ୟା ନଦୀରେ ଏକ ନୂଆ ମୁହାଣ ସୃଷ୍ଟି ହୋଇ ସାରିଛି । ଗବେଷଣାରେ କୁହାଯାଇଛି ଯେ ମହାନଦୀ ଉପରମୁଣ୍ଡ ସହିତ ରାଜ୍ୟର ବିଭିନ୍ନ ନଦୀ ଉପରମୁଣ୍ଡରେ ଡ୍ୟାମ ଓ ଅନ୍ୟ କାର୍ଯ୍ୟ ପାଇଁ ସମୁଦ୍ର ପାଣିକୁ ଆସିବା କମ ହୋଇଯାଉଛି । ଏହାଦ୍ୱାରା ଗତ ୨୦-୩୦ ବର୍ଷ ମଧ୍ୟରେ ସମୁଦ୍ରକୁ ପାଣି ଓ ସେଡିମେଂଟ ଆସିବା ମଧ୍ୟ କମ ହୋଇଯାଇଛି । ଏହା ପ୍ରଭାବରେ ରାଜ୍ୟର ବିଭିନ୍ନ ସମୁଦ୍ର ଉପକୂଳ ଅବକ୍ଷୟ ହେବାରେ ଲାଗିଛି ବୋଲି ରିପୋର୍ଟରେ ଦର୍ଶାଯାଇଛି । ଏରି ରିସର୍ଚ୍ଚରେ ସାମିଲ ଥିବା ଫକୀର ମୋହନ ବିଶ୍ୱବିଦ୍ୟାଳୟର ଜିଓଗ୍ରାଫି ବିଭାଗର ପ୍ରଫେସର ମନୋରଞ୍ଜନ ମିଶ୍ର କହିଛନ୍ତି ଯେ ଏଥିରେ ମୁଖ୍ୟତଃ ବନ୍ଦର ଅଂଚଳ ଗୁଡ଼ିକ ଅଧିକ ପ୍ରଭାବିତ ହେଉଥିବା ଜଣା ପଡ଼ିଛି । ରାଜ୍ୟରେ ଥିବା ୩ଟି ବନ୍ଦର ମଧ୍ୟରୁ ବର୍ତମାନ ପାରାଦ୍ୱୀପ ଓ ଗୋପାଳପୁର ବନ୍ଦରର ଏହାର ପ୍ରଭାବ ଦେଖା ଦେଇ ସାରିଛି । ସେ କହିଛନ୍ତି ଯେ ବନ୍ଦର ନିର୍ମାଣ ପାଇଁ ପ୍ରଥମେ ସମୁଦ୍ର ଢ଼େଉର ପ୍ରତିକାର ପାଇଁ ଏକ ଲମ୍ବା କଂକ୍ରିଟ ଭିତି (ଷ୍ଟ୍ରକଚର) ନିର୍ମାଣ କରାଯାଉଛି । ଏହି ଲମ୍ବା ଭିତିଟି ସମୁଦ୍ର ଢ଼େଉକୁ ପ୍ରତିରୋଧ କରୁଛି । ଏହି ଲମ୍ବା ଭିତି ଯୋଗୁଁ ଯେଉଁ ସେଡିମେଂଟ ଗୁଡ଼ିକ ସମାନ ଭାବେ ବାଂଟି ହୋଇଯିବା କଥା ଏହି ଷ୍ଟ୍ରକଚର ଯୋଗୁଁ ସେହି ସ୍ଥାନରେ ଏହା ଉପକୂଳକୁ ଆସିପାରୁନାହିଁ । ତେବେ ଯେଉଁ ସ୍ଥାନରେ ଏହି ବାଧା ସୃଷ୍ଟି ହେଉଛି, ଏହାର ଦକ୍ଷିଣ ଦିଗରେ ଏହି ସମସ୍ତ ସେଡିମେଂଟଗୁଡ଼ିକ ଗଦା ହେଉଛି । ମାତ୍ର ଏହାର ଉତର ଦିଗରେ ବ୍ୟାପକ ଭାବେ ସମୁଦ୍ର ଅବକ୍ଷୟ ହେବାରେ ଲାଗିଛି ବୋଲି ଜଣାପଡ଼ିଛି । ଯାହାର ଉଦାହରଣ ସ୍ୱରୂପ ପାରାଦ୍ୱୀପର ଉତର ଅର୍ଥାତ ସାତଭାୟାରେ ସମୁଦ୍ର କୂଳ ଲଙ୍ଘିବା ସହିତ ଏଠାରେ ଅବକ୍ଷୟ ହୋଇ ଚାଲିଛି । ସମାନ ଭାବେ ଗୋପାଳପୁର ବନ୍ଦରର ଦକ୍ଷିଣ ଅର୍ଥାତ୍ ଟୁରିଷ୍ଟ ବିଚ ନିକଟସ୍ଥ ଅଂଚଳରେ ସେଡିମେଂଟ ଗଦା ହୋଇ ଚାଲିଥିବାବେଳେ ବନ୍ଦରର ଉତର ଭାଗ ଅର୍ଥାତ୍ ପୋଡମପେଟାରେ କୂଳ ଅବକ୍ଷୟ ହେଉଛି । ଏହି ଅବକ୍ଷୟ ଫଳରେ ସେଉଁ ସେଡିମେଂଟ ସବୁ ସମୁଦ୍ରକୁ ଆସୁଛି ତାହା ବର୍ତମାନ ଋଷିକୂଲ୍ୟା ମୁହାଣ ନିକଟରେ ଗଦା ହେଉଛି । ଯାହାଫଳରେ ଏହି ମୁହାଣରୁ ସମୁଦ୍ରକୁ ଠିକ ଭାବେ ପାଣି ଆସ ନପାରି ଋଷିକୂଲ୍ୟାରେ ଆଉ ଏକ ମୁହାଣ ଖୋଲିଛି ଓ ସେଠାରୁ ସମୁଦ୍ରକୁ ପାଣି ପ୍ରବେଶ କରିଛି । ବର୍ତମାନ ଯେଉଁ ମୁହାଣ ଦେଇ ପାଣି ସମୁଦ୍ରରେ ମିଶୁଛି, ସେଠାରେ ବିରଳ ଅଲିଭରିଡଲେ କଇଁଛ ଗଣ ଅଣ୍ଡାଦାନ କରିଥାନ୍ତି । ବର୍ତମାନ ଏହି ପ୍ରକ୍ରିୟାରେ ମଧ ବାଧା ସୃଷ୍ଟି ହେବ ବୋଲି ପ୍ରଫେସର ମିଶ୍ର କହିଛନ୍ତି । ତେଣୁ ରାଜ୍ୟର ଯେକୌଣସି ସ୍ଥାନର ବନ୍ଦର କିମ୍ବା ଅନ୍ୟ କୌଣସି ଭିତିଭୂମି ବିକାଶ ପାଇଁ ଚିନ୍ତା କରାଗଲେ ସରକାର ଆଖପାଖ ଗାଁ ଓ ଅନ୍ୟ ଦିଗ ପ୍ରତି ଗୁରୁତ୍ୱ ଦେବା ଆବଶ୍ୟକତା ରହିଛି ବୋଲି ରିପୋର୍ଟରେ ଦର୍ଶାଯାଇଛି । ଏହି ଦୁଇଟି ବନ୍ଦର ପାଇଁ ସମସ୍ୟା ସୃଷ୍ଟି ହୋଇ ସାରିଥିବା ବେଳେ ଧାମରାରେ ଏହି ସମସ୍ୟା ବର୍ତମାନ ପର୍ଯ୍ୟନ୍ତ ଦେଖାଯାଇ ନାହିଁ । ଧାମରା ବନ୍ଦର ପାଇଁ ସମୁଦ୍ର ମଧ୍ୟରେ ଥିବା ଦୀପ ବରଦାନ ସାବ୍ୟସ୍ତ ହୋଇଛି । ପ୍ରାକୃତିକ ଉପାୟରେ ସମୁଦ୍ର ଲହଡି ଦୀପରେ ମାଡ଼ ହେଉଥିବାରୁ ବନ୍ଦର ପାଇଁ ବିଶେଷ ସମସ୍ୟା ସୃଷ୍ଟି ହେଉ ନଥିବା ଏହି ରିପୋର୍ଟରେ କୁହାଯାଇଛି । ଅନ୍ୟପଟେ ଯେଉଁ ସ୍ଥାନ ଗୁଡ଼ିକରେ ଅବକ୍ଷୟ ହେଉଛି, ସେଠାରେ ବାରମ୍ବାର ବାଲି ଫିଲିଂ ହେବା ଆବଶ୍ୟକତା ରହିଛି । ଆମେ ସମସ୍ତେ ସଚେତନ ହୋଇ ପରିବେଶକୁ ଭଲ ପାଇବା ଅତ୍ୟନ୍ତ ଜରୁରୀ ।

*ଶ୍ରୀବିହାର କଲୋନୀ, କଟକ, : ୯୪୩୭୬୬୬୪୫୩*

# ଭୋଜନ ନିୟମ

◆ ଗିରିଧାରୀ ସାମଲ

ଜୀବନରେ ଖାଦ୍ୟ ବିନା କେହି ବି ବଂଚ୍ଚି ପାରିବେନାହିଁ । ଭୋଜନ ସମୟରେ ଦିଗ ଉପରେ ବିଶେଷ ଧ୍ୟାନ ଦେବା ଉଚିତ । ଏହା ନକଲେ ଆପଣଙ୍କ ସ୍ୱାସ୍ଥ୍ୟ ବିଗିଡ଼ି ଯାଇପାରେ । ବାସ୍ତୁ ନିୟମ ଅନୁସାରେ କେବେ ବି ଦକ୍ଷିଣ ଦିଗକୁ ମୁହଁ କରି ଭୋଜନ କରନ୍ତୁ ନାହିଁ । କାରଣ ଏହାକୁ ଯମ ଦିଗ ବୋଲି ମନେ କରାଯାଏ । ଏହି ଦିଗକୁ ମୁହଁ କରି ଖାଦ୍ୟ ଗ୍ରହଣ କରିବା ଦ୍ୱାରା ଆୟୁ ହ୍ରାସ ପାଇଥାଏ । ସେହିପରି ପଶ୍ଚିମ ଦିଗକୁ ମୁହଁ କରି ଭୋଜନ ଗ୍ରହଣ କରିବା ଦ୍ୱାରା ଗମ୍ଭୀର ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି ହୋଇପାରେ ।

*ବିଛଣାରେ ବସି ଭୋଜନ କରନ୍ତୁନି :* ବହୁ ଲୋକ ପ୍ରାୟ ସମୟରେ ବେଡ଼ ଉପରେ ବସି ଖାଦ୍ୟ ଖାଇଥାନ୍ତି । କିନ୍ତୁ ବାସ୍ତୁ ଅନୁଯାୟୀ ଏହା ସଂପୂର୍ଣ୍ଣ ଭାବରେ ଅନୁଚିତ । ଏପରି କରିବା ଦ୍ୱାରା ଅନ୍ନର ଅପମାନ ହୋଇଥାଏ ଓ ଲକ୍ଷ୍ମୀ ରୁଷ୍ଟ ହୋଇଥାନ୍ତି । ଫଳରେ ଘରେ ଆର୍ଥିକ ସମସ୍ୟା ସୃଷ୍ଟି ହୋଇଥାଏ । ଆୟୁ ତୁଳନାରେ ବ୍ୟୟ ବଢ଼ିଥାଏ । ଫଳରେ ବ୍ୟକ୍ତି ଋଣ କରିବାକୁ ବାଧ ହୋଇଥାଏ । ଅଭ୍ୟାସ ନ ବଦଳାଇଲେ ଏହି ଋଣ ବୋଝ ବଢ଼ି ବଢ଼ି ଚାଲେ ।

*ଉତରମୁହାଁ ଭୋଜନ କରନ୍ତୁ :* ଉତର ଓ ପୂର୍ବ ଦିଗକୁ ମୁହଁ କରି ଭୋଜନ କରିବା ଅତି ଉତମ ହୋଇଥାଏ । ଏହି ଦୁଇ ଦିଗକୁ ଦେବ ଦିଶା ମନେ କରାଯାଏ । ତେଣୁ ଏହି ଦିଗକୁ ମୁହଁ କରି ଭୋଜନ କରିବା ଦ୍ୱାରା ମା'ଲକ୍ଷ୍ମୀ ପ୍ରସନ୍ନ ହୋଇଥାନ୍ତି । ଫଳରେ ଘରେ ଆର୍ଥିକ ସମସ୍ୟା କେବେ ବି ଦେଖାଯାଏ ନାହିଁ । ପରିବାରରେ ଶାନ୍ତି ଓ ସହାବସ୍ଥାନ ବଜାୟ ରହିଥାଏ ।



*ହଜମ ଶକ୍ତି ଭଲ ରହିଥାଏ :* ପୂର୍ବ ଦିଗକୁ ମୁହଁ କରି ଖାଦ୍ୟ ଖାଇବା ଆଧ୍ୟାତ୍ମିକ ଦୃଷ୍ଟିରୁ ଶୁଭ ହୋଇଥିବା ବେଳେ ସ୍ୱାସ୍ଥ୍ୟ ଦୃଷ୍ଟିରୁ ମଧ୍ୟ ଲାଭଦାୟକ ହୋଇଥାଏ । ଏହି ଦିଗକୁ ମୁହଁ କରି ଭୋଜନ କରିବା ଦ୍ୱାରା ହଜମ ଶକ୍ତି ଭଲ ରହିଥାଏ । ଖାଦ୍ୟ ଠିକ ଭାବରେ ହଜମ ହେବାରୁ ଶରୀର ବି ସୁସ୍ଥ ରହିଥାଏ ।

*ମାଟିପାତ୍ର ଶୁଭଦାୟକ :* ଶାସ୍ତ୍ରରେ ମାଟିପାତ୍ରକୁ ବହୁତ ପବିତ୍ର ଓ ଶୁଭଦାୟକ ମନେ କରାଯାଏ । ମାଟି ପାତ୍ରରେ ଖାଦ୍ୟ ପ୍ରସ୍ତୁତ କରିବା ଓ ଖାଇବା ଦ୍ୱାରା ଶରୀରକୁ ୧୦୦ ପ୍ରତିଶତ ପୋଷକତତ୍ୱ ମିଳିଥାଏ । ସ୍ୱାସ୍ଥ୍ୟ ଲାଭ ସହିତ ସୌଭାଗ୍ୟ ପ୍ରାପ୍ତି ବି ହୋଇଥାଏ ।

*ଥାଳିରେ ଖାଦ୍ୟ ଛାଡ଼ିବା ଅନୁଚିତ :* ଥାଳିରେ ସେତିକି ଖାଦ୍ୟ ନିଅନ୍ତୁ ଯେତିକି ଆପଣ ଖାଇପାରିବେ । ଥାଳିରେ ଖାଦ୍ୟ ଛାଡ଼ିବା ଦ୍ୱାରା ଅନ୍ନର ଅପମାନ ହୋଇଥାଏ । ଫଳରେ ମା'ଲକ୍ଷ୍ମୀ ରୁଷ୍ଟ ହୋଇଥାନ୍ତି । ଏହାଦ୍ୱାରା ଘରେ ଧନ ଓ ଅନ୍ନର ଅଭାବ ଦେଖାଦେଇଥାଏ । ବ୍ୟକ୍ତି କାଙ୍ଗାଳ ବି ହୋଇ ଯାଇପାରେ ।

*ଛିଡ଼ା ହୋଇ ଭୋଜନ କରନ୍ତୁନି :* ବ୍ୟକ୍ତି ସୁଖାସନ ଅବସ୍ଥାରେ ଖାଦ୍ୟ ଗ୍ରହଣ କରିବା ଉଚିତ । କେବେ ବି ଛିଡ଼ା ହୋଇ କିମ୍ବା ଅନ୍ୟ କୌଣସି ଅବସ୍ଥାରେ ଖାଦ୍ୟ ଗ୍ରହଣ କରିବା ଅନୁଚିତ । ଏପରି କରିବା ଦ୍ୱାରା ସ୍ୱାସ୍ଥ୍ୟ ଉପରେ ଖରାପ ପ୍ରଭାବ ପଡ଼ିଥାଏ । ସେହିପରି ଖାଦ୍ୟ ଗ୍ରହଣ ପୂର୍ବରୁ ହାତଯୋଡ଼ି ଦେବୀ ଦେବତାଙ୍କୁ ସ୍ମରଣ କରି ଭୋଜନ ଲାଗି ଧନ୍ୟବାଦ ଜଣାନ୍ତୁ ।

*ତିନିଥର କାଢ଼ି ଦିଅନ୍ତୁ :* ଭୋଜନ ଗ୍ରହଣ କରିବା ପୂର୍ବରୁ ଥାଳିରୁ ତିନିଥର ଅଳ୍ପ ଅଳ୍ପ ଖାଦ୍ୟ କାଢ଼ି ରଖନ୍ତୁ । ଏହାକୁ ଗାଇ, କୁକୁର ଓ କାଉକୁ ଖାଇବାକୁ ଦିଅନ୍ତୁ । କୁହାଯାଏ ଏହା ପରୋକ୍ଷରେ ବ୍ରହ୍ମା, ବିଷ୍ଣୁ ଓ ମହେଶ୍ୱରଙ୍କ ଉଦ୍ଦେଶ୍ୟରେ ସମର୍ପିତ ହୋଇଥାଏ । ଭୋଜନକୁ ଭଗବାନଙ୍କ ଦିବ୍ୟ ଉପହାର ଓ ଆମ୍ଭମାନଙ୍କ ଜୀବନର ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ ସ୍ୱାସ୍ଥ୍ୟ ଓ ଶରୀର ଅବଲମ୍ବନ କହିଲେ ଅତ୍ୟୁକ୍ତି ହେବନାହିଁ । ତେଣୁ ଭୋଜନ ଓ ଭୋଜନ ସମୟକୁ ଗୁରୁତ୍ୱ ଦେବା ଅତ୍ୟନ୍ତ ଜରୁରୀ ।

*ସାମାଜିକ କର୍ମୀ, ଶ୍ରୀବିହାର କଲୋନୀ, ତୁଳସୀପୁର, କଟକ, : ୯୪୩୭୪୫୦୧୧୪*

# ଯୋଗ, ପ୍ରାଣାୟାମ

◆ ଡାକ୍ତର ସମ୍ରାଟ କର

ଶରୀରରେ କୌଣସି ଆଘାତ ଲାଗିଲେ, କ୍ଷତ ହେଲେ କିମ୍ବା କୌଣସି ସ୍ୱାସ୍ଥ୍ୟ ସମସ୍ୟା ଦେଖାଗଲେ, ତାହାର ପ୍ରାଥମିକ ଉପଚାରକୁ ଫାଷ୍ଟଏଡ୍ କୁହାଯାଏ । ଶରୀର ଭଳି ମାନସିକ କ୍ଷେତ୍ରରେ କୌଣସି ରୋଗର ଲକ୍ଷଣ ଜଣାପଡ଼ିଲେ ତାହାର ପ୍ରାଥମିକ ଉପଚାର ଭାବେ ତାଙ୍କୁ ଇମୋସନାଲ ଓ ମୋରାଲ ସପୋର୍ଟ ଦେବାର ପ୍ରକ୍ରିୟାକୁ ସାଇକୋଲୋଜିକାଲ ଫାଷ୍ଟଏଡ୍ କୁହାଯାଉଛି । ଚିନ୍ତା, କ୍ରୋଧ, ଉତେଜନା, ଭୟ କିମ୍ବା ଅଧିକ ଦୁଃଖ ସମୟରେ ଅନ୍ୟ ଜଣଙ୍କର ସାନ୍ତ୍ୱନାମୂଳକ କଥା କିମ୍ବା ଭାବନାତ୍ମକ କାର୍ଯ୍ୟକଳାପ ଉକ୍ତ ମାନସିକ ଅସ୍ଥିର ବ୍ୟକ୍ତିକୁ ମାନସିକ ସ୍ଥିରତା ଓ ଶାନ୍ତି ପ୍ରଦାନ କରିଥାଏ । ଏହି ସାଇକୋଲୋଜିକାଲ ଫାଷ୍ଟଏଡ୍ ପାଇଁ ପରିବାରର ସଦସ୍ୟ, ବନ୍ଧୁବର୍ଗ କିମ୍ବା ସାଙ୍ଗସାଥୀ ମାନେ ମୁଖ୍ୟ ଦାୟିତ୍ୱ ଗ୍ରହଣ କରିପାରିବେ । ଏହା ମାନସିକ ରୋଗର ପ୍ରାଥମିକ ଚିକିତ୍ସା ଭଳି ରୋଗୀକୁ ସୁସ୍ଥ ହେବାରେ ସାହାଯ୍ୟ କରେ । ଏହା ଏକ ପ୍ରକାର କାଉନସିଲିଂ ଭଳି କାମ କରେ । ଏହାକୁ ମନୋବିଜ୍ଞାନରେ ରେସପନ୍ସବିଲିଟି ବିଲଡିଂ ଓ୍ୱେଲନେସ ପ୍ରୋଗ୍ରାମ ମଧ୍ୟ କୁହାଯାଏ । ଏହି ସାଇକୋଲୋଜିକାଲ ଫାଷ୍ଟଏଡ କେତୋଟି ମହତ୍ୱପୂର୍ଣ୍ଣ ଦିଗ ହେଉଛି ମାନସିକ ଅସୁସ୍ଥ ବ୍ୟକ୍ତିଙ୍କ କଥାକୁ ଭଲ ଭାବେ ଶୁଣିବା, ପରିସ୍ଥିତିକୁ ଜାଣିବା ପରେ ଉକ୍ତ ବ୍ୟକ୍ତିକୁ ବୁଝାଇବା କିମ୍ବା ତାହାକୁ କୌଣସି ପ୍ରେରଣାତ୍ମକ କାହାଣୀ କହିବା, ମନୋଚିକିତ୍ସକଙ୍କ ସହିତ ପରାମର୍ଶ କରିବା ପାଇଁ ପ୍ରୋତ୍ସାହିତ କରିବା, ପୀଡ଼ିତଙ୍କ କଥାରେ କିମ୍ବା କାର୍ଯ୍ୟକଳାପକୁ ଦେଖି ନ ହସିବା କିମ୍ବା ଭୃକ୍ଷେପ ନକରିବା ଇତ୍ୟାଦି । ଏହା ସହିତ ମାନସିକ ପୀଡ଼ିତ ବ୍ୟକ୍ତିଙ୍କୁ ବୁଝାଇବା ମାଧ୍ୟମରେ ନିଜର ନିଷ୍ପତିକୁ ତାଙ୍କ ଉପରେ ଲଦି ଦେବା ଉଚିତ ନୁହେଁ । ଏହାଦ୍ୱାରା ଉକ୍ତ ବ୍ୟକ୍ତି ଆହୁରି ଅବସାଦଗ୍ରସ୍ତ ହୋଇଯାଏ । ତେଣୁ ଏ ସବୁ ବିଷୟରେ ଧ୍ୟାନ ଦେଇ ମାନସିକ ରୋଗୀକୁ କିଛି ସମୟ ପାଇଁ ଯନ୍ତ୍ରଣାରୁ ମୁକ୍ତ କରିବାରେ ସାହାଯ୍ୟ କରିହେବ । ସବୁଠାରୁ ବଡ଼ କଥା ହେଉଛି ଉପରୋକ୍ତ ପୀଡ଼ିତ ଜଣଙ୍କୁ ମନସ୍ତାତ୍ତ୍ୱିକ ଭାବେ ଧୈର୍ଯ୍ୟ, ଆଶ୍ୱାସନା ଓ ସହାନୁଭୂତି ପ୍ରଦାନ ସହ ତାଙ୍କୁ କୌଣସି ପ୍ରକାର ବିରକ୍ତିକର କଥା ବା ଭୟଭୀତ ହେଲା ପରି କୌଣସି କଥା କୁହନ୍ତୁ ନାହିଁ । ସେ ଯେପରି କୌଣସି ପ୍ରକାର ନିଶାଦ୍ରବ୍ୟର ସଂସ୍ପର୍ଶରେ ନ ଆସିବେ ସେ ଦିଗକୁ ଦେଖନ୍ତୁ ଓ ତାଙ୍କ ଖାଇବା, ବିଶ୍ରାମ ପାଇଁ ଭଲ ରୁଟିନ ତିଆରି କରନ୍ତୁ । ଯୋଗ, ପ୍ରାଣାୟାମ ବା ସକାଳୁ କିଛି ବାଟ ଚାଲିବା ଅଭ୍ୟାସ ଥିଲେ ଏହା ଖୁବ ଭଲ । ସବୁବେଳେ ମାନସିକ ରୋଗ ବିଶେଷଜ୍ଞଙ୍କ ସହିତ ସମ୍ପର୍କରେ ରୁହନ୍ତୁ ତାଙ୍କ ପରମର୍ଶ ଗ୍ରହଣ କରନ୍ତୁ ।

*ମାନସିକ ରୋଗ ବିଶେଷଜ୍ଞ, ଦି'ବ୍ରେନ, ପୁରୀଘାଟ ରୋଡ, କଟକ: ୯୧୩୨୪୩୩୩୩୩*











# ଘରେ କ'ଣ ରଖିବେ ନାହିଁ

◆ କୃଷ୍ଣପ୍ରିୟା ତ୍ରିପାଠୀ

▶ ଭାଙ୍ଗି ଯାଇଥିବା ବାସନ, ଦର୍ପଣ, ଇଲେକ୍ଟ୍ରୋନିକ ସାମଗ୍ରୀ, ଫର୍ନିଚର, ଘଡ଼ି, ଦୀପ, ଝାଡୁ, ମଗ, କପ୍ ଆଦି କୌଣସି ସାମଗ୍ରୀ ଘରେ ରଖିଲେ ଅଶୁଭ । ଏହାଦ୍ୱାରା ଘରେ ନକାରାତ୍ମକ ଶକ୍ତି ଉତ୍ପନ୍ନ ହେବା ସହ ବାସ୍ତୁ ଦୋଷ ଦେଖାଯାଏ ।

▶ ମହାଭାରତ ଯୁଦ୍ଧ ଫଟୋ, ନଟରାଜ ମୂର୍ତ୍ତି, ତାଜମହଲ ଚିତ୍ର, ବୁଡ଼ିଯାଉଥିବା ଜାହାଜ, ଜଙ୍ଗଲ ପଶୁ ଓ କଣ୍ଟାଯୁକ୍ତ ବୃକ୍ଷର ଚିତ୍ର ଘରେ ରଖନ୍ତୁ ନାହିଁ । କୁହାଯାଏ ଏହି ସବୁ ଚିତ୍ର ଦେଖିବା ଦ୍ୱାରା ମନଉପରେ ଖରାପ ପ୍ରଭାବ ପଡ଼ିଥାଏ । ପ୍ରତିଦିନ ଏହି ଚିତ୍ରକୁ ଦେଖିଲେ ନକାରାତ୍ମକ ଭାବନା ବିକାଶ ହୋଇଥାଏ ।

▶ ଛିଣ୍ଡା ଚପଲ ରଖିଲେ ଏହା ଅଶୁଭ ।

▶ ବାସ୍ତୁ ଅନୁଯାୟୀ ଘର ଛାତରେ ପଡ଼ିଥିବା ଅଳିଆ ଅଶୁଭ । ଏହା ପରିବାର ଉପରେ ଖରାପ ପ୍ରଭାବ ପକାଏ । ଘର ଛାତ ଉପରେ ଅଦରକାରୀ ସାମଗ୍ରୀ ରଖିବା ଦ୍ୱାରା ପିତୃ ଦୋଷ ଉତ୍ପନ୍ନ ହୁଏ ବୋଲି କୁହାଯାଏ ।

▶ ଫଟା ପର୍ସ ଓ ଭଙ୍ଗା ଟ୍ରେଜେରୀ ରଖନ୍ତୁ ନାହିଁ । ପର୍ସ ଓ ଟ୍ରେଜେରୀରେ ଧାର୍ମିକ ଓ ପବିତ୍ର ବସ୍ତୁ ରଖନ୍ତୁ ଯାହାକୁ ଦେଖି ସକାରାତ୍ମକ ଶକ୍ତି ବୃଦ୍ଧି ହୁଏ, ଯାହା ଦେଖି ମନ ପ୍ରସନ୍ନ ହୋଇଥାଏ ।

▶ ବହି ଓ ଛୋଟମୋଟ ସାମଗ୍ରୀ ରଖିବା ପାଇଁ ବ୍ୟବହାର କରାଯାଉଥିବା ଆଲମିରାରେ କବାଟ ନଥିଲେ ଅଶୁଭ । ଖୋଲା ଆଲମାରି ଘରେ ରଖିଲେ କାମରେ ବାଧା ସୃଷ୍ଟି ହୁଏ ଓ ଧନ ପାଣି ପରି ବୋହିଯାଇଥାଏ ।

▶ ଦେବୀଦେବତାଙ୍କ ଫାଟି ଯାଇଥିବା ଫଟୋ, ଭଙ୍ଗାମୂର୍ତ୍ତିଓ ଉଇ ଲାଗିଥିବା ଫଟୋ ଘରେ ରଖନ୍ତୁ ନାହିଁ ଏହାକୁ ନଦୀରେ ବିସର୍ଜନ କରି ଦିଅନ୍ତୁ ।

*କିରଣ ପାରିଜାତ ଏନକ୍ଲେଭ, କ୍ୟାମେଂଟନମେଂଟ ରୋଡ଼, କଟକ*

# ବାସ୍ତୁଶାସ୍ତ୍ର ଅନୁଯାୟୀ ଘରର ଆର୍ଥିକ ଅଭିବୃଦ୍ଧି

◆ଜ୍ୟୋତିର୍ବିତ ସାଧକ ଅଜୟ କୁମାର ବେହେରା



ନିଜ ଘରକୁ ସୁନ୍ଦର ଓ ଭିନ୍ନ ଭାବେ ସଜାଇବାକୁ ସବୁ ଗୃହିଣୀ ଚାହାନ୍ତି । ସେଥିପାଇଁ ସେମାନେ ବ୍ୟବହାର କରିଥାଆନ୍ତି ବିଭିନ୍ନ ପ୍ରକାରର ଘର ସାଜସଜ୍ଜା ସାମଗ୍ରୀ । ଏଥିମଧ୍ୟରେ ଆକ୍ୱାରିୟମ ଅନ୍ୟତମ । ଏହା ଘରର ସୁନ୍ଦରତାକୁ ବଢ଼ାଇବା ସହ ଘରକୁ ଏକ ମଡ଼ର୍ଣ୍ଣ ଲୁକ ଦେଇଥାଏ । ତେବେ ଯଦି ଏହାକୁ ବ୍ୟବହାର କରିବା ସମୟରେ ବାସ୍ତୁଶାସ୍ତ୍ର ଉପରେ ଧ୍ୟାନ ରଖାଯାଏ ତେବେ ପରିବାରରେ ସୁଖ ସମୃଦ୍ଧି ମଧ୍ୟ ବୃଦ୍ଧି ହେବ । ସେଥିପାଇଁ ନିମ୍ନରେ ପ୍ରଦତ୍ତ କିଛି କଥା ଉପରେ ଧ୍ୟାନ ଦିଅନ୍ତୁ ।

୧. ଘରର ଉତ୍ତର ଦିଗରେ ଆକ୍ୱାରିୟମ ରଖନ୍ତୁ । ବାସ୍ତୁଶାସ୍ତ୍ର ଅନୁଯାୟୀ ଏହା ଘରର ଆର୍ଥିକ ଅଭିବୃଦ୍ଧି କରାଇଥାଏ ।

୨. ପିଲାଙ୍କ ମଧ୍ୟରେ ଭଲ ସଂସ୍କାର, ପଢ଼ାପଢ଼ି କିମ୍ବା କ୍ୟାରିୟରର ଉନ୍ନତି ପାଇଁ ପୂର୍ବୋତ୍ତର ଦିଗରେ ଆକ୍ୱାରିୟମ ରଖନ୍ତୁ ।

୩. ଏହାକୁ ସବୁବେଳେ ଡ୍ରଇଂ ରୁମରେ କିମ୍ବା ଏଭଳି ଏକ ସ୍ଥାନରେ ରଖନ୍ତୁ ଯେମିତିକି ବାହାରୁ ଘର ଭିତରକୁ ପ୍ରବେଶ କରିବା ସମୟରେ ସର୍ବପ୍ରଥମେ ତା' ଉପରେ ନଜର ପଡ଼ିବ ।

୪. ବେଡ୍ ରୁମ୍ ରେ ଆକ୍ୱାରିୟମ ରଖନ୍ତୁ ନାହିଁ । କାରଣ ଏହା ମାନସିକ ଅସ୍ଥିରତା ସୃଷ୍ଟି କରିବା ସହ ନିଦରେ ବାଧା ସୃଷ୍ଟି କରିଥାଏ ।

୫. ଆକ୍ୱାରିୟମରେ ଅତି କମ୍‌ରେ ୯ଟି ମାଛ ରଖନ୍ତୁ । ଏଥିମଧ୍ୟରୁ ଆଠଟି ଗୋଲ୍ଡ ଫିସ୍ ଓ ଗୋଟିଏ କଳା ମାଛ ହେବା ଆବଶ୍ୟକ । କଳା ମାଛକୁ ମାଷ୍ଟର ଫିସ୍ କୁହାଯାଏ । ଯେକି ଆକ୍ୱାରିୟମର ପାଣିକୁ ସଫା ରଖିବାରେ ମହତ୍ୱପୂର୍ଣ୍ଣ ଭୂମିକା ତୁଲାଇଥାଏ ।

୬. ଚାଇନା ବାସ୍ତୁଶାସ୍ତ୍ର ଅନୁସାରେ ଯଦି ଆକ୍ୱାରିୟମର ମାଛ ମରିଯାଏ ତେବେ ବିଶ୍ୱାସ କରାଯାଏ ଏହା ଘରକୁ ଆସୁଥିବା ଦୁର୍ଭାଗ୍ୟକୁ ନିଜ ସାଙ୍ଗରେ ନେଇଯାଇଛି ।

୭. ପାଣି ଅପରିଷ୍କାର ହୋଇଗଲେ ତୁରନ୍ତ ସଫା କରନ୍ତୁ । କାରଣ ବାସ୍ତୁଶାସ୍ତ୍ର ଅନୁଯାୟୀ ଘରର କୌଣସି ସ୍ଥାନରେ ଅପରିଷ୍କାର ପାଣି ଜମା ରହିବା ଅଶୁଭ ।

୮. ହିନ୍ଦୁ ଧର୍ମରେ ମାଛକୁ ମତ୍ସ୍ୟ ଅବତାରର ସଂଜ୍ଞା ଦିଆଯାଇଛି । ସେ ଦୃଷ୍ଟିକୋଣରୁ ମାଛ ରଖିବା ବହୁତ ଶୁଭ ।

୯.ଘରୁ ବାହାରକୁ ଗଲାବେଳେ ଜଳପୂର୍ଣ୍ଣ ଆକ୍ୱାରିୟମ ଦେଖିଯାଆନ୍ତୁ । ବାସ୍ତୁଶାସ୍ତ୍ର ଅନୁସାରେ ଏହା ବହୁତ ଶୁଭ

୧୦. ସକାଳୁ ଉଠି ସପରିବାର ସର୍ବପ୍ରଥମେ ଆକ୍ୱାରିୟମର ମାଛ ଦେଖିବା ଉଚିତ । ଫଳରେ ସକରାତ୍ମକ ଭଗ୍ନା ମିଳେ ଓ ଦିନତମାମ ସବୁ କାର୍ଯ୍ୟରେ ସଫଳତା ମିଳେ ।

୧୧. ଆକ୍ୱାରିୟମକୁ କେବେ ଦକ୍ଷିଣ, ଦକ୍ଷିଣ-ପୂର୍ବ, ଦକ୍ଷିଣ-ପଶ୍ଚିମ ଓ ପଶ୍ଚିମ-ଉତ୍ତର ଦିଗରେ ରଖନ୍ତୁ ନାହିଁ ।

୧୨. ଆକ୍ୱାରିୟମ ରଖିବା ପାଇଁ ଘରେ ଜାଗା ନଥିଲେ ଆଜିକାଲି ବଜାରରେ ମିଳୁଥିବା କ୍ରିଷ୍ଟାଲ କିମ୍ବା କାଚର ଡ଼ଲଫିନ୍ କିମ୍ବା ଜମ୍ପିଂ ଫିସ୍‌ର ଷ୍ଟାଇଲିସ୍ ଶୋ ଫିସ୍‌କୁ ଆପଣଙ୍କ ଡ୍ରଇଂ ରୁମ, ଷ୍ଟଡ଼ିରୁମ୍, ଲାଇବ୍ରେରିର ଉତ୍ତର ଦିଗରେ ରଖିପାରନ୍ତି ।

୧୩. ଘରେ ମାଛ ନଥିବା ଖାଲି ଆକ୍ୱାରିୟମ ରଖନ୍ତୁ ନାହିଁ । କାରଣ ଏହା ଘରେ ଉଦାସୀନତା ଆଣିଥାଏ । ଏଭଳି ଖାଲି ଓ ବେକାର ଆକ୍ୱାରିୟମକୁ ବ୍ୟବସାୟିକ ପରିସରରେ ମଧ୍ୟ ରଖନ୍ତୁ ନାହିଁ ।

*'ବରେଣ୍ୟ ବାଣୀ' ପିସି ସରକାର ଲେନ୍, ଅରୁଣୋଦୟ ମାର୍କେଟ, କଟକ : ୯୪୩୭୦୩୧୨୫୩*

# ସୁସ୍ଥ ଶରୀର ପାଇଁ ଖାଦ୍ୟ

*ଜୀବନ ଜୀଇଁବା ପାଇଁ ଆମ ସମସ୍ତଙ୍କ ଅଂଟା ଭିଡ଼ିବାକୁ ହେବ । ଶୃଙ୍ଖଳିତ ଏବଂ ନିରାଡ଼ମ୍ବର ଜୀବନ ଜୀଇଁବାକୁ ହେଲେ ଖାଦ୍ୟର ସତର୍କତା ଉପରେ ଦୃଷ୍ଟି ଦେବାକୁ ହେବ । ରୋଗ ସହ ସଂଗ୍ରାମ ପାଇଁ ଖାଦ୍ୟ ଓ ପାନୀୟ ଶରୀର ପାଇଁ ପ୍ରମୁଖ ଭୂମିକା ନିଭାଇଥାଏ ।*



ଭିଟାମିନ୍ ସି'ଯୁକ୍ତ ଫଳମୂଳ ଖାଇବା ସହ ଲେମ୍ବୁପାଣି ମଧ୍ୟ ପିଇ ପାରିବେ । ପ୍ରତ୍ୟେକ ବ୍ୟଞ୍ଜନରେ ଜୀରା ସହ ରସୁଣ ଏବଂ ଭୃସଙ୍ଗପତ୍ର ଛୁଙ୍କ ଦିଅନ୍ତୁ ।

ଖାଦ୍ୟରେ କଂଚା ସାଲାଡ଼ ଅର୍ଥାତ୍ କାକୁଡ଼ି, ବିଲାତି ବାଇଗଣ, ଦହି ମିଶ୍ରଣ ଯୁକ୍ତ ସାଲାଡ଼ ପ୍ରସ୍ତୁତ କରି ଖାଇବେ ।

ସୋରିଷ ତେଲ ରନ୍ଧା ଖାଦ୍ୟ ପ୍ରସ୍ତୁତ କରି ସପରିବାର ଏକାଠି ଖାଇବା ପରିବାର ଓ ଶରୀର ପାଇଁ ଭଲ । ସକାଳ ଜଳଖିଆରେ ପରିବା ମିଶା ଉପମା, ଇଡ଼ଲି, ଚୁଡ଼ା ଉପମା ଇତ୍ୟାଦି ଖାଇ ପାରିବେ । ପଇଡ଼ପାଣି, ନଡ଼ିଆ ପାଣି ମଧ୍ୟ ଶରୀରର ରୋଗ ପ୍ରତିରୋଧ ଶକ୍ତି ବଢ଼ାଇଥାଏ ।

ମଧୁମେହ ରୋଗୀ, ହୃଦରୋଗୀ, ରକ୍ତଚାପରୋଗୀ ଡାକ୍ତରଙ୍କ ପରାମର୍ଶ ଅନନୁଯାଇ ଖାଦ୍ୟ ଖାଇଲେ ନିଶ୍ଚିତ ଭାବେ ଉପକୃତ ହୋଇ ପାରିବେ ।

# 'ଶିମ୍ବ'



*ଶିମ୍ବ ଓ ତାର ମଞ୍ଜିର ସ୍ନାକ୍ସ ଖାଇବାକୁ ଅନେକ ଲୋକ ଭଲପାଆନ୍ତି । ଏଥିରେ ଭିଟାମିନ୍ ଏ, ସି ଓ ଫାଇବର ରହିଛି । ଶିମ୍ବ ଏପରି ଏକ ପରିବା ଯେଉଁଥିରେ ନଅ ପ୍ରକାରର ଆମିନୋ ଏସିଡ୍ ରହିଥାଏ । ଏହା ମୋଟାପଣ ଦୂର କରିବାରେ ସହାୟକ ହୋଇଥାଏ । ଶିମ୍ବ ଶୀତଳ ଭଣ୍ଡାର ଓ ଖୋଲା ବଜାରରେ ମିଳିଥାଏ । ଏହାକୁ ଆମେ ପ୍ୟାକିଙ୍ଗରେ ମଧ୍ୟ ପାଇପାରିବା ।*

● ଅଧା କପ୍ ଶିମ୍ବ ମଞ୍ଜିରୁ ଆମେ ୧୨୦ କ୍ୟାଲୋରୀ, ୯ ଗ୍ରାମ୍ ଫାଇବର୍, ୨.୫ ଗ୍ରାମ ଫ୍ୟାଟ୍, ୧୧ ଗ୍ରାମ ପ୍ରୋଟିନ୍, ୧୩ ଗ୍ରାମ କାର୍ବୋହାଇଡ୍ରେଟ୍ ପାଇଥାଉ ।

● ଗୋଟିଏ ଛୋଟ ଶିମ୍ବ ମଞ୍ଜିରେ ୯ ଗ୍ରାମ୍ ଫାଇବର ରହିଛି, ଯାହାକି ଗୋଟିଏ ରୁଟିର ପ୍ରୋଟିନ୍ ସହିତ ସମାନ । ଏଥିରେ କୋଲେଷ୍ଟେରୋଲ୍ ନଥିବା ବେଳେ କାର୍ବୋହାଇଡ୍ରେଟ୍ ଓ ଫ୍ୟାଟ୍‌ର ପରିମାଣ କମ୍ ମାତ୍ରାରେ ରହିଛି । ଶିମ୍ବ କ୍ୟାନ୍‌ସରକୁ ରୋକିଥାଏ ଓ ମୋଟାପଣ ଦୂର କରିବାରେ ସହାୟକ ହୁଏ ।

● ସ୍ୱାସ୍ଥ୍ୟ ଉପକାରୀ ଶିମ୍ବ

● ଶିମ୍ବରେ ଥିବା ଆଂଟିଅକ୍ସିଡା□ ଶରୀରକୁ ରୋଗ ପ୍ରତିରୋଧକ ଶକ୍ତି ପ୍ରଦାନ କରିଥାଏ ।

● ଏହା 'ଆଏସୋଫ୍ଲାଭେନସ୍' ରେ ଭରପୁର । ତେଣୁ ସ୍ତନ କର୍କଟ ପାଇଁ ଏହା ପ୍ରକୃଷ୍ଟ ଖାଦ୍ୟ ବୋଲି ବିଶ୍ୱାସ କରାଯାଏ ।

● ଏହାକୁ ଖାଇଲେ ଋତୁସ୍ରାବର ସମସ୍ୟା ଦୂର ହୋଇଥାଏ ।

● ଶିମ୍ବରେ ଭିଟାମିନ୍ 'କେ' ପ୍ରଚୁର ମାତ୍ରାରେ ରହିଛି । ଯାହାକି ରକ୍ତ ଜମାଟ, ଅଷ୍ଟିଓପୋରୋସିସ୍ ବା ଅସ୍ଥି ସମସ୍ୟା ଦୂର କରିବାରେ ସହାୟକ ହୋଇଥାଏ ।

● ଏଥିରେ ଭିଟାମିନ୍ ବି ଓ ସି ଛଡା ଭିଟାମିନ୍ ଇ ଓ ଫୋଲିକ୍ ଏସିଡ୍ ମଧ୍ୟ ମହଜୁଦ ରହିଛି । ବୈଜ୍ଞାନିକ ମାନଙ୍କ ମତରେ ଏଥିରେ ସୋୟା ଆଂଟିଅକ୍ସିଡା□ ରହିଛି ଯାହାକୁ 'ଡାଇଡ୍‌ଜେନ୍' ବୋଲି କୁହାଯାଉଛି । ଏହି ଆଂଟିଅକ୍ସିଡା□ରେ ଥିବା ପ୍ରୋଟିନ୍ ଶରୀରକୁ ଦୀର୍ଘାୟୁ କରିଥାଏ । ଏହା ଛଡା ଶିମ୍ବ ଆଜ୍‌ମା, ଥଣ୍ଡା ଓ କଫ ଦୂର କରିଥାଏ ।

● ମୋଟା କରାଉଥିବା ସ୍ନାକ୍ସ ବିକଳ୍ପରେ ଆମେ ଶିମ୍ବ ମଞ୍ଜିର ସ୍ନାକ୍ସ ଖାଇପାରିବା । ଶିମ୍ବ ମୋଟାପଣ ଦୂର କରିବା ସହିତ ଶରୀରରୁ ବିଷାକ୍ତ ପଦାର୍ଥ ବାହାର କରିସ୍ୱାସ୍ଥ୍ୟ ସମସ୍ୟା ଦୂର କରିଥାଏ ।

## ହସକଥା



ଜେଲରେ ବିଚାରାଧିନ କଏଦୀକୁ ଫାଶୀଦଣ୍ଡ ଦିଆଗଲା ।

କଏଦୀକୁ ଶେଷ ଇଚ୍ଛା ଫାଶୀର କିଛି ସମୟ ପୂର୍ବରୁ ପଦସ୍ଥ ଅଧିକାରୀ ପଚାରିଲେ ।

କଏଦୀ: ଆଜ୍ଞା ! ମୋ ଶେଷ ଇଚ୍ଛା ହେଉଛି ମୋ ଜାଗାରେ ଆପଣ ଫାଶୀ ପାଇଁ ଛିଡା ହୁଅନ୍ତୁ

## ଅକାଟ୍ୟ ବଚନ

ମିଛ ମଧୁର ଲାଗେ । କିନ୍ତୁ ତାହା କ୍ଷଣସ୍ଥାୟୀ । ସତ କଠୋର ଲାଗେ କିନ୍ତୁ ତାହା ଚିରସ୍ଥାୟୀ ।

ସ୍ୱପ୍ନକୁ ଦେଖି କେବଳ ମଜା ନେବାନି । ତାକୁ ସତ କରିବାକୁ ସଂଘର୍ଷ କରିବା ଉଚିତ ।

# ପ୍ରାକୃତିକ ଦୁର୍ବିପାକ ବିହଙ୍ଗ ବିଲୁପ୍ତିର କାରଣ

ଆଜିକାଲି ଆପଣମାନେ ଏପରି ଅନେକ ଖବର ଶୁଣିବାକୁ ପାଉଥିବେ ପ୍ରାକୃତି ଦୁର୍ବିପାକ ସଂପର୍କରେ । କେଉଁଠି ଭୂମିକମ୍ପ ତ କେଉଁଠି ବାତ୍ୟା ଆଉ କେଉଁଠି ବନ୍ୟା । ଯେଉଁଥିରେ ପ୍ରାଣ ହରାଇ ଥାନ୍ତି ମନୁଷ୍ୟ । ପ୍ରାକୃତିକ ଦୁର୍ବିପାକ ମନୁଷ୍ୟର ଭୟାବହତା ଠାରୁ ମନୁଷ୍ୟ ଶତ ଚେଷ୍ଟା କରି ବଧ ବର୍ତୀ ପାରେ ନାହିଁ । ଏହାର କୋପରୁ ବିହଙ୍ଗ ବା ଛାଡ ପଡିଥାନ୍ତେ କିଭଳି । ଚଳିତ ବର୍ଷ ଆଇୟୁସି ଏସ ତରଫରୁ ଏହି ବିଲୁପ୍ତ ବିହଙ୍ଗ ଉପରେ ଏକ ଅଧ୍ୟୟନ କରାଯାଇଥିଲା । ଏଥିରେ ସାରା ବିଶ୍ୱରେ ବିଲୁପ୍ତ ବିହଙ୍ଗମାନଙ୍କ ସଂଖ୍ୟାକୁ ରେକର୍ଡ କରାଯାଇଛି । ଜଣାଯାଇଛି ଯେ, ଭାରତରେ ୮୮ ପ୍ରତିଶତ ପକ୍ଷୀ ଆଜି ବିରଳ । ସେହିପରି ବ୍ରାଜିଲରେ-୧୪୧ ପ୍ରତିଶତ ପକ୍ଷୀ ଆଜି ବିଲୁପ୍ତ ବୋଲି କେମ୍ବିଜର, ଗ୍ଲୋବାଲ ଆଲିଆନ୍ସ ଅଫ୍ କନଜରଭେସନ



ଅରଗାନାଇଜେସନ ଆଣ୍ଡ ଆଇୟୁସିଏନ ତରଫରୁ ଏକ ଅଧ୍ୟୟନ କରାଯାଇଛି । ବିଲୁପ୍ତ ୮୮ ପ୍ରକାର ପ୍ରଜାତିର ବିହଙ୍ଗ ମଧ୍ୟରୁ ୧୩ଟି ପ୍ରଜାତିର ବିହଙ୍ଗଙ୍କ ସଂଖ୍ୟା ସଂପୂର୍ଣ୍ଣ ବିଲୁପ୍ତ ହୋଇ ଯାଇଥିବା ବେଳେ ଆଉ ୧୦ଟି ପ୍ରଜାତିର ବିହଙ୍ଗ ପ୍ରାୟ ବିଲୁପ୍ତ ହେବାକୁ ବସିଲେଣି । ବେୟେର ପୋଗାର୍ଡ ନାମକ ଏକ ପକ୍ଷୀ ସଂପୂର୍ଣ୍ଣ ଭାବେ ବିଲୁପ୍ତ ହୋଇଥିବା ବେଳେ ସ୍ଲନ ବିଲଡ ସ୍ୟାଣ୍ଡିଟିପର ପ୍ରଜାତିର ପକ୍ଷୀ ଆଜି ବିଲୁପ୍ତ ହେବାକୁ ବସିଲାଣି । ଅନ୍ୟାନ୍ୟ ବିଲୁପ୍ତ ବିହଙ୍ଗ ମଧ୍ୟ ଅଛନ୍ତି । ଏଥି ମଧ୍ୟରେ ହିମାଳୟର କୁଏଲ, ପିଙ୍କ ମୁଣ୍ଡବାଲା ବତକ ଓ ଶାଗୁଣା ଜାତୀୟ ୪ ଗୋଟି ପ୍ରଜାତିର ବିହଙ୍ଗ ଆଜି ବିଲୁପ୍ତ । ୨୦୦୮ ସୁଦ୍ଧା ସାରା ବିଶ୍ୱରେ ୧ ହଜାର ୨ ଶହ ୨୬ ପ୍ରଜାତିର ବିହଙ୍ଗ ଏବେ ବିଲୁପ୍ତ ହେବା ଉପରେ । କହିବାକୁ ଗଲେ ପ୍ରାକୃତିକ ଦୁର୍ବିପାକ ହିଁ ବିହଙ୍ଗ ବିଲୁପ୍ତ ହେବାର ମୁଖ୍ୟ କାରଣ । ପ୍ରାଣୀ ମାନେ ନିର୍ଭର କରୁଥିବା ପରିବେଶରେ ଦିନକୁ ଦିନ ପରିବର୍ତ୍ତନ ଦେଖାଯାଇଛି । ତଥାପି ଏକ ଖୁସି ଖବର ରହିଛି । ପାରା ପ୍ରଜାତିର ଏକ ପକ୍ଷୀ ଏବଂ ଛୋଟ ପକ୍ଷୀ ପ୍ରଜାତିର ସଂଖ୍ୟା ଏଯାବତ୍ ଠିକ୍ ରହିଛି ବୋଲି ବିହଙ୍ଗ ବିଶେଷଜ୍ଞ ଡକ୍ଟର ଷ୍ଟୁଆର୍ଡ ବିଦାର୍ଚ୍ଚ କହିଛନ୍ତି । ପ୍ରାକୃତିକ ଦୁର୍ବିପାକ ଯେପରି ମନୁଷ୍ୟ ବିଲୁପ୍ତର କାରଣ ହୋଇଛି ବିହଙ୍ଗ ବିଲୁପ୍ତିର ଏହା ମଧ୍ୟ ଏକ ପ୍ରମୁଖ କାରଣ ବୋଲି ସେ କହିଛନ୍ତି ।

## ସ୍ୱାଦ ସୁପ୍‌ର ଉପକାରିତା

*ଏବେ ସୁପ୍ ଅନେକଙ୍କର ପସନ୍ଦ ହୋଇଯାଇଛି । କାହାକୁ ହଟ୍ ଆଣ୍ଡ ସୋର ପସନ୍ଦ ହୋଇଥିଲାବେଳେ କାହାର ପସନ୍ଦ ଟମୋଟୋ ସୁପ୍ । କେହି କେହି ବି ସ୍ୱିଟ୍ କର୍ନ ସୁପ୍ ପିଇବାକୁ ଭଲ ପାଇଥାନ୍ତି । ନିରାମିଷ ଓ ଆମିଷ ଉଭୟ ପ୍ରକାରର ସୁପ୍ ମିଳିଥାଏ । ସାଧାରଣତଃ ବଡ଼ ବଡ଼ ହୋଟେଲ୍‌ମାନଙ୍କରେ ହିଁ ଖାଇବା ପୂର୍ବରୁ ସୁପ୍ ମିଳୁଥିଲା । ହେଲେ ଏବେ ପା□ ଟଙ୍କାରୁ ଆରମ୍ଭ କରି ତଦୁର୍ଦ୍ଧ୍ୱ ମୂଲ୍ୟର ସୁପ୍ ପାଉଡର ପ୍ୟାକେଟ୍ ସବୁ ବଜାରରେ ଉପଲବ୍ଧ ହେଲାଣି । ତେଣୁ ଏହା ସାଧାରଣ ଲୋକଙ୍କ ପାଖରେ ଆଉ ଅପହ□ ନୁହେଁ । ହେଲେ ସୁପ୍ କ'ଣ କେବଳ ଏକ ବିଳାସମୟ ଖାଦ୍ୟ ସାମଗ୍ରୀ ? ନା, ଜାଣନ୍ତୁ ଏହାର ଅନ୍ୟାନ୍ୟ ଉପକାରିତା ।*



▶ ଖାଇବା ପୂର୍ବରୁ ସୁପ୍ ପିଇଲେ ଭୋକ ବଢ଼ିବା ସହିତ ହଜମ କ୍ଷମତା ମଧ୍ୟ ବୃଦ୍ଧି ହୁଏ ।

▶ ସୁପ୍ ଶରୀରରେ ଜଳର ଅଭାବ ପୂରଣ କରିବା ସହିତ ରକ୍ତଚାପ ନିୟନ୍ତ୍ରିତ କରେ ।

▶ ଚିକେନ୍ ସୁପ୍ ପେଟ ପୋଡ଼ିବା ବନ୍ଦ କରିବା ସହିତ ଶରୀରର ଥଣ୍ଡା ଦୂର କରିବାରେ ସହାୟକ ହୁଏ ।

▶ ସୁପ୍‌ରେ ଚର୍ବି ମାତ୍ରା କମ୍ ଥିବାରୁ ଓଜନ ବଢ଼ିବାରେ ଭୟ ନଥାଏ ।

▶ ମିସୋ ଏବଂ ସୋୟାର ସୁପ୍ ନିୟମିତ ପିଇବା ଦ୍ୱାରା ସ୍ତନ କର୍କଟର ଆଶଙ୍କା କମିଯାଏ ।

▶ ଡାଏଟିଂ କରୁଥିବା ବ୍ୟକ୍ତିମାନଙ୍କ ପକ୍ଷରେ ସୁପ୍ ପିଇବା ଖୁବ୍ ଲାଭପ୍ରଦ । ଏଥିରୁ ଶକ୍ତି ମିଳିବା ସହିତ ଓଜନ ମଧ୍ୟ ବଢ଼େ ନାହିଁ ।

## ସ୍ୱାସ୍ଥ୍ୟ

## ଗ୍ରୀଷ୍ମରେ ସ୍ୱାସ୍ଥ୍ୟ ସଚେତନତା

ଏପ୍ରିଲ୍, ମଇ ଏବଂ ଜୁନ୍ ମାସରେ ଗ୍ରୀଷ୍ମ ଋତୁ ଭୋଗ ହୋଇଥାଏ । ବସନ୍ତଋତୁ ପରେ ପରେ ଗ୍ରୀଷ୍ମର ଆଗମନ ଧରାପୃଷ୍ଠକୁ ସନ୍ତପ୍ତ କରିଦିଏ । ବିଶେଷକରି ଜ୍ୟେଷ୍ଠ ଏବଂ ଆଷାଢ଼ ମାସରେ ଗ୍ରୀଷ୍ମର [redacted]




ବୃଦ୍ଧି ହୁଏ । ପ୍ରଖର ସୂର୍ଯ୍ୟକିରଣ ଫଳରେ ଶରୀରର କଫ(ସୋମ) କ୍ଷୟ ହୁଏ । ଜଠରାଗ୍ନି ମନ୍ଦ ହେବାର ଦେଖାଯାଏ । ଗ୍ରୀଷ୍ମ ଋତୁରେ ସୂର୍ଯ୍ୟ ନିଜର ପ୍ରଖର ଉଷ୍ଣ କିରଣ ଦ୍ୱାରା ସମସ୍ତ ଜଡ଼ ଓ ଚେତନାଦି ସମଗ୍ର ସୃଷ୍ଟିରୁ ସ୍ନେହାଂଶ ଶୋଷିତ କରିନିଏ । ଏଣୁ ଏହି ସମୟରେ ମଧୁର ରସ ପ୍ରଧାନ, ଶୀତ ବୀର୍ଯ୍ୟ ଗୁଣଯୁକ୍ତ ତଥା ସ୍ନିଗ୍ଧ ପଦାର୍ଥ ସେବନ କରିବା ଶରୀର ନିମନ୍ତେ ଉପଯୋଗୀ ଅଟେ । ଏହି ସମୟରେ ସ□ିତ ବାତଦୋଷ, ତ୍ରୁଟିଯୁକ୍ତ ଆହାର ବିହାର ଦ୍ୱାରା ଅତ୍ୟଧିକ ମାତ୍ରାରେ ପ୍ରକୋପିତ ହୋଇ ବର୍ଷାଋତୁ ବେଳକୁ ବହୁବିଧ ବ୍ୟାଧି ଆନୟନର କାରଣ ହୁଏ । ଏବଂ ଆୟୁର୍ବେଦ ଅନୁଯାୟୀ 'ଚୟ ଏବ ଜୟେତ୍ ଦୋଷଂ' ଅର୍ଥାତ୍ ଦୋଷ ଯେତେବେଳେ ଶରୀରରେ ସ□ିତ ହୁଏ ସେହି ସମୟରେ ହିଁ ଏହାର ଶମନ ପାଇଁ ବ୍ୟବସ୍ଥା ଗ୍ରହଣ କରିବା ଉଚିତ । ପ୍ରାତଃ ସ୍ନାନ ପରେ ଥଣ୍ଡା ସରବତ ବା ଦହିଲସି, ଗୁଲାପ ସରବତ, ଲେମ୍ବୁ ସରବତ, ଦ୍ରାକ୍ଷା ସରବତ, କ□ା ଆମ୍ବର ସରବତ ଆଦି ଶରୀର ପାଇଁ ଖୁବ୍ ଉପଯୋଗୀ ବୋଲି ଆୟୁର୍ବେଦାଚାର୍ଯ୍ୟମାନଙ୍କର ମତ ଅଟେ । କ□ା ଆମ୍ବକୁ ସିଝାଇ ତା ରସ ପାଣିରେ ମିଶାଇବା ପରେ ସେଥିରେ ଆବଶ୍ୟକତା ଅନୁଯାୟୀ ଗୁଡ଼ ପୋଦିନା, ଜିରାଗୁଣ୍ଡ, ଲୁଣ ଆଦି ମିଶାଇ ସ୍ୱାଦିଷ୍ଟ ସରବତ ପ୍ରସ୍ତୁତ କରାଯାଇପାରେ । ଏହି ସମୟରେ 'ଲୁ' ଲାଗିବା ବା 'ସନ୍‌ଷ୍ଟ୍ରୋକ୍' ହେବା ସାଧାରଣ ଘଟଣା । ଏହା ଅଧିକାଂଶ ସମୟରେ ବିପଜ୍ଜନକ ହୋଇ ପ୍ରାଣହାନୀର କାରଣ ହୋଇଥାଏ । ସକାଳେ ଶଯ୍ୟାତ୍ୟାଗ ମାତ୍ରେ ଏକ ଲିଟର ପାଣି ପିଇବା ତଥା ଖରାରେ ବାହାରକୁ ଯିବା ପୂର୍ବରୁ ୨ ବା ୩ ଗ୍ଲାସ ପାଣି ବା ସରବତ ପିଇବା ଅଭ୍ୟାସ ସନ୍‌ଷ୍ଟ୍ରୋକ୍ ସମ୍ଭାବନା ହ୍ରାସ କରି ଥାଏ । ଏତଦ୍‌ବ୍ୟତୀତ ବାହାରକୁ ବାହାରିବା ପୂର୍ବରୁ ଉଷ୍ଣବାୟୁ ପ୍ରବାହରୁ ନିଜର କାନ ମୁଣ୍ଡକୁ ସୁରକ୍ଷିତ ରଖିବା ନିମି□ ଭିଜାକନାରେ ଗୁଡ଼ାଇ ହେବା, ପତଳା ପୋଷାକ ପରିଧାନ କରିବା ତଥା ଏକ ଧଳା ପିଆଜର ଚୋପା ଛଡ଼ାଇ ସର୍ବଦା ପକେଟ୍‌ରେ ରଖିବା ଦ୍ୱାରା ଏପରି ବିପଜ୍ଜନକ ପରିସ୍ଥିତିରୁ ମଣିଷ ସୁରକ୍ଷିତ ରହିପାରେ । ଗ୍ରୀଷ୍ମ ଋତୁରେ ପୁରୁଣା ଚାଉଳର ଭାତ, ଗହମ, ଗାଈଘିଅ, ଲାଉ, ପୋଟଳ, କଲରା, କାକୁଡ଼ି, ପୁଦିନା, ତରଭୁଜ, କଦଳୀ, ମୌସମୀ ଫଳ, ଆମ୍ବ, ଅଙ୍ଗୁର, ଡାଲିମ୍ବ, ତରଡ଼ା, ଯଅର ଛତୁ, ମାଟିହାଣ୍ଡିରେ ସୁରକ୍ଷିତ ପାଣି, ତଥା ଚନ୍ଦନକୁ ଘୋରି ପାଣିସହ (ପିଇବା) ବ୍ୟବହାର କରିବା ଦ୍ୱାରା ଗ୍ରୀଷ୍ମ ଋତୁର ବହୁବିଧ ରୋଗ ଜନିତ ସମସ୍ୟାରୁ ସହଜରେ ମୁକ୍ତି ମିଳିଥାଏ । କାରଣ ଏହିସବୁ ଖାଦ୍ୟ ଶରୀରକୁ ଶୀତଳତା ପ୍ରଦାନ କରିବା ସଂଗେ ସଂଗେ ସ୍ୱାସ୍ଥ୍ୟ ରକ୍ଷାରେ ସହାୟତା ପ୍ରଦାନ କରିଥାଏ । ଏହି ସମୟରେ ଅଧିକ ଶ୍ରମସାଧ କାର୍ଯ୍ୟ, ଅଧିକ ବ୍ୟାୟାମ ଅଧିକ ରାତ୍ରିରେ ଶୟନ ବା ରାତ୍ରି ଜାଗରଣ ଯେମିତି ହାନିକାରକ ସେମିତି ନମ୍‌କିନ, ବାସି ଖାଦ୍ୟ, ଆଚାର, ଖଟା, ତେଲ ଲଙ୍କା, ମସଲା ଯୁକ୍ତ ରୁକ୍ଷ ଓ ଗରିଷ୍ଠ ଭୋଜନ ଅତ୍ୟଧିକ ଚା, କଫି, ସିଗାରେଟ୍ ଓ ନିଶା ସେବନ ଶରୀର ପାଇଁ କ୍ଷତିକାରକ ଅଟେ ।

## ରୋଷେଇ

## ସ୍ୱାଦିଷ୍ଟ ଲଙ୍କା ଦିଆ ବେସନ ଚଟ୍‌ପଟି

**ଉପକରଣ:-** ୧୦୦ ଗ୍ରାମ ବଡ଼ କ□ାଲଙ୍କା, ୧ ବର୍ଷ ଚାମଚ ବେସନ, ସୋରିଷ ତେଲ ୧ ବଡ଼ ଚାମଚ, ହେଙ୍ଗୁ ଅଳ୍ପ, ଜିରା ୧ରୁ ୨ ଚା' ଚାମଚ, ସୋରିଷ ୧ରୁ ୨ ଚା' ଚାମଚରେ, ହଳଦୀଗୁଣ୍ଡ ୧ ରୁ ୨ ଚାମଚ, ଧନିଆ ଗୁଣ୍ଡ ୧ ଚାମଚ, ପାନମଧୁରୀ ୧ ଚାମଚ, ଆମଚୁର ପାଉଡର ୧ ଚାମଚ, ଆବଶ୍ୟକ ଅନୁସାରେ ଲୁଣ ।

**ପ୍ରସ୍ତୁତି:-** ଲଙ୍କାକୁ ଧୋଇ ବଡ଼ ବଡ଼ ଖଣ୍ଡ କରି କାଟି ଦିଅନ୍ତୁ । ବେସନ ହାଲ୍‌କା ବାଦାମୀ ରଙ୍ଗ ହେବା ପର୍ଯ୍ୟନ୍ତ ଭାଜନ୍ତୁ । କଡ଼େଇରେ ତେଲ ଗରମ କରି ହେଙ୍ଗୁ, ଜିରା ଏବଂ ସୋରିଷ ପକାଇ ଫୁଟାନ୍ତୁ ।




[redacted]



# ଜିଲ୍ଲାସ୍ତରୀୟ ୯୧ ତମ ଓଡ଼ିଶା ଦିବସ ପାଳନ ନିମିତ ପ୍ରସ୍ତୁତି ବୈଠକ



ପୁରୀ(ନିପ୍ର) : ପୁରୀ ଜିଲ୍ଲା ସ୍ତରୀୟ ୯୧ ତମ ଓଡିଶା ଦିବସ ପାଳନ ନିମିତ ଏକ ପ୍ରସ୍ତୁତି ବୈଠକ ଆଜି ପୂର୍ବାହ୍ନରେ ସର୍କିଟ ହାଉସ ଠାରେ ଅନୁଷ୍ଠିତ ହୋଇଥିଲା । ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡାଙ୍କ ପରାମର୍ଶ କ୍ରମେ ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ଏଥିରେ ଅଧକ୍ଷତା କରିବା ସହ ସମସ୍ତଙ୍କୁ ସ୍ୱାଗତ ଓ କାର୍ଯ୍ୟସୂଚୀ ଅନୁସାରେ ଆଲୋଚନା କରିଥିଲେ । ଓଡିଶା ଦିବସ ଅର୍ଥାତ ଅପ୍ରେଲ ୧ ତାରିଖ ପ୍ରତ୍ୟୁଷ ୫ ଘଟିକା ରୁ ପୁରୀ ସହର ମଧ୍ୟରେ ଡାକବାଜି ଯନ୍ତ୍ର ମାଧ୍ୟମରେ ଦେଶାତ୍ମବୋଧକ ସଂଗୀତ ପରିବେଷଣ କରାଯିବ । ସହରର ବିଭିନ୍ନ ସ୍ଥାନରେ ଥିବା ବରପୁତ୍ର ମାନଙ୍କ ପ୍ରତିମୂର୍ତି ରେ ପୁରୀ ପୌର ପାଳିକା ଓ ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ ପକ୍ଷରୁ ମାଲ୍ୟାର୍ପଣ ପାଇଁ ବ୍ୟବସ୍ଥା କରାଯିବ । ସେହିପରି ପୁରୀ ଜିଲ୍ଲାର ସମସ୍ତ ବ୍ଲକ ଅଂଚଳ ଓ ସହରାଂଚଳ ରେ ଥିବା ବରପୁତ୍ର ମାନଙ୍କ ପ୍ରତିମୂର୍ତି ରେ ସମ୍ପୃକ୍ତ ବିଡ଼ିଓ ଓ ଏନଏସି ର କାର୍ଯ୍ୟ ନିର୍ବାହୀ ଅଧିକାରୀ ଏବଂ ଶିକ୍ଷାନୁଷ୍ଠାନ ମାନଙ୍କ ରେ ଥିବା ବରପୁତ୍ର ମାନଙ୍କ ପ୍ରତିମୂର୍ତି ରେ ସମ୍ପୃକ୍ତ ଅନୁଷ୍ଠାନର ମୁଖ୍ୟ ମାନେ ମାଲ୍ୟାର୍ପଣ ପାଇଁ ଅନୁରୋଧ କରାଗଲା । ଓଡିଶା ଦିବସ ଅବସରରେ ଅପ୍ରେଲ ୧ ତାରିଖ ପୂର୍ବାହ୍ନ ୮ ଘଟିକା ସମୟରେ ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଏକ ରକ୍ତଦାନ ଶିବିର ଓ ସମ୍ପର୍କ ସାମାଜିକ ଅନୁଷ୍ଠାନ ସହଯୋଗ ରେ ଆୟୁର୍ବେଦ ଭିତିକ ସ୍ୱାସ୍ଥ୍ୟ ସେବା ଶିବିର ଅନୁଷ୍ଠିତ ହେବ । ଏଥିପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ, ବ୍ଲଡ ବ୍ୟାଙ୍କ ଅଧିକାରୀ, ଜିଲ୍ଲା ରେଡକ୍ରସ ଶାଖା ପକ୍ଷରୁ ଆୟୋଜିତ ହେବ ଓ ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟ ର ଅଧକ୍ଷ ସମ୍ମିଳନୀ କକ୍ଷ ପ୍ରଦାନ ସହ ସମସ୍ତ ସହଯୋଗ କରିବାକୁ ଅନୁରୋଧ କରାଗଲା । ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରରେ ବିବିଧ ପ୍ରତିଯୋଗିତା ଆୟୋଜନ କରାଯାଇ କୃତି ପ୍ରତିଯୋଗୀଙ୍କୁ ସଂସ୍କୃତି ଭବନରେ ଆୟୋଜିତ ଉତ୍ସବ ରେ ସମ୍ବର୍ଦ୍ଧିତ କରାଯିବାକୁ ସ୍ଥିର ହେଲା । ବିଦ୍ୟାଳୟ ସ୍ତରରେ ପ୍ରତିଯୋଗିତା ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରରେ ଏସସିଏସ ମହାବିଦ୍ୟାଳୟ ପରିଚାଳନା କରିବେ । ସଂସ୍କୃତି ଭବନ ଠାରେ ଆୟୋଜିତ ଉତ୍ସବରେ ଓଡ଼ିଆ ସଂସ୍କୃତି, ଐତିହ୍ୟ ଓ ଓଡିଶା ଦିବସ ପାଳନ ସମ୍ପର୍କରେ ଆଲୋଚନା କରାଯିବା ସହ ସଂସ୍କୃତି କାର୍ଯ୍ୟାଳୟ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଆଇନ ଶୃଙ୍ଖଳା ରକ୍ଷା, ପାନୀୟ ଜଳ ଯୋଗାଣ, ସ୍ୱାସ୍ଥ୍ୟ ସେବା, ପରିଷ୍କାର ପରିଛନ୍ନତା, ଅଗ୍ନି ନିର୍ବାପକ ବ୍ୟବସ୍ଥା, ଟ୍ରାଫିକ ନିୟନ୍ତ୍ରଣ, ନିରବଚ୍ଛିନ୍ନ ବିଦ୍ୟୁତ ଯୋଗାଣ ଇତ୍ୟାଦି ସମ୍ପର୍କରେ ଆଲୋଚନା କରାଯାଇ ଉପଯୁକ୍ତ ପଦକ୍ଷେପ ନେବାକୁ ବିଭାଗୀୟ ଅଧିକାରୀ ମାନଙ୍କୁ ଅନୁରୋଧ କରାଯାଇଥିଲା । ଓଡିଶା ଦିବସ ଆମ ଓଡ଼ିଶା ର ଗର୍ବ ଓ ସ୍ୱାଭିମାନ ର ପ୍ରତୀକ ।ଏହାକୁ ଆନନ୍ଦର ସହ ପାଳନ କରିବା ଆବଶ୍ୟକ । ତେଣୁ ସମସ୍ତ ସରକାରୀ କାର୍ଯ୍ୟାଳୟ, ବେସରକାରୀ କାର୍ଯ୍ୟାଳୟ, ବ୍ୟାଙ୍କ, ବିଭିନ୍ନ ଉଦ୍ୟୋଗ, ବ୍ୟବସାୟିକ ପ୍ରତିଷ୍ଠାନ, ସାଧାରଣ ଜନତା ପ୍ରମୁଖ ନିଜସ୍ୱ ବ୍ୟୟରେ ତୋରଣ ନିର୍ମାଣ, ଆଲୋକ ମାଳାରେ ସଜ୍ଜିତ କରିବାକୁ ଅନୁରୋଧ କରାଯାଇଥିଲା । ଏହି ବୈଠକରେ ଅନ୍ୟ ମାନଙ୍କ ମଧ୍ୟରେ ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ଚନ୍ଦ୍ର ମୋହନ ଚାନ୍ଦ, ଜିଲ୍ଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା,ଓଡିଶା ଚାରୁ ଓ କାରୁକଳା ମହାବିଦ୍ୟାଳୟର ଅଧକ୍ଷ ଡ.ଦୁର୍ଗା ମାଧବ କର, ସମାଜସେବୀ ଚକ୍ରଧର ମହାପାତ୍ର, ବଦ୍ରିମିଶ୍ର, ଅନାମ ଚନ୍ଦ୍ରସାହୁ, ସମ୍ପର୍କ ଅନୁଷ୍ଠାନ ର ସାଧାରଣ ସମ୍ପାଦକ ସୌମେନ୍ଦ୍ର ଦାସ, ଶ୍ରୀଗୁଣ୍ଡିଚା ଆଧ୍ୟାତ୍ମିକ ଟ୍ରଷ୍ଟର ସମ୍ପାଦକ ଲକ୍ଷ୍ମୀ ନାରାୟଣ ପଟ୍ଟନାୟକ, ଗଣମାଧ୍ୟମ ପ୍ରତିନିଧି ବୃନ୍ଦ, ଅନ୍ୟାନ୍ୟ ଜିଲ୍ଲା ସ୍ତରୀୟ ଅଧିକାରୀ ପ୍ରମୁଖ ଯୋଗ ଦେଇ ଆଲୋଚନା ରେ ଅଂଶଗ୍ରହଣ କରିଥିଲେ । ବୈଠକରେ ସୂଚନା ଓ ଲୋକ ସମ୍ପର୍କ ବିଭାଗର ଉପଖଣ୍ଡ ଅଧିକାରୀ ପ୍ରଦୀପ୍ତ ସେନାପତି, ସହକାରୀ ସୂଚନା ଅଧିକାରୀ ରାଜେନ୍ଦ୍ର କୁମାର ପାତ୍ର ଓ ଅନ୍ୟ କର୍ମଚାରୀ ମାନେ ସହଯୋଗ କରିଥିଲେ ।

# ଜଣେ ଶିକ୍ଷକରେ ଚାଲିଛି ସରକାରୀ ପ୍ରାରମ୍ଭିକ ଶିକ୍ଷକ ଶିକ୍ଷା ପ୍ରତିଷ୍ଠାନ

ସୋର(ନିପ୍ର) : ବାଲେଶ୍ୱର ଜିଲା ସୋର ବ୍ଲକ ବାଗୁଡ଼ି ସରକାରୀ ପ୍ରାରମ୍ଭିକ ଶିକ୍ଷକ ଶିକ୍ଷା ପ୍ରତିଷ୍ଠାନରେ ୨୦୦ ଛାତ୍ରଛାତ୍ରୀଙ୍କୁ ମାତ୍ର ଜଣେ ଟିଚର ଏଜୁକେଟର ପାଠ ପଢ଼ାଉଥିବା ବେଳେ ବିନା ପ୍ରିନ୍ସପାଲ ଏବଂ ବିନା ସୁପରିଟେଣ୍ଡେଂଟରେ ଚାଲିଛି ହଷ୍ଟେଲ । ୧୯୬୪ ମସିହାରୁ ଇଟି, ସିଟି, ମାଧ୍ୟମିକ ଶିକ୍ଷା ପ୍ରଶିକ୍ଷଣ ଏବଂ ସଂପ୍ରତି ସରାକାରୀ ଶିକ୍ଷକ ଶିକ୍ଷା ପ୍ରତିଷ୍ଠାନ ଭାବେ ଏହି ବିଦ୍ୟାଳୟଟି ଜିଲାର ଯଥେଷ୍ଟ ସୁନାମ ବଜାଇ ଆସିଛି । ୨ ବର୍ଷିଆ ପାଠ୍ୟକ୍ରମରେ ପ୍ରତିବର୍ଷ ସରକାରୀ ଭାବେ ୧୦୦ଜଣ ଛାତ୍ର ଛାତ୍ରୀ ଏଠାରେ ନାମ ଲେଖାଇଥାନ୍ତି । ଝିଅପିଲାଙ୍କୁ ଛାଡ଼ିଦେଲେ ଏଠାରେ ୫୦ ଜଣ ଗରିବ ମେଧାବୀ ଛାତ୍ରଙ୍କ ପାଇଁ ଗୋଟିଏ ହଷ୍ଟେଲ ରହିଛି । ଜଣେ ପ୍ରିନ୍ସପାଲ, ଏଜୁକେସନରେ ୩ ଜଣ, ମେଥୋଡ଼ଲୋଜିରେ ୨ ଜଣ, ପେଡ଼ାଗଜିରେ ୩ ଜଣ, ଚିତ୍ରକଳା ପ୍ରଶିକ୍ଷକ-୧, କ୍ରୀଡ଼ା ପ୍ରଶିକ୍ଷକ-୧, ଗ୍ରନ୍ଥାଗାରିକ-୧, ବରିଷ୍ଠ ସହାୟକ -୧, ଭଣ୍ଡାର ରକ୍ଷକ-୧, ପଅନ-୪, ଜଗୁଆଳ-୧ ଏବଂ ଝାଡୁଦାର-୧ ପଦବୀ ଥିବା ବେଳେ ଗତ ଏକ ବର୍ଷ ଧରି ପ୍ରିନ୍ସପାଲ କେହି ନଥିବା ବେଳେ ରେମୁଣା ଜିଲା ଶିକ୍ଷକ ଶିକ୍ଷଣ ପ୍ରତିଷ୍ଠାନର ଭାରପ୍ରାପ୍ତ ପ୍ରିନ୍ସପାଲ ଦାୟିତ୍ୱରେ ଅଛନ୍ତି । ମାତ୍ର ଜଣେ ଶିକ୍ଷା ପ୍ରଶିକ୍ଷକ ଏଠାରେ ୨ଟି ଯାକ ଶ୍ରେଣୀର ପାଠ ପଢ଼ାଉଛନ୍ତି । ହଷ୍ଟେଲ ୪୮ ଜଣ ଛାତ୍ର ଅନ୍ତେବାସୀ ଥିବା ବେଳେ କେହି ସୁପରିଟେଣ୍ଡେ[ ନାହାଁନ୍ତି । ଜଣେ ଅଫିସ ସହାୟକ, ୨ ଜଣ ପିଅନ ଏବଂ ଜଣେ ଜଗୁଆଳରେ ଚାଲିଛି ଏହି ପ୍ରତିଷ୍ଠାନ । ଶିକ୍ଷା ଓ ସ୍ୱାସ୍ଥ୍ୟ ପ୍ରତି ସରକାରୀ ଭାବେ ଅଧିକ ଗୁରୁତ୍ୱ ଦିଆଯାଉଥିବା ବେଳେ କୁନିକୁନି ପିଲାମାନଙ୍କର ଭଗ୍ୟ ଗଠନ ପାଇଁ ଶିକ୍ଷକମାନଙ୍କୁ ତାଲିମ ଦିଆଯାଉଥିବା ପ୍ରତିଷ୍ଠାନର ବର୍ଷବର୍ଷ ଧର୍ରି ପ୍ରଶିକ୍ଷକଙ୍କ ଅଭାବରେ କି ପ୍ରକାର ପ୍ରଶିକ୍ଷିତ ହେବେ ସେ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ସରକାରଙ୍କ ତରଫରୁ ତୁରନ୍ତ ପ୍ରିନ୍ସପାଲ, ସମସ୍ତ ପ୍ରଶିକ୍ଷକ, କଳା ଶିକ୍ଷକ ଓ କ୍ରୀଡ଼ା ଶିକ୍ଷକ ନିଯୁକ୍ତି ଦେବା ପାଇଁ ଛାତ୍ରଛାତ୍ରୀମାନେ ଦାବି କରିଛନ୍ତି ।

# 'ସୁଭଦ୍ରା ଶକ୍ତି ମେଳା-୨୦୨୬' ଉଦ୍‌ଯାପିତ




ନୂଆପଡ଼ା(ନିପ୍ର) : ନୂଆପଡ଼ା ଜିଲ୍ଲା ପ୍ରଶାସନ ପକ୍ଷରୁ ଆୟୋଜିତ ଜିଲ୍ଲାସ୍ତରୀୟ 'ସୁଭଦ୍ରା ଶକ୍ତି ମେଳା-୨୦୨୬'ର ସପ୍ତମ ତଥା ଉଦଯାପନୀ ରଜନୀ ଉତ୍ସାହ ଓ ଉଲ୍ଲାସମୟ ପରିବେଶରେ ସମାପନ ହୋଇଅଛି । ମାର୍ଚ୍ଚ ୧୦ ରୁ ୧୬ ପର୍ଯ୍ୟନ୍ତ ଚାଲିଥିବା ଏହି ମେଳାରେ ଜିଲ୍ଲା ସହିତ ରାଜ୍ୟର ବିଭିନ୍ନ ଅଂଚଳରୁ ମୋଟ ୧୨୦ଟି ଉନ୍ନୟନ ପ୍ରଦର୍ଶନୀ ଷ୍ଟଲ୍ ଆସିଥିଲା । ମେଳା ଅବଧି ସତ୍ ଦିନ ମଧ୍ୟରେ ସମୁଦାୟ ଭାବେ ୭୦ ଲକ୍ଷ ୮୯ ହଜାର ୨୫୧ ଟଙ୍କାର ବ୍ୟବସାୟ ହୋଇଛି । ସ୍ୱୟଂସହାୟକ ଗୋଷ୍ଠୀ ମାନେ ନିଜସ୍ୱ ଉତ୍ପାଦିତ ହସ୍ତଶିଳ୍ପ, ଖାଦ୍ୟ ପଦାର୍ଥ ଓ ଗ୍ରାମୀଣ ଉଦ୍ୟୋଗ ରେ ଉତ୍ପାଦନ ଗୁଡ଼ିକୁ ପ୍ରଦର୍ଶନ ଓ ବିକ୍ରୟ କରି ଭଲ ରୋଜଗାର କରିଥିଲେ । ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ସଭାପତିତ୍ୱରେ ଆୟୋଜିତ ସମାରୋହରେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡଃ ଧନେଶ୍ୱର ସେଠୀ, ଜିଲ୍ଲା ପରିଷଦ ସଭ୍ୟ ଚିତରଞ୍ଜନ ବେହେରା ଓ ପୁଷ୍ପାଞ୍ଜଳୀ ଗୁଆଲ ସମ୍ମାନିତ ଅତିଥି ଭାବରେ ଯୋଗ ଦାନ କରିଥିଲେ କ୍ଷ ନୂଆପଡ଼ା ଆରଟିଓ ବିଭାଗ ପ୍ରଥମ, ଜିଲ୍ଲା ସମାଜ ସୁରକ୍ଷା ବିଭାଗ ଦ୍ୱିତୀୟ ଓ ଜିଲ୍ଲା ଶିକ୍ଷା ବିଭାଗ ତୃତୀୟ ସ୍ଥାନ ଅଧିକାର କରିଥିଲେ ।

# ଜାତୀୟ ଜନଗଣନା କ୍ଷେତ୍ର ପ୍ରଶିକ୍ଷକ ପ୍ରଶିକ୍ଷଣ ଶିବିର

ନୟାଗଡ(ନିପ୍ର) : ଭାରତ ସରକାରଙ୍କ ଜାତୀୟ ଜନ ଗଣନା ୨୦୨୭ ପକ୍ଷରୁ ମାର୍ଚ୍ଚ ୧୦ ରୁ ୧୨ ତାରିଖ ପର୍ଯ୍ୟନ୍ତ ସ୍ଥାନୀୟ ବ୍ରଜେନ୍ଦ୍ର ସରକାରୀ ଉଚ୍ଚ ବିଦ୍ୟାଳୟ ଠାରେ ନୟାଗଡ ଜିଲ୍ଲା ଅନ୍ତର୍ଗତ ୮ ଗୋଟି ବ୍ଲକ, ବିଜ୍ଞାପିତ ଅଂଚଳ ପରିଷଦ ଓ ପୌର ପରିଷଦର ୪୦ ଜଣ କ୍ଷେତ୍ର ପ୍ରଶିକ୍ଷକ ମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରା ଯାଇଥିଲା । ଜିଲ୍ଲାପାଳ ମଧୁମିତା ରଥଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ମାଷ୍ଟର ଟ୍ରେନର ଅତିରିକ୍ତ ଜିଲ୍ଲାପାଳ ରୋଜିନା ଦାସ, ଖଣ୍ଡପଡ଼ା ବିଡ଼ିଓ ଅଙ୍କୁର ଅଭିଲାଷ ଏହାର ପରି ଚାଳନା କରିଥିଲେ । ବିଭିନ୍ନ କାର୍ଯ୍ୟରେ ସହଯୋଗ କରିଥିଲେ ଡେପୁଟି କଲେକ୍ଟର ପ୍ରିୟଙ୍କା ମହାନ୍ତି, ସହକାରୀ କଲେକ୍ଟର ଶୁକଦେବ ବେହେରା ଏବଂ ଜନଗଣନା ଅଧିକାରୀ ଅକ୍ଷୟ କୁମାର ନାୟକ । ପ୍ରଶିକ୍ଷଣର ଅନ୍ତିମ ଦିନରେ ଫିଲ୍ଡ ଟ୍ରେନର ମାନଙ୍କୁ ନେଇ ଏକ ପ୍ରା କ୍ଟୀକାଲ କାର୍ଯ୍ୟ ନୟାଗଡ ମ୍ୟୁନିସିପାଲଟିର ୧୨ ନଂ ୱାର୍ଡରେ କରା ଯାଇଥିଲା

# ଅଚଳ ପାନୀୟ ଜଳ ପ୍ରକଳ୍ପ ଲାଗୁନି କାମରେ, କୋଟିଏ ଟଙ୍କା ପାଣିରେ



ଧାମନଗର(ନିପ୍ର) : ଧାମନଗର ଗ୍ରାମ୍ୟ ଜଳଯୋଗାଣ ବିଭାଗ ଏବେ କୋମାରେ ଅଧିକାରି ଙ୍କ ମନମୁଖୀ କାର୍ଯ୍ୟ ନେଇ ଚିନ୍ତାରେ ଲୋକମାନେ । ଧାମନଗର ବ୍ଲକ କରଦା ପଂଚାୟତ ଚଷାଖଣ୍ଡ ଗାଁରେ ସରକାରଙ୍କ ଲକ୍ଷ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ପାନୀୟ ଜଳ ପ୍ରକଳ୍ପ ଏବେ ପ୍ରହସନ ପାଲଟିଛି । ଚଷାଖଣ୍ଡ ଗାଁର ୧୯୧ଟି ପରିବାରକୁ ପାଇପ୍ ପାଣି ଯୋଗାଇବା ଲାଗି ୨ ଲକ୍ଷ ଲିଟର କ୍ଷମତା ବିଶିଷ୍ଟ ଏହି ବିଶାଳ ପାଣିଟାଙ୍କି ନିର୍ମାଣ ହୋଇଥିଲେ ସୁଦ୍ଧା ବୈଷୟିକ ତ୍ରୁଟି ଓ ସ୍ଥାନୀୟ ବିବାଦ ଯୋଗୁଁ ଲୋକେ ବୁନ୍ଦାଏ ପାଣି ପାଇବାକୁ ଚାତକ ଭଳି ଚାହିଁ ରହିଛନ୍ତି । ୨୦୧୯ରୁ ଟେଣ୍ଡର ହୋଇ ୨୦୨୪ରେ ନିର୍ମାଣ କାର୍ଯ୍ୟ ଶେଷ ହୋଇଥିଲା । ମାତ୍ର ପ୍ରକଳ୍ପ ପାଇଁ ସ୍ଥାନ ନିରୁପଣ ସଠିକ୍ ହୋଇନଥିବାରୁ ଏଠାରୁ ଗାଁ ଗୁଡ଼ିକୁ ପାଣି ଯୋଗାଇବା କଷ୍ଟସାଧ ହୋଇପଡ଼ିଛି । ବୈଷୟିକ ଜ୍ଞାନକୌଶଳ ଓ ଆଇନଗତ ଦିଗକୁ ଅଣଦେଖା କରି କେବଳ ଟାଙ୍କି ନିର୍ମାଣ କରିବା ହିଁ ମୂଳ ଲକ୍ଷ୍ୟ ଥିବା ପରି ମନେହେଉଛି । ପ୍ରକଳ୍ପଟି ସମ୍ପୂର୍ଣ୍ଣ ହେବା ପରଠାରୁ ବନ୍ଦ ରହିବାର ମୁଖ୍ୟ କାରଣ ହେଉଛି ବିଦ୍ୟୁତ୍ ସଂଯୋଗର ଅଭାବ । ନିର୍ମାଣ ପୂର୍ବରୁ ଜନସାଧାରଣଙ୍କ ସହମତି ନିଆଯାଇ ନଥିବାରୁ ଏଭଳି ସ୍ଥିତି ଉପୁଜିଛି । ଫଳରେ କୋଟି କୋଟି ଟଙ୍କାର ଯନ୍ତ୍ରପାତି ଅଚଳ ହୋଇ ପଡ଼ିରହିଛି । ପ୍ରକଳ୍ପ କାର୍ଯ୍ୟକ୍ଷମ ହେବା ପୂର୍ବରୁ ହିଁ ଗାଁକୁ ବିଛାଯାଇଥିବା ପାଇପ୍ ଗୁଡ଼ିକ ସ୍ଥାନେ ସ୍ଥାନେ ଫାଟି ନଷ୍ଟ ହେବାକୁ ବସିଲାଣି । ଲୋକଙ୍କ ଦୁଆର ମୁହଁରେ ଲାଗିଥିବା ଷ୍ଟାଣ୍ଡପୋଷ୍ଟ ଓ ଟ୍ୟାପ୍ ଗୁଡ଼ିକ ଚୋରି ହୋଇଗଲାଣି । ଆଶ୍ଚର୍ଯ୍ୟର କଥା, ୨୦ ମିଟର ଉଚ୍ଚର ଏହି ଟାଙ୍କି ଉପରେ ଏପର୍ଯ୍ୟନ୍ତ ଲାଇଟିଂ ଆରେଷ୍ଟର (ବଜ୍ରପାତ ନିରୋଧକ) ଲଗାଯାଇ ନାହିଁ, ଯାହାକି ବର୍ଷା ଦିନେ ଏକ ବଡ଼ ବିପଦକୁ ଆମନ୍ତ୍ରଣ କରୁଛି । ଖରାଦିନ ଆରମ୍ଭରୁ ହିଁ ଚଷାଖଣ୍ଡ ଅଂଚଳରେ ଜଳ ସଂକଟ ତୀବ୍ର ହେବାରେ ଲାଗିଛି । କୂଅ, ପୋଖରୀ ଶୁଖିଗଲାଣି ଏବଂ ନଳକୂପର ଜଳସ୍ତର ହ୍ରାସ ପାଇବାରେ ଲାଗିଛି । ଏଭଳି ସ୍ଥିତିରେ ସରକାରୀ ଟଙ୍କାରେ ନିର୍ମିତ ପ୍ରକଳ୍ପ ଲୋକଙ୍କ କାମରେ ନ ଆସିବା ଅତ୍ୟନ୍ତ ଦୁର୍ଭାଗ୍ୟ ଜନକ । ସେହିପରି ବିରୁହା ଠାରେ ମଧ୍ୟ ଏହି ଯୋଜନା ରେ ପାଣିଟାଙ୍କି ନିର୍ମାଣ ସରିଥିଲେବି ଲୋକ ମାନେ ମଧୁର ଜଳ ପାଇବାରେ ବଂଚିତ ହୋଇ ଛନ୍ତି, କିଛି ବର୍ଷ ହେବ ଉକ୍ତ ଜୋନ ଦାଇତ୍ୱ ରେ ଥିବା ଜେିନିକ ଯନ୍ତ୍ରୀଙ୍କ ମନ୍ ମୁଖି କାର୍ଯ୍ୟ ଯୋଗୁଁ ଏପରି ଅବସ୍ଥା ଦେଖିବାକୁ ମିଳିଛି । ଏ ଦିଗରେ ଭଦ୍ରକ ଜିଲ୍ଲାପାଳ ଦୃଷ୍ଟି ଦେବାକୁ ଦାବି ହୋଇଚି, ଖୁବ ଶୀଘ୍ର ଅଚଳ ପାଣି ଟାଙ୍କିକୁ ସଚଳ କରା ଯିବବୋଲି ବିଭାଗୀୟ ଏସଡିଓ ମୁକୁଲ ଦାସ କହିଛନ୍ତି ।

# ଧାର ପଇସା ମାଗିବାରୁ ଆକ୍ରମଣ

ଖଇରା(ନିପ୍ର) : ବାଲେଶ୍ୱର ଜିଲା ଖଇରା ଥାନା ହରିପୁର ପଂଚାୟତ ଅଧୀନ ମହୁଲପଙ୍କା ଗ୍ରାମରେ ଧାର ପଇସା ମାଗିବାରୁ ପୂର୍ଣ୍ଣଚନ୍ଦ୍ର ନାୟକଙ୍କୁ ଭୁଜାଲି ରେ ଆକ୍ରମଣ କରିବା ଅଭିଯୋଗରେ ଖଇରା ପୋଲିସ ସେହି ଗ୍ରାମର ମନୋଜ ରାଉତଙ୍କୁ ଗୁରୁବାର ଗିରଫ କରି କୋର୍ଟ ଚାଲାଣ କରିଛନ୍ତି । ପ୍ରାୟ ୧ମାସ ତଳେ ମନୋଜ ପୂର୍ଣ୍ଣଚନ୍ଦ୍ରଙ୍କ ନିକଟରୁ ୪ହଜାର ଟଙ୍କା ନେଇଥିବା ବେଳେ ସମସୟସୀମା ଅତିକ୍ରାନ୍ତ ପରେ ପୂର୍ଣ୍ଣଚନ୍ଦ୍ର ଉଦ୍ଧାର ଟଙ୍କା ମାଗିବାରୁ ଏହି ଘଟଣା ଘଟିବା ନେଇ ଖଇରା ଥାନାରେ ଅଭିଯୋଗ ହୋଇଥିଲା ।

# ରେଲୱେ ଷ୍ଟେସନ ଓ ଭିତିଭୂମିର ବିକାଶ ନିମନ୍ତେ ଆରଡିସିଙ୍କ ସୁପାରିଶ



ବ୍ରହ୍ମପୁର(ନିପ୍ର) : ସହର ତଳି ଅଂଚଳ ମିଳିତ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ସଭାପତି ସଞ୍ଜୀବ କୁମାର ପଟ୍ଟନାୟକଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ଗତ ତା ୧୦/୨/ ୨୦୨୬ ରିଖରେ ବ୍ରହ୍ମପୁରରେ ଅବସ୍ଥିତ ଦକ୍ଷିଣାଂଚଳ ରାଜସ୍ୱ ଡିଭିଜନ କମିଶନର ସଂଗ୍ରାମ କେଶରୀ ମହାପାତ୍ର, ଆଇଏଏସ ଙ୍କୁ ସାକ୍ଷାତ କରି ବ୍ରହ୍ମପୁରରେ କମିଶନରେଟ୍ ପୋଲିସ ବ୍ୟବସ୍ଥା ଲାଗୁ ତଥା ଶୀତଳାପଲ୍ଲୀ ଠାରେ ବନ୍ଦେ ଭାରତ କୋଚ କାରଖାନା, ବ୍ରହ୍ମପୁର - ରେଢ଼ାଖୋଲ ଭାୟା ଭଞ୍ଜନଗର ଟ୍ରେନ ଲାଇନ ନିର୍ମାଣ ଓ ପୁରାତନ ବ୍ରହ୍ମପୁର ଷ୍ଟେସନର ଆଧୁନିକୀକରଣ ଓ ଭିତିଭୂମି ବିକାଶ ସମ୍ବଳିତ ଦାବୀ ପତ୍ର ମୁଖ୍ୟ ଶାସନ ସଚିବଙ୍କ ଉଦ୍ଦେଶ୍ୟରେ ଦିଆଯାଇଥିଲା । ତାହାଙ୍କୁ ଆଧାର କରି ଗତ ତା ୧୧/୩/୨୦୨୬ ଆରଡିସି ସଂଗ୍ରାମ କେଶରୀ ମହାପାତ୍ର ବ୍ରହ୍ମପୁରରେ କମିଶନରେଟ୍ ପୋଲିସ ବ୍ୟବସ୍ଥା କାର୍ଯ୍ୟକାରୀ କରିବା ନିମନ୍ତେ କ୍ରିୟାନୁଷ୍ଠାନ କମିଟି ତରଫରୁ ଯେଉଁ ଦାବୀ ରଖାଯାଇଛି ତାହାକୁ ବିଚାରକୁ ନେବାକୁ ସୁପାରିଶ କରିଛନ୍ତି । ଏ ବାବଦରେ ଜିଲ୍ଲା ପୋଲିସ ପ୍ରଶାସନ ତରଫରୁ ପୂର୍ବରୁ କଣ ପଦକ୍ଷେପ ନିଆଯାଇଛି ସେ ସମ୍ପର୍କରେ ଉଲ୍ଲେଖ କରିବା ସହ ସେ ସମ୍ପର୍କିତ ନଥି ପତ୍ର ସଲଂଗ୍ନ କରିଛନ୍ତି । ସେହିଭଳି ରେଲୱେ ବିକାଶ ନେଇ ସହର ତଳି ଅଂଚଳ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଦିଆଯାଇଥିବା ବିଭିନ୍ନ ଦାବୀ ଉପରେ ନିଜର ଦୃଷ୍ଟିଭଙ୍ଗୀ ରଖି ମାନନୀୟ ଦକ୍ଷିଣାଂଚଳ ରାଜସ୍ୱ ଆୟୁକ୍ତ କହିଛନ୍ତି ଯେ ଶିତଳାପଲ୍ଲୀ ଠାରେ ବନ୍ଦେ ଭାରତ କୋଚ କାରଖାନା ନିର୍ମାଣର ଯେଉଁ ଦାବୀ ହେଉଛି ତାହାର ଯଥାର୍ଥତା ରହିଛି । ଏହି କାରଖାନା ସ୍ଥାପନ ନିମନ୍ତେ ଶିତଳାପଲ୍ଲୀ ଗମନା ଗମନ, ପ୍ରମୁଖ ରେଳ ଓ ପରିବହନ ଭିତିଭୂମି ଦୃଷ୍ଟିରୁ ଏକ ଉପଯୁକ୍ତ ସ୍ଥାନ ଏଂ ସେଠାରେ ଉପଯୁକ୍ତ ଜମି ଉପଲବ୍ଧ ହୋଇ ପାରିବ । ଅଧିକନ୍ତୁ ଏହି କାରଖାନା ନିର୍ମାଣ ହେଲେ ଅନେକ ପ୍ରତ୍ୟକ୍ଷ ଓ ପରୋକ୍ଷ ଯଥେଷ୍ଟ ସୁଯୋଗ, କର୍ମନିଯୁକ୍ତି ସୃଷ୍ଟି ସହ ଏହାକୁ ଆଧାର କରି ଅନେକ ବୃହତ୍ ନିର୍ମାଣ ଶିଳ୍ପର ସୁବିଧା ପ୍ରତିଷ୍ଠାର ସାମଗ୍ରିକ ସମ୍ଭାବନାକୁ ସମର୍ଥନ କରେ । ସେହିପରି ବ୍ରହ୍ମପୁର ଷ୍ଟେସନର ପୁନଃନିର୍ମାଣ, ଆଧୁନିକ କରଣ ଓ ଭିତିଭୂମି ବିକାଶ ଉପରେ କମିଟି ପକ୍ଷରୁ ଦିଆଯାଇଥିବା ପ୍ରସ୍ତାବକୁ ଗ୍ରହଣ କରି ସେ ମତ ରଖି କହି ଯେ ବ୍ରହ୍ମପୁରର ଅଧୁନା ବିଦ୍ୟମାନ ଭିତିଭୂମି ବର୍ଦ୍ଧିତ ଯାତ୍ରୀ ଯାତାୟତ ଏବଂ ଅଂଚଳର ବର୍ଦ୍ଧିତ ବାଣିଜ୍ୟକ ଗୁରୁତ୍ୱକୁ ପୂରଣ କରିବା ପାଇଁ ପର୍ଯ୍ୟାପ୍ତ ନୁହେଁ । ଭିତିଭୂମିଗତ ସୁବିଧା, ଭିଡ଼, ପରିମଳ ସମସ୍ୟା ଏଂ ଆଧୁନିକ ସୁବିଧାର ଅଭାବକୁ ସମାଧାନ କରିବା ପାଇଁ ଏହାକୁ ପୁନଃନିର୍ମାଣ କରିବା ଆବଶ୍ୟକ ରହିଥିବା ନେଇ ସୁପାରିଶ କରିଛନ୍ତି । ସେହିପରି କମିଟି ଦ୍ୱାରା ଗୋପାଳପୁର ରେଢ଼ାଖୋଲ ରେଳ ଲାଇନ ନିର୍ମାଣ ଦାବୀ ପତ୍ର ଉପରେ ମତ ରଖି ସେ କହିଛନ୍ତି ଯେ ପ୍ରସ୍ତାବିତ ଗୋପାଳପୁର - ରେଢ଼ାଖୋଲ ରେଳ ଲାଇନ ଓଡ଼ିଶାର ଦକ୍ଷିଣ ଓ ପଶ୍ଚିମ ଜିଲ୍ଲା ମଧ୍ୟରେ ସଂଯୋଗ ସ୍ଥାପନ ପାଇଁ ଅତ୍ୟାବଶ୍ୟକ । ଏହି ପ୍ରକଳ୍ପ ମାଲ ଓ ଯାତ୍ରୀ ପରିବହନକୁ ଦ୍ରୁତ ଓ ସହଜ କରିବ । ଆହୁରି ମଧ୍ୟ ଶିଳ୍ପ କରିଡ଼ର ପ୍ରତିଷ୍ଠାକୁ ସହାୟତା କରିବା ସହ ଏହି ମାର୍ଗରେ ଆସୁଥିବା ପଛୁଆ ଅଂଚଳ ଗୁଡ଼ିକୁ ଆର୍ଥିକ ଅଭିବୃଦ୍ଧି ଓ ଉନ୍ନତି ପ୍ରଦାନ କରିବ ବୋଲି ନିଜ ପତ୍ରରେ ଉଲ୍ଲେଖ କରିଛନ୍ତି ।ସହର ତଳି ଅଂଚଳ ମିଳିତ କ୍ରିୟାନୁଷ୍ଠାନ କମିଟିର ବ୍ରହ୍ମପୁରର ଅଭିବୃଦ୍ଧି, ବିକାଶ ଓ ଉନ୍ନତି ନିମନ୍ତେ ଦକ୍ଷିଣାଂଚଳ ଆରଡିସିଙ୍କ ନିକଟରେ ରଖାଯାଇ ଥିବା ପ୍ରସ୍ତାବ ଓ ଦାବୀର ଗୁରୁତ୍ୱ, ପ୍ରାଧାନ୍ୟ ଓ ଆବଶ୍ୟକତାକୁ ହୃଦୟଙ୍ଗମ କରି ମାନନୀୟ ଆରଡିସି ସଂଗ୍ରାମ କେଶରୀ ମହାପାତ୍ର ମହୋଦୟ ଯେଉଁ ଅନୁକୂଳ, ସହାୟକ ତଥା ସକାରାତ୍ମକ ଓ ଆସ୍ତିବାଚକ ସମ୍ବଳିତ ମତ ଓ ସୁପାରିଶ ଭିତିକ ପତ୍ର ସରକାର ତଥା ମୁଖ୍ୟ ଶାସନ ସଚିବଙ୍କ ଉଦ୍ଦେଶ୍ୟରେ ଲେଖିଛନ୍ତି ତାହା ଅତ୍ୟନ୍ତ ସ୍ୱାଗତଯୋଗ୍ୟ, ପ୍ରଶଂସନୀୟ ଏଂ ଉଚ୍ଚକୋଟୀର ପଦକ୍ଷେପ । କମିଟି ତାହାକୁ ସ୍ୱାଗତ କରିବା ସହ ବ୍ରହ୍ମପୁରର ବିକାଶ ନେଇ ତାଙ୍କର ଆନ୍ତରିକତା ଓ ପ୍ରତିବଦ୍ଧତା ନିମନ୍ତେ ତାଙ୍କୁ ଏଥି ନିମନ୍ତେ ସାଧୁବାଦ ଜଣାଉଛି । ଆରଡିସିଙ୍କ ଏହି ପତ୍ର ନେଇ କମିଟି ଖୁବ୍ ଶୀଘ୍ର ମୁଖ୍ୟ ଶାସନ ସଚିବଙ୍କୁ ସାକ୍ଷାତ କରି ପରବର୍ତୀ ପଦକ୍ଷେପ ନେବା ନିମନ୍ତେ ଆଲୋଚନା କରିବ । ଏହା ଉପରେ ମୁଖ୍ୟ ଶାସନ ସଚିବଙ୍କ କାର୍ଯ୍ୟାଳୟ ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନ ନିମନ୍ତେ ପ୍ରେରଣ କରିବ ।

# ଟ୍ରେନ ଚଢୁଥିବା ବେଳେ ଖସିପଡ଼ି ଜଣେ ମହିଳା ଯାତ୍ରୀଙ୍କ ମୃତ୍ୟୁ

ସୋର(ନିପ୍ର) : ସୋର ରେଳ ଷ୍ଟେସନରେ ବାଙ୍ଗିରିପୋଷି-ପୁରୀ ଟ୍ରେନରେ ଚଢୁଥିବା ଜଣେ ମହିଳା ଯାତ୍ରୀ ଭିଡ଼ ଯୋଗୁଁ ଉଠି ନପାରି ଖସିପଡ଼ି ଗୁରୁତର ଅବସ୍ଥାରେ ବାଲେଶ୍ୱର ମେଡ଼ିକାଲକୁ ସ୍ଥାନାନ୍ତରିତ ହୋଇଥିବା ବେଳେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି । ସୋର ପୌରାଂଚଳ କମାଣପୁର ଗ୍ରାମର ପଦ୍ମଲୋଚନ ପ୍ରଧାନଙ୍କ ସ୍ତ୍ରୀ ବାସନ୍ତୀ ପ୍ରଧାନ(୬୫) ଚିକିତ୍ସା ପାଇଁ ଭୁବନେଶ୍ୱର ଯିବା ସକାସେ ଏହି ଟ୍ରେନ୍‌ରେ ଚଢୁଥିବା ବେଳେ ପ୍ରବଳ ଭିଡ଼ କାରଣରୁ ଉଠି ନପାରି ଦିବ୍ୟାଙ୍ଗ ବଗିରେ ଉଠୁଥିବା ସମୟରେ ଗୋଡ଼ ଖସିଯାଇ ଥିଲା । ଏହି ସମୟରେ ଗାର୍ଡ଼ ଛାଡ଼ିଦେବାରୁ ତାଙ୍କର ଗୋଡ଼ କଟିଯାଇ ଗୁରୁତର ହୋଇ ପଡ଼ିଥିଲେ । ତାଙ୍କୁ ୧୦୮ ଆମ୍ବୁଲାନ୍ସରେ ପ୍ରଥମେ ସୋର ଏବଂ ଗୁରୁତର ଥିବାରୁ ବାଲେଶ୍ୱର ଜିଲା ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା । ସେଠାରେ ତାଙ୍କର ମୃତ୍ୟୁ ହୋଇଥିବା ଆର୍‌ପିଏଫ ସୂତ୍ରରୁ ଖବର ମିଳିଛି । ପ୍ରକାଶ ଥାଉକି ପ୍ରାୟ ଅଧିକାଂଶ ଦିନ ଏହି ଟ୍ରେନ୍ ?ରେ ଯାତ୍ରୀ ସଂଖ୍ୟା ଅଧିକ ହେଉଥିବା ବେଳେ ଏହାର ବଗି ସଂଖ୍ୟା କମ ଥିବାରୁ ଯାତ୍ରୀ ମାନେ ଯିବା ପାଇଁ ହନ୍ତସନ୍ତ ହେଉଛନ୍ତି । ଏହି ଟ୍ରେନରେ ଅଧିକ ବଗି ସଂଯୋଗ କରିବା ପାଇଁ ସାଧାରଣରେ ଦାବି ହୋଇଛି ।



# ଗାଡ଼କଣ ବର୍ଷା ଭିଲେଜ ଭାଗବତ ଟୁଙ୍ଗିରେ ପଖାଳ ଖାଇବା କାର୍ଯ୍ୟକ୍ରମ ଅନୁଷ୍ଠିତ



ଭୁବନେଶ୍ୱର,:ଆଜି ଗାଡ଼କଣ ବର୍ଷା ଭିଲେଜ ଭାଗବତ ଟୁଙ୍ଗି ରେ ପଖାଳ ଖାଇବା କାର୍ଯ୍ୟକ୍ରମ ସକାଳ ୧୦ଘଟିକା ରେ ଅନୁଷ୍ଠିତ ହୋଇ ଯାଇଛି । ଗ୍ରୀଷ୍ମ ଋତୁରେ ସମସ୍ତେ ପଖାଳ ଖାଇବା କୁ ଆହ୍ୱାନ କରାଯାଉଛି,ଭାଗବତ ଟୁଙ୍ଗି ବର୍ଷା ଭିଲେଜ ଗାଡ଼କଣ ଭାଗବତ ଟୁଙ୍ଗି ଓ ପଖାଳ କାର୍ଯ୍ୟକ୍ରମ ରେ ଅତିଥି ଭାବେ ଡ଼ ହରିହର କାନୁନଗୋ, ମାତୃ ପ୍ରସାଦ ମିଶ୍ର ,ଡ଼ ନାରାୟଣ ମହାପାତ୍ର, ଅଭିରାମ ପରମ ହଂସ କରମଳା ଆଶ୍ରମ ବାବା, ଅସିତ ବାବା ,ବିଜୟ କୁମାର ଦାଶ ପ୍ରମୁଖ ଯୋଗ ଦେଇ ତାଙ୍କର ଆଶ୍ରିବଚନ ପ୍ରଦାନ କରି ଥିଲେ । ଡ଼ ଭଗବାନ ଦାଶ ଓ ଡ଼ ନାରାୟଣ ମହାପାତ୍ର ଙ୍କ ସଂଯୋଜନା ରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ରେ ଇଁ ରବି ନାରାୟଣ ମହାପାତ୍ର ,ଭାରତୀ ଭୂଷଣ ପଟ୍ଟନାୟକ ,ତ୍ରିଲୋଚନ ନାୟକ, ପ୍ରଦୀପ କୁମାର ସାହୁ, ଚୈତନ୍ୟ ନାୟକ, ପ୍ରଶାନ୍ତ ପାତ୍ର ,ଦିଲ୍ଲୀପ ମିଶ୍ର, ବଂଶୀଧର ନାୟକ, କୃଷ୍ଣ ଚନ୍ଦ୍ର ମହାପାତ୍ର, ବିଜୟ ପଣ୍ଡା, ଅଶୋକ ବଳ, ତନ୍ମୟ ଜେନା ,ଶରତ ମହାପାତ୍ର ,ସଞ୍ଜୟ ମିଶ୍ର ,ମଧୁ ମାଧବ ଜେନା, ବିଜୟ ଭାଇ ପ୍ରମୁଖ ଓ ଭାଗବତ ଟୁଙ୍ଗି ର ସଭାପତି ସମ୍ପାଦକ ଓ ଅନ୍ୟାନ୍ୟ କର୍ମକର୍ତା ଓ ଜଗନ୍ନାଥ ସଂସ୍କୃତି କୁ ଭଲ ପାଉଥିବା ଜଗନ୍ନାଥ ପ୍ରେମୀ ମାନେ ଯୋଗ ଦେଇ ଭଜନ ଶୁଣି ଭାଗବତ ଟୁଙ୍ଗି ରେ ପଖାଳ ଭୋଜନ ର ଆନନ୍ଦ ନେଇ ଥିଲେ । ମହାପ୍ରଭୁ ଙ୍କ ସଂସ୍କୃତି ଆମ ସଂସ୍କୃତି ଆମର ଅସ୍ମିତା ଓ ଅନ୍ୟତମ ପରିଚୟ ହେଲା ପଖାଳ, ଆମ ପୂର୍ବ ପୁରୁଷ ମାନେ ଅକ୍ଷମଙ୍କୁ ପଖାଳ ଖାଇବାକୁ ଶିଖାଇଯାଇଛନ୍ତି କ୍ଷ ଆଜି ଓଡ଼ିଆଙ୍କ ଅନ୍ୟତମ ପରିଚୟ ' ପଖାଳ' ଆସନ୍ତୁ ଆମ ଐତିହ୍ୟ, ପରମ୍ପରା ଓ ସଂସ୍କୃତି କୁ ବଂଚେଇ ରଖିବା ଆମ ପଖାଳ ଆମ ପାଇଁ ଅମୃତ ଆମ ଐତିହ୍ୟ ପାଇଁ ଆମେ ଗର୍ବିତ,ଆମେ ସାଧାରଣ ଉପାସ ବ୍ରତ ରେ ସାଗୁ ପଖାଳ ଓ ଚୁଡା ପଖାଳ ଖାଇ ଥାଉ, ଅନ୍ୟ ଦିନ ମାନଙ୍କ ରେ ଅର୍ଣ୍ଣ ପଖାଳ ଖାଇ ଥାଉ, ଓଡ଼ିଆ ଘର ର ଅସଲ ସ୍ୱାଦ ପଖାଳ ,ପଖାଳ ଏହି ଛୋଟିଆ ତିନୋଟି ଅକ୍ଷରରେ ତିଆରି ଶବ୍ଦଟି ଆମ ଓଡ଼ିଆଙ୍କ ଜନଜୀବନ ସହ କାହିଁ କେଉଁ କାଳରୁ ଯୋଡ଼ି ହୋଇ ରହିଛି । ଖୁସିର କଥା ଏହା କେବଳ ଆଉ କେବଳ ଓଡ଼ିଆଙ୍କ ଜନଜୀବନ ସହିତ ଯୋଡି ହେଇ ରହିଛି ।ଧନୀରୁ ନିର୍ଦ୍ଧନୀ ପର୍ଯ୍ୟନ୍ତ ସମସ୍ତେ ଏହାକୁ ଖାଇ ପାରିବେ; ପଖାଳ ଖାଇଲେ ମୁଣ୍ଡ ଥଣ୍ଡା, ଆମେ ଓଡ଼ିଆ, ଆମ ମହାପ୍ରଭୁ ଭାରି ବଢିଆ ଶ୍ରୀ ଜଗନ୍ନାଥ ସଂସ୍କୃତି ପ୍ରଚାରକ ନାରାୟଣ ମହାପାତ୍ର ଶ୍ରୀ ଭଗବାନ ଦାଶ ସଭାପତି ଜୟ ଜଗନ୍ନାଥ ପରିବାର ଚାରିଟେବୁଲ ଟ୍ରଷ୍ଟ ।

# ବାରମ୍ବାର ଅଭିଯୋଗ ସତ୍ତ୍ୱେ ପ୍ରଶାସନର ଅଣଦେଖା ତଦନ୍ତ ପରେ ମଧ୍ୟ ପ୍ରତିଶ୍ରୁତି କାଗଜରେ ସୀମିତ, ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ



ବେତନଟୀ,(ନି.ପ୍ର.) : ମୟୂରଭଞ୍ଜ ଜିଲ୍ଲା ବେତନଟୀ ବ୍ଲକ ଅନ୍ତର୍ଗତ ବେତନଟୀ ଗ୍ରାମ ପଂଚାୟତର ୧୪ ନମ୍ବର ୱାର୍ଡରେ ଅଦିନିଆ ବର୍ଷା ପରେ ଗୁରୁତର ଜଳବନ୍ଦି ସମସ୍ୟା ସୃଷ୍ଟି ହୋଇଛି । ଗାଁର କଂକ୍ରିଟ ରାସ୍ତା ଉପରେ ଆଣ୍ଠୁଏ ପର୍ଯ୍ୟନ୍ତ ବର୍ଷାପାଣି ଜମି ରହିଥିବାରୁ ଏହା ଏକ କୃତ୍ରିମ ଜଳାଶୟର ଭ୍ରମ ସୃଷ୍ଟି କରିଛି । ଫଳରେ ସ୍ଥାନୀୟ ଲୋକମାନେ ଦୈନନ୍ଦିନ ଯାତାୟାତରେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଗ୍ରାମବାସୀଙ୍କ କହିବା ଅନୁଯାୟୀ, ୮ରୁ ୧୦ବର୍ଷ ପୂର୍ବେ ଏହି ରାସ୍ତାକୁ କଂକ୍ରିଟ କରାଯାଇଥିଲେ ମଧ୍ୟ ଡ୍ରେନ ନିର୍ମାଣ ହୋଇନଥିବାରୁ ପ୍ରତ୍ୟେକ ବର୍ଷ ବର୍ଷା ସମୟରେ ଏଠାରେ ଜଳବନ୍ଦି ସ୍ଥିତି ସୃଷ୍ଟି ହୋଇଥାଏ । ଏହି ସମସ୍ୟା ନେଇ ଗ୍ରାମବାସୀ ପଂଚାୟତ ଓ ବ୍ଲକ ପ୍ରଶାସନଙ୍କୁ ବାରମ୍ବାର ଅଭିଯୋଗ କରିଆସୁଥିଲେ ମଧ୍ୟ ଏପର୍ଯ୍ୟନ୍ତ କୌଣସି ସ୍ଥାୟୀ ସମାଧାନ ହୋଇନାହିଁ । ସୂଚନା ଅନୁସାରେ, ଗତକାଲି ହୋଇଥିବା ଅଦିନିଆ ବର୍ଷା ପରେ ପୁଣିଥରେ ଏହି ଅଂଚଳରେ ଲଗାଣ ବର୍ଷା ସଦୃଶ ଜଳବନ୍ଦି ସ୍ଥିତି ଦେଖାଦେଇଛି । କଂକ୍ରିଟ ରାସ୍ତା ଉପରେ ଦୀର୍ଘ ସମୟ ଧରି ପାଣି ଜମି ରହିବାରୁ ପଚା ଦୁର୍ଗନ୍ଧ ବାହାରୁଛି ଏବଂ ଏହା ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି କରୁଛି । ଗତ ବର୍ଷ ସେପ୍ଟେମ୍ବର ୫ ତାରିଖରେ ବିଭିନ୍ନ ଗଣମାଧ୍ୟମରେ ଏହି ଖବର ପ୍ରକାଶ ପାଇବା ପରେ ବେତନଟୀ ବ୍ଲକର ବିଡିଓ ଶୁଶାନ୍ତ କୁମାର ସୂତାରଙ୍କ ନିର୍ଦ୍ଦେଶରେ ବ୍ଲକ ଏଏଇ ସୌମ୍ୟଶ୍ରୀ ଭୋଇ ଘଟଣାସ୍ଥଳକୁ ଯାଇ ସ୍ଥିତିର ଅନୁଧ୍ୟାନ କରିଥିଲେ । ସେ ସମୟରେ ଶୀଘ୍ର ଡ୍ରେନ ନିର୍ମାଣ କରାଯିବ ବୋଲି ପ୍ରତିଶ୍ରୁତି ମଧ୍ୟ ଦିଆଯାଇଥିଲା । କିନ୍ତୁ ଦୀର୍ଘ ସମୟ କଟିଯାଇଥିଲେ ମଧ୍ୟ ସେହି ପ୍ରତିଶ୍ରୁତି ବାସ୍ତବରେ ପରିଣତ ହୋଇପାରିନାହିଁ । ଏପରିକି ଗ୍ରାମ ପଂଚାୟତର କିଛି ଅଂଚଳରେ ଅତ୍ୟାବଶ୍ୟକତା ନଥିବା ସତ୍ତ୍ୱେ ମାତ୍ର ତିନୋଟି ଘର ପାଇଁ ପ୍ରାୟ ୩ ଲକ୍ଷ ଟଙ୍କା ବ୍ୟୟ କରି ଡ୍ରେନ ନିର୍ମାଣ କରାଯାଇଥିବା ଏବଂ ସୁଖିଲାହାର ସାମିଲ ମହୁଲିଆ ଗାଁରେ ମାତ୍ର ଗୋଟିଏ ଘର ପାଇଁ ପ୍ରାୟ ୫ ଲକ୍ଷ ଟଙ୍କା ଖର୍ଚ୍ଚ କରି ରାସ୍ତା ନିର୍ମାଣ କରାଯାଇଥିବା ନେଇ ସ୍ଥାନୀୟ ଲୋକ ଅସନ୍ତୋଷ ପ୍ରକାଶ କରିଛନ୍ତି । କିନ୍ତୁ ୧୪ ନମ୍ବର ୱାର୍ଡରେ ଅନେକ ପରିବାର ଏହି ସମସ୍ୟାରେ ସମ୍ମୁଖୀନ ହେଉଥିବା ସତ୍ତ୍ୱେ ପ୍ରଶାସନ ଏହାପ୍ରତି ଗୁରୁତ୍ୱ ଦେଉନଥିବା ଅଭିଯୋଗ ହେଉଛି । ଏହି ସମ୍ପର୍କରେ ଗ୍ରାମ ପଂଚାୟତ ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀ ପ୍ରଶାନ୍ତ ବେହେରାଙ୍କୁ ପଚାରିବାରୁ ସେ କହିଛନ୍ତି ଯେ କାମ ପ୍ରକ୍ରିୟାରେ ଅଛି ଏବଂ ଧୀରେ ଧୀରେ ସବୁ ବ୍ୟବସ୍ଥା କରାଯିବ । ଅନ୍ୟପଟେ ବେତନଟୀ ବ୍ଲକ ବିଡିଓ ଶୁଶାନ୍ତ କୁମାର ସୂତାରଙ୍କ ସହ ଫୋନ ଯୋଗେ ଯୋଗାଯୋଗ କରିବାକୁ ଚେଷ୍ଟା କରାଯାଇଥିଲେ ମଧ୍ୟ ସେ ଫୋନ କାଟି ଦେଇଥିଲେ ଫୋନ ଗ୍ରହଣ କରିନଥିଲେ । ଏହି ସମସ୍ୟାର ଶୀଘ୍ର ସ୍ଥାୟୀ ସମାଧାନ କରିବାକୁ ଗ୍ରାମବାସୀ ପ୍ରଶାସନଙ୍କୁ ଦାବି କରିଛନ୍ତି ।

# ଉତର ସାହି ଛଉନୃତ୍ୟ ପ୍ରତିଷ୍ଠାନର ଚୈତ୍ରପର୍ବ ପାଇଁ ନୃତ୍ୟ ଅଭ୍ୟାସ

ବାରିପଦା(ନି.ପ୍ର.) ଉତର ସାହି ଛଉ ନୃତ୍ୟ ପ୍ରତିଷ୍ଠାନ ଆନୁକୂଲ୍ୟରେ ମା ଭୈରବୀଙ୍କ ସମ୍ମୁଖରେ ପାରମ୍ପରିକ ବୀର ବାଦ୍ୟ ବଜାଯାଇ ପୂଜାର୍ଚ୍ଚନା ସହିତ ଛଉ ନୃତ୍ୟ ଶିଳ୍ପୀ ମାନେ ହାତରେ ଖଣ୍ଡା ଧରି ମା ଭୈରବୀଙ୍କୁ



ସଲାମୀ ଦେଇ ଚୈତ୍ର ପର୍ବ -୨୦୨୬ ପାଇଁ ନୃତ୍ୟ ଅଭ୍ୟାସ ଆରମ୍ଭ କରିଛନ୍ତି. ଉକ୍ତ କାର୍ଯ୍ୟକ୍ରମରେ ଅନୁଷ୍ଠାନର ଉପ-ସଭାପତି ବରିଷ୍ଠ ଆଇନଜୀବି ସୁଜାତା ମିଶ୍ର, ସନ୍ଦୀପ ବିଶୋଇ, ଅନୁଷ୍ଠାନର ସଭ୍ୟ ଅମ୍ବିକା ପ୍ରସାଦ ମହାନ୍ତି, ପ୍ରଣବ କୁମାର ଦେ, ସହ-ସମ୍ପାଦକ ତଥା ଅନୁଷ୍ଠାନର ଉସ୍ତାଦ ଲୋକନାଥ ଦାସ, ନବକିଶୋର ଦାସ, ଯତୀନ ଚନ୍ଦ୍ର ଗିରି, ରଞ୍ଜନ କୁମାର ମିଶ୍ର ପ୍ରମୁଖ ଉପସ୍ଥିତ ରହି କଳାକାର ମାନଙ୍କୁ ଭଲଭାବେ ନୃତ୍ୟ ପରିବେଷଣ କରି ଉତର ସାହି ତରଫରୁ ଚୈତ୍ର ପର୍ବକୁ ସଫଳ କରାଇବା ପାଇଁ ଅନୁପ୍ରାଣିତ କରାଇଥିଲେ ।

# ବିପର୍ଯ୍ୟୟ ପ୍ରଶମନ ଏବଂ ଅଗ୍ନି ନିର୍ବାପକ ଡ୍ରିଲ ଅନୁଷ୍ଠିତ



ବାରିପଦା(ନି.ପ୍ର.) ବାରିପଦା ସରକାରୀ ମହିଳା ମହାବିଦ୍ୟାଳୟରେ ବିପର୍ଯ୍ୟୟ ପ୍ରଶମନ ଏବଂ ଅଗ୍ନି ନିର୍ବାପକ ଡ୍ରିଲ ଅନୁଷ୍ଠିତ ହୋଇଯାଇଛି. ଓଡିଶା ସରକାରଙ୍କ ନିର୍ଦ୍ଦେଶ କ୍ରମେ ସରକାରୀ ମହିଳା ମହାବିଦ୍ୟାଳୟ ଓ ସରକାରଙ୍କ ଦ୍ୱାରା ଗଠିତ ଓଡିଶା ଷ୍ଟେଟ ଡିଜାଷ୍ଟର ମେନେଜମେଂଟ ଅଥରିଟି, ବାରିପଦା ଅଗ୍ନିଶମ ବିଭାଗ ଏବଂ ପୋଲିସ ବିଭାଗର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଆପଦ କାଳୀନ ଅଧିକାରୀ ଜଗବନ୍ଧୁ ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଭିନ୍ନ ପ୍ରକାର ବିପର୍ଯ୍ୟୟ ଯଥା ବଜ୍ରପାତ, ସର୍ପ ଦଂଶନ, ଜଳ ବୁଡ଼ି, ବନ୍ୟା, ବାତ୍ୟା, ଅଗ୍ନି ଜନିତ ବିଭିନ୍ନ ସମସ୍ୟାରୁ କିପରି ରକ୍ଷା ପାଇବା ସେ ସମ୍ପର୍କରେ ଆଲୋଚନା କରିଥିଲେ. ସେହିପରି ବାରିପଦା ଥାନାର ସବ- ଇନିସ୍ପେକ୍ଟର ଉମା ମଲ୍ଲିକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଛାତ୍ରୀମାନଙ୍କୁ ଉଦବୋଧନ ଦେଇ ପ୍ରାକୃତିକ ହେଉ ବା ମନୁଷ୍ୟ କୃତ ପ୍ରତ୍ୟେକ ବିପର୍ଯ୍ୟୟକୁ ସାହାସ ଓ କୌଶଳର ସହ ସାମ୍ନା କରିପାରିଲେ ବହୁ ଧନ ଜୀବନ ରକ୍ଷା ହୋଇପାରିବ ବୋଲି କହିଥିଲେ. ବାରିପଦା ଅଗ୍ନିଶମ ବିଭାଗର ଅଧିକାରୀ ଗୁଣଧର ଜେନା ଅନ୍ୟତମ ସମ୍ମାନିତ ଅତିଥି ଭାବେ ଯୋଗଦେଇ ମହାବିଦ୍ୟାଳୟର ଛାତ୍ରୀ ମାନଙ୍କୁ ବିପର୍ଯ୍ୟୟ ସମୟରେ ଏବଂ ପରେ କିପରି ନିଜକୁ ସୁରକ୍ଷିତ ରଖିହେବ ସେ ବିଷୟରେ ବୁଝାଇଥିଲେ. ମହାବିଦ୍ୟାଳୟର ଅଧକ୍ଷା ଡ. ସାଗରିକ ସିଂହ ନିଜର ସଭାପତି ଅଭିଭାଷଣରେ ଛାତ୍ରୀମାନେ ଅଭିଜ୍ଞ ଓ କୌଶଳି ହୋଇପାରିଲେ ସମସ୍ତ ପ୍ରକାର ସମସ୍ୟାକୁ ସାମ୍ନା କରିପାରିବେ ବୋଲି କହିଥିଲେ. ଶେଷରେ ଅଗ୍ନିଶମ ବିଭାଗର ଏକ ଟିମ ଅଗ୍ନି ନିର୍ବାପକ ସମ୍ପର୍କରେ ବିଭିନ୍ନ କୌଶଳ ଛାତୀମାନଙ୍କୁ ଶିଖାଇ ଥିଲେ. ଯୁବ ରେଡ଼କ୍ରସର ପରାମର୍ଶ ଦାତା ପ୍ରଫେସର ତପସ୍ୱିନୀ ନାଏକ ଏବଂ ଜାତୀୟ ସେବା ଯୋଜନାର ସଂଯୋଜିକା ପ୍ରଫେସର ମନୀଷା ହେମ୍ବ୍ରମ ସଭା ପରିଚାଳନାରେ ସହଯୋଗ କରିଥିଲେ. ସହକାରୀ ପ୍ରଫେସର ଡ. ମନରଞ୍ଜନ ନାଏକ ସ୍ୱାଗତ ଭାଷଣ ଦେଇଥିବା ବେଳେ ଡ. ଚନ୍ଦ୍ରଶେଖର ଦାସ ଧନ୍ୟବାଦ ଅର୍ପଣ କରିଥିଲେ ।

# ଗ୍ରୀଷ୍ମ ପ୍ରବାହ ମୁକାବିଲା ନେଇ ଜିଲ୍ଲାସ୍ତରୀୟ ପ୍ରସ୍ତୁତି ବୈଠକ




ଝାରସୁଗୁଡ଼ା(ନି.ପ୍ର.) : ଆଗାମୀ ଏପ୍ରିଲ ଓ ମେ ମାସରେ ପ୍ରବଳ ଗ୍ରୀଷ୍ମ ପ୍ରବାହର ଆଶଙ୍କାକୁ ଦୃଷ୍ଟିରେ ରଖି ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା ପ୍ରାଧିକରଣର ଗାଇଡ୍ ?ଲାଇନ୍ ଅନୁଯାୟୀ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହର ମୁକାବିଲା ପାଇଁ ଜିଲ୍ଲାପାଳ ଶ୍ରୀ କୁଣାଲ ମୋତିରାମ ଚହ୍ୱାଣଙ୍କ ଅଧକ୍ଷତାରେ ଜିଲ୍ଲାସ୍ତରୀୟ ଜରୁରୀକାଳୀନ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ଶ୍ରୀ ଚହ୍ୱାଣଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶ୍ରୀ କିଶୋର ଚନ୍ଦ୍ର ସ୍ୱାଇଁ, ଉପ-ଜିଲ୍ଲାପାଳ ଶ୍ରୀ ସବ୍ୟସାଚୀ ପଣ୍ଡା ଏବଂ ଜିଲ୍ଲା ଜରୁରୀକାଳୀନ ଅଧିକାରୀ ଶ୍ରୀ ମୃତ୍ୟୁଞ୍ଜୟ ସବରଙ୍କ ସମେତ ସମସ୍ତ ବିଭାଗୀୟ ଅଧିକାରୀ ଯୋଗ ଦେଇଥିଲେ । ବୈଠକରେ ଜିଲ୍ଲାପାଳ ସ୍ପଷ୍ଟ କରିଛନ୍ତି ଯେ ଜିଲ୍ଲାରେ ଅଂଶୁଘାତ ଜନିତ ମୃତ୍ୟୁ ସଂଖ୍ୟାକୁ ଶୂନ୍ୟ ରଖିବା ପ୍ରଶାସନର ପ୍ରାଥମିକତା । ଏଥିପାଇଁ ସକାଳ ୧୦ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ପିକ-ଆୱାରରେ କୌଣସି ପରିବହନ ସେବା କିମ୍ବା ଖଣି ଓ ନିର୍ମାଣ ଶ୍ରମିକଙ୍କ କାର୍ଯ୍ୟ ଜାରି ରହିବ ନାହିଁ । ଭାରୀ ଯାନ ଗୁଡ଼ିକରେ ଡ୍ରାଇଭରଙ୍କ ସୁରକ୍ଷା ପାଇଁ କୁଲିଂ ବ୍ୟବସ୍ଥା ସହ ଜଣେ ସହଯୋଗୀ ରହିବା ବାଧ୍ୟତାମୂଳକ କରାଯାଇଛି । ସ୍କୁଲ ଗୁଡ଼ିକରେ ପିଲାମାନଙ୍କ ସୁରକ୍ଷା ପାଇଁ ସ୍ୱତନ୍ତ୍ର ସତର୍କତା ଅବଲମ୍ବନ କରିବାକୁ ଏବଂ ସକାଳୁଆ ସ୍କୁଲ ନିୟମ ପାଳନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି ।ଜାତୀୟ ରାଜପଥରେ ଗୋବିନ୍ଦପୁର ଟୋଲ ଗେଟ୍ ସମେତ ଜିଲ୍ଲାର ସମସ୍ତ ବ୍ଲକ, ମ୍ୟୁନିସିପାଲିଟି ଏବଂ ଜଳକ୍ଲିଷ୍ଟ ଅଂଚଳରେ ପର୍ଯ୍ୟାପ୍ତ ଜଳଛତ୍ର ଓ ବିଶ୍ରାମ ଗାର ଖୋଲିବାକୁ କୁହାଯାଇଛି । କୌଣସି ସରକାରୀ କାର୍ଯ୍ୟାଳୟ ପରିସରରେ ଜଳ ଅପଚୟକୁ ନେଇ ଜିଲ୍ଲାପାଳ କଠୋର ଆଭିମୁଖ୍ୟ ପ୍ରକାଶ କରି କହିଛନ୍ତି ଯେ, 'ଟ୍ୟାପ୍ ଖୋଲା ରଖିବା ବା ପାଣି ଭାସୁଥିବା ବର୍ଦ୍ଦାସ୍ତ କରାଯିବ ନାହିଁ ।' ପାନୀୟ ଜଳ ସମ୍ପର୍କିତ ସମସ୍ତ ପେଣ୍ଡିଂ ଫାଇଲ୍ ତୁରନ୍ତ ସାରିବା ସହ ଅଚଳ ନଳକୂପ ଓ ପାଇପ୍ ଲାଇନ ଲିକେଜକୁ ୨୪ ଘଂଟା ମଧ୍ୟରେ ମରାମତି କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଟାଟା ପାୱାରକୁ ନିର୍ଦ୍ଦେଶ ଦିଆଯାଇଛି ଯେ ମରାମତି କାର୍ଯ୍ୟ ଭୋର ସମୟରେ କରାଯିବ ଏବଂ ମଧ୍ୟାହ୍ନରେ ଅବିରତ ବିଦ୍ୟୁତ ଯୋଗାଣ ସୁନିଶ୍ଚିତ ହେବ । ସ୍ୱାସ୍ଥ୍ୟ ବିଭାଗକୁ ଓଆରଏସ ପ୍ୟାକେଟ ଓ ଜୀବନ ରକ୍ଷକ ଔଷଧ ମହଜୁଦ ରଖିବା ସହ ହସ୍ପିଟାଲ ଗୁଡ଼ିକରେ ଏସି ଓ କୁଲର ସୁବିଧା ଥିବା ସ୍ୱତନ୍ତ୍ର କକ୍ଷ ପ୍ରସ୍ତୁତ ରଖିବାକୁ କୁହାଯାଇଛି । ଜଙ୍ଗଲରେ ନିଆଁ ରୋକିବା ପାଇଁ ବନ ବିଭାଗକୁ ସତର୍କ କରାଯାଇଥିବା ବେଳେ ବନ୍ୟଜନ୍ତୁଙ୍କ ପାଇଁ ପାଣିର ବ୍ୟବସ୍ଥା କରିବାକୁ କୁହାଯାଇଛି । ଜିଲ୍ଲା, ବ୍ଲକ ଓ ମୁଖ୍ୟ ପ୍ରାଣୀ ଚିକିତ୍ସା କେନ୍ଦ୍ରରେ ୨୪/୭ କଂଟ୍ରୋଲ ରୁମ୍ ଖୋଲାଯାଇ ସମସ୍ତ ହେଲ୍ପଲାଇନ ନମ୍ବରକୁ ସାର୍ବଜନୀନ କରିବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି ।ଏଥିସହ ଚଳିତ ମାର୍ଚ୍ଚ, ଏପ୍ରିଲ ଓ ମେ ମାସରେ ଗ୍ରୀଷ୍ମ ପ୍ରବାହ ଅଂଶୁଘାତ ନିୟନ୍ତ୍ରଣ ପାଇଁ କିପରି ପ୍ରସ୍ତୁତି ହେବା ଆବଶ୍ୟକ ସେ ବିଷୟରେ ଜିଲ୍ଲାର ବିଭିନ୍ନ ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ । ଚଳିତ ବର୍ଷର ପ୍ରଥମାର୍ଦ୍ଧରୁ ହିଁ ପ୍ରବଳ ଗ୍ରୀଷ୍ମ ପ୍ରବାହ ଜିଲ୍ଲାରେ ଆରମ୍ଭ ହୋଇଥିବା ବେଳେ ଆଗକୁ ଏହା ଆହୁରି ତୀବ୍ର ରୂପ ନେବାର ଆଶଙ୍କକ୍ଷ ରହିଛି ।ତେଣୁ ବିଭିନ୍ନ ସମୟରେ ଅଂଶୁଘାତ ହୋଇ ଜୀବନ ପ୍ରତି ବିପଦ ମଧ୍ୟ ସୃଷ୍ଟି ହେବାର ସମ୍ଭାବନା ରହିଛି । ତେଣୁ ସ୍ୱାସ୍ଥ୍ୟ ବିଭାଗକୁ ସଜାଗ ରହିବାକୁ କୁହାଯାଇଛି । ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ମଧ୍ୟରେ ଏକ ସ୍ୱତନ୍ତ୍ର ଅଂଶୁଘାତ କକ୍ଷ କରାଯିବା ସହ ଅଂଶୁଘାତ ରୋଗୀଙ୍କ ପାଇଁ ସମସ୍ତ ପ୍ରକାର ଆଶୁ ଚିକିତ୍ସା ବ୍ୟବସ୍ଥାକୁ ତ୍ୱରାନ୍ୱିତ କରିବା ପାଇଁ କୁହାଯାଇଥିଲା ସେହିପରି ଜିଲ୍ଲାର ସମସ୍ତ ଗ୍ରାମରେ ପାନୀୟ ଜଳ ବ୍ୟବସ୍ଥା କରାଯିବକ୍ଷ, ଅଚଳ ନଳକୂପ, ସୌର ଚାଳିତ ନଳକୂପ ଗୁଡିକ କାର୍ଯ୍ୟକ୍ଷମ କରିବା ନିମନ୍ତେ ଜ୍ଜିଲ୍ଲା ଗ୍ରାମୀୟ ଜଳଯୋଗାଣ ସଂସ୍ଥା ନିର୍ବାହୀ ଯନ୍ତ୍ରୀଙ୍କୁ କୁହାଯାଇଛି । ଖରାପ ନଳକୂଅ ତୁରନ୍ତ ମରାମତି କରିବାକୁ କୁହାଯାଇଛି ।ସେହିପରି ମଧ୍ୟାହ୍ନ ସମୟରେ ବାହାରେ ବୁଲିବା ବେଳେ ପାଣି ବୋତଲ, ଛତା, ଟୋପି ତଥା ଓଦା କପଡା ଇତ୍ୟାଦି ମୁଣ୍ଡରେ ପକାଇ ଯାତାୟାତ କରିବା ଏବଂ ଏନେଇ ଜିଲ୍ଲାର ସମସ୍ତ ଜନସାଧାରଣଙ୍କୁ ବ୍ୟାପକ ସଚେତନ କରାଇବାକୁ ମଧ୍ୟ ବିଭିନ୍ନ ବ୍ୟବସ୍ଥା ପାଇଁ ବିସ୍ତୃତ ଭାବେ ଆଲୋଚନା ହୋଇଥିଲା । ସ୍ୱେଚ୍ଛାସେବୀ ଅନୁଷ୍ଠାନ, ପଂଚାୟତ ଜନପ୍ରତିନିଧି ମାନଙ୍କୁ ନେଇ ଜନସଚେତନତା କରିବା ପାଇଁ କୁହାଯାଇଛି । ବନ୍ୟଜନ୍ତୁଙ୍କ ନିମନ୍ତେ ପିଇବା ପାଣି ବ୍ୟବସ୍ଥା କରିବାକୁ ବନ ବିଭାଗ ଅଧିକାରୀଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି କ୍ଷ ସେହିପରି ଅଂଶୁଘାତରେ କାହାର ମୃତ୍ୟୁ ହୁଏ ତେବେ ତୁରନ୍ତ ରିପୋର୍ଟ ପ୍ରଦାନ କରିବାକୁ ମଧ୍ୟ ତହସିଲଦାର, ବିଡ଼ିଓ ମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି ।

# ମୁଣ୍ଡରାଜୋର ନୂତନ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର କୋଠାର ନିର୍ମାଣ କାର୍ଯ୍ୟ ସମୀକ୍ଷା କଲେ ଜିଲ୍ଲାପାଳ

ଝାରସୁଗୁଡ଼ା(ନି.ପ୍ର.) ଜିଲ୍ଲାପାଳ ଶ୍ରୀ କୁଣାଲ ମୋତିରାମ ଚହ୍ୱାଣ ଆଜି ମୁଣ୍ଡରାଜୋର ସ୍ଥିତ ନୂତନ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ନିର୍ମାଣାଧୀନ କୋଠା ପରିଦର୍ଶନ କରି କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିଛନ୍ତି । ଏହି ପରିଦର୍ଶନ ସମୟରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ମଧ୍ୟ



ଉପସ୍ଥିତ ରହି ସ୍ୱାସ୍ଥ୍ୟ କେନ୍ଦ୍ରର ବିଭିନ୍ନ ବୈଷୟିକ ଦିଗ ଉପରେ ଆଲୋଚନା କରିଥିଲେ । ଜିଲ୍ଲାପାଳ ନିର୍ମାଣାଧୀନ କୋଠାର କୋଣ ଅନୁକୋଣ ବୁଲି ଦେଖିବା ସହ କାର୍ଯ୍ୟର ମାନ ପରଖିଥିଲେ । ନିର୍ମାଣ ଦାୟିତ୍ୱରେ ଥିବା ଠିକା ସଂସ୍ଥାର କର୍ମକର୍ତାଙ୍କ ସହ ଆଲୋଚନା କରି ଜିଲ୍ଲାପାଳ କାର୍ଯ୍ୟର ଗୁଣବତା ବଜାୟ ରଖିବା ପାଇଁ କଡ଼ା ନିର୍ଦ୍ଦେଶ ଦେଇଛନ୍ତି । ସୂଚନାଯୋଗ୍ୟ ଯେ, ସ୍ଥାନୀୟ ଅଂଚଳବାସୀଙ୍କୁ ଉତମ ସ୍ୱାସ୍ଥ୍ୟସେବା ଯୋଗାଇଦେବା ଲକ୍ଷ୍ୟରେ ଏହି ନୂତନ କୋଠା ନିର୍ମାଣ କରାଯାଉଛି । ଚଳିତ ଆର୍ଥିକ ବର୍ଷ ଶେଷ ସୁଦ୍ଧା ସମସ୍ତ କାର୍ଯ୍ୟ ଶେଷ କରି କୋଠା ହସ୍ତାନ୍ତର କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି ।

# ରାଷ୍ଟ୍ରୀୟ ସଂସ୍କୃତିର ନୂଆବର୍ଷ ପାଇଁ ପ୍ରଚ୍ଚର ସମିତିର ପ୍ରସ୍ତୁତି ବୈଠିକ

ଭଦ୍ରକ (ନି.ପ୍ର.):ଆଗାମୀ ମହାବିଷୁବ ସଂକ୍ରାନ୍ତି କେବଳ ଉତ୍କଳୀୟ ସଂସ୍କୃତି ନୁହେଁ ମହାଭାରତୀୟ ସଂସ୍କୃତିର ନୂଆବର୍ଷ ରୂପରେ ପରିଗଣିତ ହୋଇଥାଏ । ଏହି ନୂତନ ବର୍ଷରେ ଜଗତର ପାଳକ ଶ୍ରୀ ଜଗନ୍ନାଥଙ୍କୁ ଆରାଧନା କରିବା, ଏକ ମହତ କାର୍ଯ୍ୟରୂପେ ପରିଗଣିତ । ଏହି ପରିପ୍ରେକ୍ଷୀରେ ପ୍ରତିବର୍ଷ ପରି ଚଳିତବର୍ଷ ଶ୍ରୀଜଗନ୍ନାଥ ଦର୍ଶନ ପ୍ରଚ୍ଚର ସମିତି ପକ୍ଷରୁ ଏହି ପାଳନ ନିମନ୍ତେ ଏକ ପ୍ରସ୍ତୁତି ବୈଠିକ ଭଦ୍ରକସ୍ଥ ଶ୍ରୀ ବାଳଗୋପାଳ ମନ୍ଦିରରେ ସମିତିର ମୁଖ୍ୟ ପରିଚ୍ଚଳକ ପଃଭାଗୀରଥି ନନ୍ଦ ଶର୍ମାଙ୍କ ଅଧକ୍ଷତାରେ ହୋଇଥିଲା । ଏଥିରେ ପ୍ରଚାର ସମିତିର ମୁଖ୍ୟ ଆବାହକ ଶରତ କୁମାର ସାହୁ ଶ୍ରୀଜଗନ୍ନାଥଙ୍କୁ ସ୍ମରଣ ପୂର୍ବକ ବାବା ଆଖଣ୍ଡଳମଣୀଙ୍କ ଆରଡ଼ି ପୀଠ ଠାରେ ଅନୁଷ୍ଠିତ ହୋଇଯାଇଥିବା ମହା ସଂସ୍କୃତିର ଜାଗରଣ ଯାତ୍ରାର ରୂପରେଖ ଓ ଆୟ ବ୍ୟୟ ଉପସ୍ଥାପନା କରୁଥିଲେ । ଆସନ୍ତା ମହାବିଷୁବ ସଂକ୍ରାନ୍ତିରେ ଶ୍ରୀଜଗନ୍ନାଥଙ୍କ ଆରାଧନା ସହ ଆଧ୍ୟାତ୍ମିକ ସଭା ଅନୁଷ୍ଠିତ କରିବାପାଇଁ ଡ଼ଗମୁଣ୍ଡ ସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିରରେ ପାଳନ କରାଯିବାକୁ ସ୍ଥିର କରାଯାଇଥିଲା ଏହି ଆଲୋଚନା ସଭାରେ ସର୍ବଶ୍ରୀ, ସନେଇ ଶିଅଳ, ବାବୁଲା ଦାସ, ଜଗବନ୍ଧୁ ରାମ, ନାରାୟଣ ପ୍ରଧାନ, ଲକ୍ଷ୍ମୀଧର ଖଟୁଆ, ରାଜେନ୍ଦ୍ର ପ୍ରସାଦ ଅଗସ୍ତି, ପ୍ରଶାନ୍ତ କୁମାର ଦେ, ସନ୍ତୋଷ କୁମାର ଦାଶ, କାଳନ୍ଦୀ ଚରଣ ପାଣି, ପ୍ରମୁଖ ଯୋଗଦାନ କରିଥିଲେ ।

### ନେତା ପ୍ରଶାସନର ଦୃଷ୍ଟି ଆଢୁଆଳରେ ଖଇରା ବ୍ଲକ ଘୋଷଣାରେ ଅଟକିଛି କୋର୍ଟ

# ଫାଣ୍ଡି ପ୍ରତିଷ୍ଠା ଓ ବିଜ୍ଞାପିତ ଅଂଚଳ ମାନ୍ୟତା

ଖଇରା(ନି.ପ୍ର.) ବାଲେଶ୍ୱର ଜିଲା ଅନ୍ତର୍ଗତ ଖଇରା ବ୍ଲକ ରେ ସ୍ଥାପନା ବା ନିର୍ମିତ ହେବାକୁ ଥିବା ପ୍ରକଳ୍ପ ଏବେ କେବଳ ଘୋଷଣାରେ ଅଟକିଛି । ସ୍ୱାଧିନତାର ୭୬ବର୍ଷ ପରେ ବି ଖଇରା ନେତା ପ୍ରଶାସନର ଦୃଷ୍ଟି ଆଢୁଆଳରେ ରହି ଯାଇଛି । ବାସ୍ତବ ରୁପାୟନ କୁ ନେଇ ଖଇରା ବାସୀ ସନ୍ଦିହାନ ହୋଇ ପଡିଥିବା ବେଳେ ଖଇରାବାସୀଙ୍କ ପାଇଁ ଏବେ ଚିନ୍ତା କରିବାର ସମୟ ଆସିଛି ବୋଲି ବୁଦ୍ଧିଜିବୀ ମାନେ



ମତବ୍ୟକ୍ତ କରିଛନ୍ତି । ବାଲେଶ୍ୱର ଜିଲାରେ ଭୋଗରାଇ ପରେ ଖଇରା ଦ୍ୱିତୀୟ ବୃହ□ମ ବ୍ଲକ ଭାବେ ପରିଗଣିତ ହେଉଥିଲେ ହେଁ ପ୍ରକଳ୍ପ ସ୍ଥାପନା ଏବଂ ଉନ୍ନୟନ ମୁଳକ କାର୍ଯ୍ୟର ସଫଳ ରୁପାୟନ କୁ ଦେଖିଲେ ଏହା ଏବେ ଏକ ପଛୁଆ ବ୍ଲକ ଭାବେ ପରିଗଣିତ ହୋଇଛି । ଖଇରାରେ କୋର୍ଟ,ଫାଣ୍ଡି ପ୍ରତିଷ୍ଠା ଓ ବିଜ୍ଞାପିତ ଅ□ଳ ପରିଷଦ ମାନ୍ୟତା କେବଳ ଘୋଷଣା ଏବଂ ପ୍ରତିଶୃତିରେ ଅଟକି ରହିଥିବାରୁ ରାଜନୈତିକ ନେତୃବୃନ୍ଦ କେବଳ ଖଇରବାସୀଙ୍କୁ କେବଳ ଭକୁଆ କରି ରଖାଯାଇଛି । ୨୦୨୪ ଅଗଷ୍ଟ ୭ତାରିଖରେ ଓଡିଶାର ୬୫ ସ୍ଥାନରେ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଅଦାଲତ ଖୋଲିବାକୁ ଚିଠି କରାଯାଇଥିଲା । ଏଥିରେ ଖଇରା ତଥା ପଡୋଶୀ ଔପଦା ବ୍ଲକର ନାମ ମଧ୍ୟ ରହିଥିଲା । ଔପଦାରେ କୋର୍ଟ ୬ମାସ ତଳୁ କାର୍ଯ୍ୟକ୍ଷମ ହୋଇ ସାରିଥିବା ବେଳେ ଖଇରା କୋର୍ଟ ଆରମ୍ଭ ଅନିଶ୍ଚିତତା ଦେଇ ଗତି କରୁଛି । ଅସ୍ଥାୟୀ ଭାବେ ଖଇରା ବ୍ଲକ ପରିସରରେ ଖୋଲିବାକୁ ନିଷ୍ପ□ ନିଆଯିବା ଏବଂ ଏଥିରେ ବିଭିନ୍ନ ସମୟରେ ଜିଲା ବିଚାରପତି ପରିଦର୍ଶନରେ ଆସିଥିଲେ ହେଁ ଆଶାନୁରୁପ ଅଗ୍ରଗତି ହୋଇ ପାରିନାହିଁ । ସେହିଭଳି ୨୦୨୩ ମସିହାରେ ତୁଡିଗଡିଆରେ ଫାଣ୍ଡି ପ୍ରତିଷ୍ଠା ପ୍ରତିଷ୍ଠା ପାଇଁ ସରକାରଙ୍କ ଅନୁମୋଦନ ଲାଭ କରିବା ପରେ ଖଇରା ତହସିଲ ଓ ଥାନା ପକ୍ଷରୁ ସୀମା ନିର୍ଦ୍ଧାରଣ ସହ ସ୍କେଚମ୍ୟାପ ମଧ୍ୟ ପ୍ରସ୍ତୁତ କରାଯାଇଥିଲା । ନିକଟରେ ବାଲେଶ୍ୱର ଜିଲାର ଅନନ୍ତପୁରରେ ନୂଆ ଥାନା ଉଦ୍‌ଘାଟନ ହୋଇଯାଇଥିବା ବେଳେ ତୁଡିଗଡିଆ ପାଇଁ କେହି ଆନ୍ତରିକତା ଦେଖାଇ ନାହାଁନ୍ତି । ସେହିଭଳି ବିଜେଡି ସରକାରରେ ଖଇରାକୁ ବିଜ୍ଞାପିତ ଅ□ଳ ପରିଷଦ ମାନ୍ୟତା ମିଳିଥିବା ବେଳେ ଭାଜପା ସରକାର ର ନୂଆ ତାଲିକାରେ ଖଇରା ବାଦ ପଡିଲା ଏବଂ ଖଇରା ପରବ□ୀ ସମୟରେ ଘୋଷଣା କରାଯିବ ବୋଲି କିଛି ନେତୃବୃନ୍ଦ ଏହାକୁ ଅଟକାଇ ରଖିବା ନେଇ ଅଭିଯୋଗ ହୋଇଥିଲା । ଏହଛଡା ବ୍ଲକର ୯ଟି ପଡାଗ୍ରାମ କଦଳିଗଡିଆ, ଅଲିପୁର, ଆମ୍ବହତା, ବରଗିଡି, କୁରୁ□ାଶାସନ, ରମଦା, ମାହାରାସାହି, ପାତ୍ରଖୁ□ା ଓ ବଡମୁହାଁ କୁ ରାଜସ୍ୱ ଗ୍ରାମର ମାନ୍ୟତା ପାଇଁ ଜିଲାପାଳ ଏବଂ ଖଇରା ତହସିଲକୁ ଆନୁସଙ୍ଗିକ କାର୍ଯ୍ୟ ସାରିବାକୁ ଚିଠି କରାଯାଇଥିଲେ ହେଁ ଏହା କେବଳ ଚିଠି ରେ ସିମିତ ରହିଛି । ଯଦି ପ□ାୟତ ନିର୍ବାଚନ ପୂର୍ବରୁ ସରକାର ଏଗୁଡିକ ପୁରଣ ଏବଂ ପୁର୍ଣ୍ଣାଙ୍ଗ ନକରନ୍ତି ଏହା ଫଳ ଶାସକ ଦଳ ବିରୋଧରେ ଯିବାର ସମ୍ଭାବନାକୁ ଏଡାଇ ଦିଆଯାଇନପାରେ ।

# ଇଦ୍‌ପର୍ବ ପୂର୍ବରୁ ୟୁଏଇ ରାଷ୍ଟ୍ରପତିଙ୍କୁ ଶୁଭେଚ୍ଛା ଜଣାଇଲେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ : ୟୁନାଇଟେଡ ଆରବ ଏମିରେଟ୍ସର ରାଷ୍ଟ୍ରପତି ଏଚଏଚ ଶେଖ୍ ମହମ୍ମଦବିନ୍ ଜାଏଦ ଅଲ୍ ନାହ୍ୟାନଙ୍କୁ ଇଦ୍ ପର୍ବ ଉପଲକ୍ଷେ ପ୍ରାକ୍ ଅଭିନନ୍ଦନ ଜ୍ଞାପନ କଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ । ପଶ୍ଚିମଏସିଆର ସାମ୍ପ୍ରତିକ ଘଟଣାବଳୀ ସମ୍ପର୍କରେ ବିଶଦ ଆଲୋଚନା ମଧ୍ୟ କରିଥିଲେ । ମଧ୍ୟପ୍ରାଚ୍ୟ ଯୁଦ୍ଧରେ ନିହତ ୟୁଏଇର ଜନସାଧାରଣଙ୍କ ଉଦ୍ଦେଶ୍ୟରେ ଗଭୀର ଶ୍ରଦ୍ଧାଞ୍ଜଳି ମଧ୍ୟ ଅର୍ପଣ କରିଥିଲେ ।









## ରାଷ୍ଟ୍ରପତି ଭବନ ସାଂସ୍କୃତିକ କେନ୍ଦ୍ରରେ ଆୟୋଜିତ କାର୍ଯ୍ୟକ୍ରମକୁ ସମ୍ବୋଧିତ କଲେ ରାଷ୍ଟ୍ରପତି



ନୂଆଦିଲ୍ଲୀ : ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ତି ଯେ ଦେଶର ଭବିଷ୍ୟ ଆମ ଛୁଆମାନେ ଏବଂ ତାଙ୍କୁ ପୌଷ୍ଟିକ ଭୋଜନ ତଥା ଗୁଣବତାପୂର୍ଣ୍ଣ ଶିକ୍ଷାର ଉପଲବ୍ଧତା ସୁନିଶ୍ଚିତ କରିବା ଅତ୍ୟନ୍ତ ଆବଶ୍ୟକ । ରାଷ୍ଟ୍ରପତି ମୁର୍ମୁ ମଙ୍ଗଳବାର ଦିନ ଅକ୍ଷୟ ପାତ୍ର ଫାଉଣ୍ଡେସନ ଦ୍ୱାରା ପାଂଚ ଆରବ ଭୋଜନ ପରସିବାର ଉପଲବ୍ଧି ଉପଲକ୍ଷେ ରାଷ୍ଟ୍ରପତି ଭବନ ସାଂସ୍କୃତିକ କେନ୍ଦ୍ରରେ ଆୟୋଜିତ କାର୍ଯ୍ୟକ୍ରମକୁ ସମ୍ବୋଧିତ କରି ଏହି କଥା କହିଛନ୍ତି । ସେ କହିଛନ୍ତି ଯେ ଭାରତ ସରକାର ଗର୍ଭବତୀ ମହିଳାମାନେ ଏବଂ ଶିଶୁଙ୍କୁ ଉତ୍କୃଷ୍ଟ ପୋଷଣ ଏବଂ ସ୍ୱାସ୍ଥ୍ୟ ସେବା ଉପଲବ୍ଧ କରାଇବା ପାଇଁ କେତେକ ମହତ୍ୱପୂର୍ଣ୍ଣ ଦିଗ ଆରମ୍ଭ କରିଛି । ପିଏମ୍ ପୋଷଣରେ ଚାଲୁଥିବା ସ୍କୁଲ ମଧ୍ୟାହ୍ନ ଭୋଜନ କାର୍ଯ୍ୟକ୍ରମ ଅଭିଭାବକଙ୍କ ପାଇଁ ଛୁଆଙ୍କୁ ସ୍କୁଲ ପଠାଇବାର ଏକ ମହତ୍ୱପୂର୍ଣ୍ଣ ପ୍ରୋତ୍ସାହନ ପ୍ରମାଣ ହୋଇଛି । କେତେକ ଅଧ୍ୟୟନରୁ ଏହା ସ୍ପଷ୍ଟ ହୋଇଛି ଯେ ଏହି ଯୋଜନାରେ ଶିଶୁଙ୍କ ନାମାଙ୍କନ, ଉପସ୍ଥିତି ଏବଂ ସ୍କୁଲରେ ରହିବା ରେଟ୍‌ରେ ବୃଦ୍ଧି ହୋଇଛି, ଏହାସହ ତାଙ୍କର ଶିଖିବାର କ୍ଷମତା ଏବଂ ଶୈକ୍ଷଣିକ ପ୍ରଦର୍ଶନରେ ମଧ୍ୟ ସୁଧାର ହୋଇଛି । ରାଷ୍ଟ୍ରପତି କହିଛନ୍ତି ଯେ ଅକ୍ଷୟ ପାତ୍ର ଫାଉଣ୍ଡେସନ ସମଗ୍ର ଶିକ୍ଷା ଅଭିଯାନର ଉଦ୍ଦେଶ୍ୟକୁ ଆଗକୁ ବଢ଼ାଇବାରେ ମହତ୍ୱପୂର୍ଣ୍ଣ ଭୂମିକା ନେଇଛି, ଯାହାର ଲକ୍ଷ୍ୟ ୨୦୩୦ ପର୍ଯ୍ୟନ୍ତ ସମସ୍ତ ଶିଶୁଙ୍କୁ ସମାବେଶୀ ଏବଂ ଗୁଣବତାପୂର୍ଣ୍ଣ ଶିକ୍ଷା ପ୍ରଦାନ କରିବା । ସେ ପାଂଚ ଆରବ ଭୋଜନ ଉପଲବ୍ଧ କରାଇବାର ଉପଲବ୍ଧିକୁ ପ୍ରଶଂସା କରି କହିଛନ୍ତି ଯେ କାର୍ଯ୍ୟକ୍ରମର ଥିମ୍ ପୋଷିତ ଏବଂ ଶିକ୍ଷିତ ଭାରତରେ ବିକଶିତ ଭାରତ ଆମର ରାଷ୍ଟ୍ରୀୟ ସଂକଳ୍ପ ବିକଶିତ ଭାରତ ୨୦୪୭କୁ ସାକାର କରିବାରେ ପୋଷଣ ଏବଂ ଶିକ୍ଷାର ମୁଖ୍ୟ ଭୂମିକାକୁ ଦର୍ଶାଏ ।

## ଏକାଧିକ ସ୍ୱତନ୍ତ୍ର ଟ୍ରେନକୁ ନିୟମିତ ଏକ୍ସପ୍ରେସରେ ପରିଣତ କଲା ଭାରତୀୟ ରେଳବାଇ



ଭୁବନେଶ୍ୱର : ବର୍ଦ୍ଧିତ ଯାତ୍ରୀ ଚାହିଦାକୁ ଦୃଷ୍ଟିରେ ରଖି ଏବଂ ଯାତ୍ରୀମାନଙ୍କୁ ନିରନ୍ତର ଓ ସୁବିଧାଜନକ ଯାତ୍ରା ସେବା ଯୋଗାଇବା ଉଦ୍ଦେଶ୍ୟରେ, ଭାରତୀୟ ରେଳବାଇ ପୂର୍ବରୁ ସ୍ୱତନ୍ତ୍ର (ସ୍ପେଶାଲ୍) ଟ୍ରେନ୍ ଭାବରେ ଚାଲୁଥିବା କିଛି ଟ୍ରେନକୁ ନିୟମିତ କରିବା ପାଇଁ ଅନୁମୋଦନ କରିଛି । ଏହା ଦ୍ୱାରା ଯାତ୍ରୀମାନେ ଅଧିକ ସୁବିଧା, ସ୍ଥିରତା ଓ ନିର୍ଭରଯୋଗ୍ୟ ରେଳ ସେବାର ଲାଭ ଉଠାଇପାରିବେ । ସେହି ଟ୍ରେନ ଗୁଡିକ ହେଲା : ଟ୍ରେନ ନମ୍ବର ୦୨୮୩୨/୦୨୮୩୧ ଭୁବନେଶ୍ୱର-ଧାନବାଦ-ଭୁବନେଶ୍ୱର ସ୍ପେଶାଲ୍ ଏବେ ଟ୍ରେନ ନମ୍ବର ୧୮୪୦୩/୧୮୪୦୪ ଭୁବନେଶ୍ୱର-ଧାନବାଦ-ଭୁବନେଶ୍ୱର ଏକ୍ସପ୍ରେସ୍ ଭାବରେ ଚଳାଚଳ କରିବ । ସେହିପରି, ଟ୍ରେନ ନମ୍ବର ୦୮୪୩୯/୦୮୪୪୦ ପୁରୀ-ପାଟନା-ପୁରୀ ସ୍ପେଶାଲ୍ ଏବେ ଟ୍ରେନ ନମ୍ବର ୧୮୪୦୫/୧୮୪୦୬ ପୁରୀ-ପାଟନା-ପୁରୀ ଏକ୍ସପ୍ରେସ୍ ଭାବରେ ଚଳାଚଳ କରିବ । ଟ୍ରେନ୍ ନମ୍ବର ୦୮୫୮୩/୦୮୫୮୪ ବିଶାଖାପାଟଣା-ତିରୁପତି-ବିଶାଖାପାଟଣା ସ୍ପେଶାଲ୍ ଏବେ ଟ୍ରେନ୍ ନମ୍ବର ୧୮୫୦୭/୧୮୫୦୮ ବିଶାଖାପାଟଣା-ତିରୁପତି-ବିଶାଖାପାଟଣା ଏକ୍ସପ୍ରେସ୍ ଭାବରେ ଚଳାଚଳ କରିବ । ଟ୍ରେନ୍ ନମ୍ବର ୦୮୫୮୧/୦୮୫୮୨ ବିଶାଖାପାଟଣା-ଏସଏମଭିଟି ବେଙ୍ଗାଲୁରୁ-ବିଶାଖାପାଟଣା ସ୍ପେଶାଲ୍ ଏବେ ଟ୍ରେନ୍ ନମ୍ବର ୧୮୫୦୯/୧୮୫୧୦ ବିଶାଖାପାଟଣା-ଏସଏମଭିଟି ବେଙ୍ଗାଲୁରୁ-ବିଶାଖାପାଟଣା ଏକ୍ସପ୍ରେସ୍ ଭାବରେ ଚଳାଚଳ କରିବ ।

## ପଶ୍ଚିମ ଏସିଆରେ ସାମ୍ପ୍ରତିକ ଘଟଣାକ୍ରମ ଉପରେ ଆନ୍ତଃମନ୍ତ୍ରଣାଳୟ ସାମ୍ବାଦିକ ସମ୍ମିଳନୀ

ନୂଆଦିଲ୍ଲୀ : ପଶ୍ଚିମ ଏସିଆର ଘଟଣାକ୍ରମ ଉପରେ ଆନ୍ତଃମନ୍ତ୍ରଣାଳୟ ସାମ୍ବାଦିକ ସମ୍ମିଳନୀ ଆଜି ନୂଆଦିଲ୍ଲୀସ୍ଥିତ ନେସନାଲ ମିଡିଆ ସେଂଟର ଠାରେ ଅନୁଷ୍ଠିତ ହୋଇଛି । ପରିସ୍ଥିତିର ପରିବର୍ତ୍ତନ ଉପରେ ସଦ୍ୟତମ ସୂଚନା ପ୍ରଦାନ କରିବା ପାଇଁ ଏପରି ସାମ୍ବାଦିକ ସମ୍ମିଳନୀ ନିୟମିତ ଭାବରେ କରାଯାଉଛି । ଆଜିର କାର୍ଯ୍ୟକ୍ରମରେ, ପେଟ୍ରୋଲିୟମ୍ ଏବଂ ପ୍ରାକୃତିକ ବାଷ୍ପ, ବନ୍ଦର, ଜାହାଜ ଚଳାଚଳ ଓ ଜଳପଥ ଏବଂ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଇନ୍ଧନ ଯୋଗାଣ, ସାମୁଦ୍ରିକ କାର୍ଯ୍ୟକଳାପ, ଯୁଦ୍ଧ ପ୍ରଭାବିତ ଅଂଚଳରେ ଭାରତୀୟ ନାଗରିକଙ୍କ ସ୍ଥିତି ଏବଂ ଅନ୍ୟାନ୍ୟ ସୂଚନା ପ୍ରଦାନ କରାଯାଇଥିଲା । ହର୍ମୁଜ୍ ପ୍ରଣାଳୀ ସମ୍ବନ୍ଧୀୟ ପରିସ୍ଥିତିକୁ ଦୃଷ୍ଟିରେ ରଖି ପେଟ୍ରୋଲିୟମ୍ ଏବଂ ପ୍ରାକୃତିକ ବାଷ୍ପ ମନ୍ତ୍ରଣାଳୟ ବର୍ତ୍ତମାନର ଇନ୍ଧନ ଯୋଗାଣ ସ୍ଥିତି, ପେଟ୍ରୋଲିୟମ୍ ଉତ୍ପାଦ ଏବଂ ଏଲପିଜିର ନିରନ୍ତର ଉପଲବ୍ଧତା ସୁନିଶ୍ଚିତ କରିବା ପାଇଁ ପଦକ୍ଷେପ ବିଷୟରେ ସୂଚନା ଦେଇଥିଲା । ମନ୍ତ୍ରଣାଳୟ କହିଛି: ଅଶୋଧିତ ତୈଳ ଏବଂ ତୈଳ ବିଶୋଧନାଗାର ସମସ୍ତ ତୈଳ ବିଶୋଧନାଗାର ଉଚ୍ଚ କ୍ଷମତା ସହିତ କାର୍ଯ୍ୟ କରୁଛି ଏବଂ ପର୍ଯ୍ୟାପ୍ତ ଅଶୋଧିତ ତୈଳ ମହଜୁଦ ରଖାଯାଇଛି । ଭାରତ ପେଟ୍ରୋଲ ଏବଂ ଡିଜେଲ ଉତ୍ପାଦନରେ ସ୍ୱାବଲମ୍ବୀ ରହିଛି ଏବଂ ଘରୋଇ ଚାହିଦା ପୂରଣ କରିବା ପାଇଁ କୌଣସି ଆମଦାନୀ ଆବଶ୍ୟକ ନାହିଁ । ଖୁଚୁରା ବିକ୍ରୟ କେନ୍ଦ୍ର-ତୈଳ ବିପଣନ କମ୍ପାନୀଗୁଡ଼ିକ ଦ୍ୱାରା ଖୁଚୁରା ଦୋକାନରେ ଇନ୍ଧନ ଶୁଖିଯିବାର କୌଣସି ମାମଲା ରିପୋର୍ଟ କରାଯାଇ ନାହିଁ । ପେଟ୍ରୋଲ ଏବଂ ଡିଜେଲର ଯୋଗାଣ ନିୟମିତ ଭାବରେ ଜାରି ରହିଛି । ପର୍ଯ୍ୟାପ୍ତ ଷ୍ଟକ୍ ଉପଲବ୍ଧ ଥିବାରୁ ନାଗରିକମାନଙ୍କୁ ଭୟଭୀତ ହୋଇ କିଣାକିଣି ନ କରିବାକୁ ପରାମର୍ଶ ଦିଆଯାଇଛି । ପ୍ରାକୃତିକ ବାଷ୍ପ- ପ୍ରାଥମିକତା କ୍ଷେତ୍ରଗୁଡ଼ିକ ସଂରକ୍ଷିତ ଗ୍ୟାସ୍ ଯୋଗାଣ ପାଉଛନ୍ତି, ଯେଉଁଥିରେ ପିଏନଜି ଏବଂ ସିଏନଜିର ଶତପ୍ରତିଶତ ଯୋଗାଣ ଅନ୍ତର୍ଭୁକ୍ତ । ଶିଳ୍ପ ଏବଂ ବାଣିଜ୍ୟିକ ଗ୍ରାହକମାନଙ୍କୁ ନିୟନ୍ତ୍ରିତ ଭାବେ ପ୍ରାୟ ୮୦% ଯୋଗାଣ କରାଯାଉଛି ।

ସହରାଂଚଳରେ ବାଣିଜ୍ୟିକ ଏଲପିଜି ଗ୍ରାହକମାନଙ୍କୁ ପାଇପ୍ ପ୍ରାକୃତିକ ଗ୍ୟାସ୍ ଗ୍ରହଣ କରିବାକୁ ଉତ୍ସାହିତ କରାଯାଉଛି, ଏବଂ ହୋଟେଲ, ରେଷ୍ଟୋରାଁ, ହସ୍ପିଟାଲ ଏବଂ ଛାତ୍ରାବାସ ଭଳି ପ୍ରତିଷ୍ଠାନଗୁଡ଼ିକ ଅନୁମୋଦିତ ସହର ଗ୍ୟାସ୍ ବଂଟନ ସଂସ୍ଥାଗୁଡ଼ିକରୁ ପିଏନଜି ସଂଯୋଗ ପାଇପାରିବେ । ଇନ୍ଦ୍ରପ୍ରସ୍ଥ ଗ୍ୟାସ୍ ଲିମିଟେଡ୍ (ଆଇଜିଏଲ), ମହାନଗର ଗ୍ୟାସ୍ ଲିମିଟେଡ୍ (ଏମଜିଏଲ), ଗେଲ୍ ଗ୍ୟାସ୍ ଏବଂ ଭାରତ ପେଟ୍ରୋଲିୟମ୍ କର୍ପୋରେସନ୍ ଲିମିଟେଡ୍ (ବିପିସିଏଲ) ସମେତ ସହର ଗ୍ୟାସ୍ ବଂଟନ କମ୍ପାନୀଗୁଡ଼ିକ ଘରୋଇ ଏବଂ ବାଣିଜ୍ୟିକ ପିଏନଜି ସଂଯୋଗ ପାଇଁ ପ୍ରୋତ୍ସାହନ ପ୍ରଦାନ କରିଛନ୍ତି ।ସହର ଗ୍ୟାସ୍ ବଂଟନ (ସିଜିଡି) ନେଟୱାର୍କକୁ ବିସ୍ତାର କରୁଛନ୍ତି ଏବଂ ରାଜ୍ୟ ଓ କେନ୍ଦ୍ରଶାସିତ ଅଂଚଳଗୁଡ଼ିକୁ ପାଇପଲାଇନ୍ ବିଛାଇବା ଆବେଦନଗୁଡ଼ିକର ଅନୁମୋଦନକୁ ତ୍ୱରାନ୍ୱିତ କରିବା ଏବଂ ସ୍ୱୟଂଚାଳିତ ପରମିଟ୍ ପ୍ରଦାନ କରିବା ସହିତ ରାସ୍ତା ମରାମତି ଏବଂ ଅନୁମତି ଫି ଛାଡ କରିବା, କାର୍ଯ୍ୟ ସର୍ତ୍ତାବଳୀକୁ ଶିଥିଳ କରିବା ଏବଂ ଦ୍ରୁତ କାର୍ଯ୍ୟାନ୍ୱୟନରେ ସହାୟତା କରିବ ॥

## ଓଡ଼ିଶା ଦିବସ ଉପଲକ୍ଷେ ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ

ଭୁବନେଶ୍ୱର : ଓଡ଼ିଶା ଦିବସ ୨୦୨୬ ପାଳନ ଉପଲକ୍ଷେ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ମଙ୍ଗଳବାର ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ନୂଆଦିଲ୍ଲୀ ସମେତ କୋଲକାତା, ମୁମ୍ବାଇ, ଚେନ୍ନାଇ, ରାଜ୍ୟ ମୁଖ୍ୟାଳୟ ଭୁବନେଶ୍ୱର, ସମସ୍ତ ରାଜସ୍ୱ ଆୟୁକ୍ତ, ଜିଲ୍ଲା ଓ ଉପଖଣ୍ଡସ୍ତରରେ ଓଡ଼ିଶା ଦିବସକୁ ଆନନ୍ଦ, ଉଲ୍ଲାସ ଓ ଆକର୍ଷଣୀୟ ଭାବରେ ମହା ସମାରୋହରେ ପାଳନ କରିବାକୁ ମୁଖ୍ୟ ଶାସନ ସଚିବ ଆବଶ୍ୟକ ନିର୍ଦ୍ଦେଶ ଓ ପରାମର୍ଶ ଦେଇଛନ୍ତି । ବୈଠକରେ ରାଜ୍ୟ ଗୃହ, ଶିଳ୍ପ, ସୂଚନା ଓ ଲୋକସଂପର୍କ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା ଯୋଗ ଦେଇ ପ୍ରସ୍ତୁତି ସଂପର୍କରେ ଉପସ୍ଥାପନ କରିଥିଲେ । ଓଡ଼ିଶା ଦିବସ ଏପ୍ରିଲ ୧ ତାରିଖ ସଂଧାରେ ରାଜ୍ୟସ୍ତରୀୟ ଉତ୍ସବ ଜୟଦେବ ଭବନଠାରେ ଅନୁଷ୍ଠିତ ହେବ ।



ଜୟଦେବ ଭବନଠାରେ ଏହି ପରିପ୍ରେକ୍ଷୀରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ସଂପର୍କିତ ଫଟୋଚିତ୍ର ପ୍ରଦର୍ଶନୀ ଅନୁଷ୍ଠିତ ହେବ । ରାଜ୍ୟସ୍ତରୀୟ ଉତ୍ସବରେ ଆୟୋଜିତ ସାଧାରଣ ସଭାରେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ସମେତ ଅନ୍ୟ ବିଶିଷ୍ଟ ଅତିଥ୍ୟାମାନଙ୍କୁ ଯୋଗଦେବା ପାଇଁ ଅନୁରୋଧ କରାଯିବ । ଉତ୍ସବରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ କୃତିତ୍ୱ ହାସଲ କରିଥିବା ଦିବ୍ୟାଙ୍ଗ ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯିବ ଏବଂ ଏହି ଉପଲକ୍ଷେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବ । ସୂଚନା ଓ ଲୋକ ସଂପର୍କ ବିଭାଗ ପକ୍ଷରୁ ଉତ୍କଳ ପ୍ରସଙ୍ଗ ଓଡ଼ିଶା ରିଭ୍ୟୁ ସ୍ୱତନ୍ତ୍ର ସଂଖ୍ୟା ଉନ୍ମୋଚନ ସହ ରାଜ୍ୟ ସରକାରଙ୍କ ଉନ୍ନୟନମୂଳକ ଯୋଜନା ଓ କାର୍ଯ୍ୟକ୍ରମକୁ ନେଇ ପ୍ରକାଶ ପାଉଥିବା ପତ୍ରିକା 'ପ୍ରଗତି ପ୍ରବାହ' ର ୩ୟ ସଂସ୍କରଣ ଉନ୍ମୋଚନ ହେବ । ଜୟଦେବ ଭବନରେ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ତରଫରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଦିବସ ପାଳନ ଉପଲକ୍ଷେ ବିଭିନ୍ନ ସ୍ଥାନରେ ଓଡ଼ିଶାର ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ଭୁବନେଶ୍ୱର ମହାନଗର ନିଗମ ଅଂଚଳରେ ଦେଶାତ୍ମବୋଧକ ସଂଗୀତ ବାଦନ, ବିଭିନ୍ନ ସରକାରୀ ଓ ରାଷ୍ଟ୍ରାୟତ ଉଦ୍ୟୋଗ ସୌଧଗୁଡ଼ିକର ଆଲୋକୀକରଣ, ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତି ସଫେଇ ଓ ମାଲ୍ୟାର୍ପଣ ନେଇ ଆଲୋଚନା କରାଯାଇଥିଲା ।

## ପୋଷ୍ୟ ସନ୍ତାନ ଗ୍ରହଣ କରୁଥିବା ଜନନୀ ପାଇବେ ମାତୃତ୍ୱକାଳୀନ ଛୁଟି : ସୁପ୍ରିମକୋର୍ଟ

ନୂଆଦିଲ୍ଲୀ: ଭାରତର ସର୍ବୋଚ୍ଚ ନ୍ୟାୟାଳୟ ପ୍ରସୂତି ଛୁଟି ସମ୍ପର୍କରେ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଜାରି କରିଛନ୍ତି । ତାଙ୍କ ରାୟରେ, କୋର୍ଟ କହିଛନ୍ତି ଯେ ଯଦି ଜଣେ ମହିଳା ୩ ମାସ କିମ୍ବା ତା'ଠାରୁ ଅଧିକ ବୟସର ଶିଶୁକୁ ପୋଷ୍ୟ ସନ୍ତାନ ଭାବରେ ଗ୍ରହଣ କରନ୍ତି, ତେବେ ତାଙ୍କୁ ମଧ୍ୟ ମାତୃତ୍ୱ ଛୁଟି ପ୍ରଦାନ କରାଯିବ । ଏହି ନିଷ୍ପତିକୁ ପୋଷ୍ୟ ସନ୍ତାନ ଗ୍ରହଣ କରୁଥିବା ପିତାମାତାଙ୍କ ପାଇଁ ଏକ ଆଶ୍ୱସ୍ତି ଭାବରେ ବିବେଚନା କରାଯାଉଛି । ସୁପ୍ରିମକୋର୍ଟଙ୍କ ଏହି ରାୟ ପୂର୍ବରୁ, ନିୟମ ଥିଲା ଯେ ଯଦି ଶିଶୁଟି ୩ ମାସରୁ ଅଧିକ ବୟସର ହୋଇଥାଏ, ତେବେ ପୋଷ୍ୟ ସନ୍ତାନ ଗ୍ରହଣ କରୁଥିବା ମା' ଏହି ସୁବିଧା ପାଇବାକୁ ହକଦାର ନଥିଲେ । ପୂର୍ବରୁ କେବଳ ୧୨ ସପ୍ତାହ ଛୁଟି ଉପଲବ୍ଧ ଥିଲା । ଏବେ, କୋର୍ଟ ସ୍ପଷ୍ଟ କରିଛନ୍ତି ଯେ ଏପରି ମହିଳାଙ୍କୁ ମାତୃତ୍ୱ ଛୁଟି ମନା କରାଯାଇପାରିବ ନାହିଁ ।



ସୁପ୍ରିମକୋର୍ଟ ତାଙ୍କ ରାୟରେ କହିଛନ୍ତି ଯେ ଜଣେ ପୋଷ୍ୟ ସନ୍ତାନ ଏକ ଜୈବିକ ଶିଶୁଠାରୁ ଭିନ୍ନ ନୁହେଁ । ଏହି ଆଇନ ପୋଷ୍ୟ ସନ୍ତାନ ଗ୍ରହଣ କରିଥିବା ମା'ମାନଙ୍କୁ କେବଳ ଯଦି ସେମାନେ ୩ ମାସରୁ କମ୍ ବୟସର ଶିଶୁକୁ ପୋଷ୍ୟ ସନ୍ତାନ ଭାବରେ ଗ୍ରହଣ କରନ୍ତି ତେବେ ସେମାନଙ୍କୁ ମାତୃତ୍ୱ ସୁବିଧା ପାଇବାକୁ ଅନୁମତି ଦିଏ । ମାତୃତ୍ୱ ଛୁଟି ମାନବାଧିକାରର ଏକ ଗୁରୁତ୍ୱପୂର୍ଣ୍ଣ ଦିଗ । ସୁପ୍ରିମକୋର୍ଟ କହିଛନ୍ତି ଯେ ମାତୃତ୍ୱ ସୁରକ୍ଷା ଏକ ମୌଳିକ ମାନବାଧିକାର ଏବଂ ପ୍ରତ୍ୟେକ ଯୋଗ୍ୟ ଶିଶୁ ପାଇଁ ଉପଲବ୍ଧ ହେବା ଉଚିତ । ସୁପ୍ରିମକୋର୍ଟଙ୍କ ଏହି ନିଷ୍ପତି ପୋଷ୍ୟ ଗ୍ରହଣକାରୀ ମହିଳା ଏବଂ ସେମାନଙ୍କ ପରିବାର ପାଇଁ ଆଶ୍ୱସ୍ତି । ଏହାର ଅର୍ଥ ହେଉଛି ଯେ ପୋଷ୍ୟ ଗ୍ରହଣକାରୀ ମା'ମାନେ ଏବେ ସେମାନଙ୍କର ପିଲାମାନଙ୍କର ଯତ୍ନ ନେବା ପାଇଁ ପୂର୍ଣ୍ଣ ଅଧିକାର ଏବଂ ସମୟ ପାଇବେ । ପୁରୁଣା କଟକଣା ଆଉ ପ୍ରଯୁଜ୍ୟ ହେବ ନାହିଁ । ବର୍ତ୍ତମାନ, ଯଦିଓ ପିଲାଟି ତିନି ମାସରୁ ଅଧିକ ବୟସର ହୋଇଥାଏ, ମା'ଙ୍କୁ ପୂର୍ଣ୍ଣ ମାତୃତ୍ୱ ଛୁଟି ପ୍ରଦାନ କରାଯିବ । ସୁପ୍ରିମକୋର୍ଟ ମାତୃତ୍ୱ ଛୁଟି ସମ୍ପର୍କରେ ତାଙ୍କର ନିଷ୍ପତି ଜାରି କରିଛନ୍ତି । ତଥାପି, ଏହା ପିତୃତ୍ୱ ଛୁଟି ପ୍ରସଙ୍ଗକୁ ସରକାରଙ୍କ ହାତକୁ ଟେକିଦେଇଛନ୍ତି । ତାଙ୍କ ନିଷ୍ପତିରେ, କୋର୍ଟ କହିଛନ୍ତି ଯେ ସରକାର ଏବେ ପିତୃତ୍ୱ ଛୁଟି ପାଇଁ ନୂତନ ନିୟମ ଏବଂ କ'ଣ ପରିବର୍ତ୍ତନ କରାଯିବା ଉଚିତ ତାହା ନିଷ୍ପତି ନେବେ ।

## ଆଇପିଏଲ ନେଇ ବିସିସିଆଇ ଜାରି କଲା କଡ଼ା ନିୟମ



ନୂଆଦିଲ୍ଲୀ: ଆଇପିଏଲ ୨୦୨୬ ସିଜନ ଆରମ୍ଭ ହେବା ପୂର୍ବରୁ ବିସିସିଆଇ ଶୃଙ୍ଖଳିତ ଭାବେ ଏହାକୁ ଆୟୋଜନ କରିବା ପାଇଁ କେତେକ କଠୋର ନିୟମ ଜାରୀ କରିଛି । ଫ୍ରାଂଚାଇଜ ୨ଟି ଅଭ୍ୟାସ ମ୍ୟାଚରୁ ଅଧିକ ଖେଳିପାରିବ ନାହିଁ । ଅଧିକ ଖେଳିବାକୁ ହେଲେ ବିସିସିଆଇଠାରୁ ଅନୁମତି ନେବାକୁ ପଡିବ । ଯଦି ବିସିସିଆଇ ରାଜି ହୁଏ ତେବେ ମଧ୍ୟ ମୁକାବିଲା ହେବାକୁ ଥିବା ପିଚରେ ଏହା ଆୟୋଜିତ ହେବନି । ଫ୍ଲଡଲାଇଟ୍ସରେ ଅଭ୍ୟାସ ମ୍ୟାଚ ଖେଳାଗଲେ ଏହା ୩ଘଂଟା ୩୦ ମିନିଟରୁ ଅଧିକ ସମୟ ହେବନି । ବିରୋଧୀ ଟିମ ବ୍ୟବହାର କରିଥିବା ନେଟ୍ସ ଓ ପିଚ ଅନ୍ୟ କୌଣସି ଟିମ ବ୍ୟବହାର କରିପାରିବ ନାହିଁ । ଫ୍ରାଂଚାଇଜ ଟିମ ଘରୋଇ ମ୍ୟାଚର ୪ ଦିନ ପୂର୍ବରୁ ମୁଖ୍ୟ ପିଚ ଉପରେ କୌଣସି ଅଭ୍ୟାସ କରିବା ପାଇଁ ଅନୁମତି ଦିଆଯିବନି । ଯଦି ଆବଶ୍ୟକ ହୁଏ ବିକଳ୍ପ ଗ୍ରାଉଣ୍ଡର ବ୍ୟବସ୍ଥା କରାଯିବ । ବିସିସିଆଇ ଆଇପିଏଲକୁ ସମ୍ପୂର୍ଣ୍ଣ ନିରପେକ୍ଷ ଭାବେ କରିବାକୁ ଚାହିଁଛି । ପୂର୍ବରୁ ଘରୋଇ ପରିବେଶରେ ମ୍ୟାଚ ଖେଳାଯିବାରେ ପକ୍ଷପାତିତା ହୋଇଥିବା ଅଭିଯୋଗ ହୋଇଥିଲା । ମ୍ୟାଚର କ୍ୱାଲିଟି ମଧ୍ୟ ପ୍ରଭାବିତ ହୋଇଥିଲା । ବିସିସିଆଇ ଉଭୟ ଦଳକୁ ଯେପରି ସମାନ ସୁଯୋଗ ମିଳିବ ସେ ନେଇ ଏହି ଗାଇଡଲାଇନ ଜାରୀ କରିଛି ।

## ଆକ୍ରୋପଲିସ ଓପନ୍ ଉସୁ ପ୍ରତିଯୋଗିତାରେ ସାବିନୀଙ୍କୁ ସ୍ୱର୍ଣ୍ଣ ଓ ମଞ୍ଜୁ ରୌପ୍ୟ



ଭୁବନେଶ୍ୱର: ଗ୍ରିସ୍‌ରେ ଆୟୋଜିତ ଷଷ୍ଠ ଅକ୍ରୋପଲିସ ଇଂଟରନ୍ୟାସ୍‌ନାଲ୍ ଉସୁ ଓପନ୍ ପ୍ରତିଯୋଗିତାରେ ଓଡ଼ିଶା ଖେଳାଳି ଗୋଟିଏ ଲେଖାଏଁ ସ୍ୱର୍ଣ୍ଣ ଓ ରୌପ୍ୟ ପଦକ କରାୟତ କରିଛନ୍ତି । ୧୪ ବର୍ଷରୁ କମ୍ ମହିଳା ଉସୁ ସାଣ୍ଡା ୩୯ କେଜି ବର୍ଗରେ ସାବିନୀ ପ୍ରଥମ ସ୍ଥାନରେ ରହି ସ୍ୱର୍ଣ୍ଣ ପଦକ ଜିତିଥିଲେ । ସେହିଭଳି ମହିଳା ସାଣ୍ଡା ୪୮ କେଜି ବର୍ଗରେ ମଞ୍ଜୁ ରୌପ୍ୟ ପାଇଥିଲେ । ଏହି ୨ ପଦକ ସହ ଏହି ପ୍ରତିଯୋଗିତାରେ ଭାରତକୁ ମୋଟ ୨୪ ପଦକ ମିଳିଛି । ଏଥିରେ ୭ ସ୍ୱର୍ଣ୍ଣ, ୯ ରୌପ୍ୟ ଓ ୮ କାଂସ୍ୟ ରହିଛି । ଗତ ସଂସ୍କରଣରେ ଭାରତ ଏହି ପ୍ରତିଯୋଗିତାରେ ୯ ସ୍ୱର୍ଣ୍ଣ, ୮ ରେ ?ପ୍ୟ ଓ ୫ କାଂସ୍ୟ ସହ ମୋଟ ୨୨ ପଦକ ଜିତିଥିଲା ।

## ଅଭିଷେକ ଶର୍ମା ହୋଇ ପାରନ୍ତି ସନରାଇଜର୍ସ ହାଇଦ୍ରାବାଦର ଅଧିନାୟକ

ହାଇଦ୍ରାବାଦ: ଆଇପିଏଲ ୨୦୨୬ ସିଜନରେ ଅଭିଷେକ ଶର୍ମାଙ୍କୁ ବଡ ଦାୟିତ୍ୱ ମିଳିବା ନେଇ ରିପୋର୍ଟ ପ୍ରକାଶ ପାଇଛି । ଦଳର ଅଧିନାୟକ ଦାୟିତ୍ୱ ପ୍ୟାଟ କୁମିନ୍ସଙ୍କ ହାତରେ ଥିଲା । ପିଠି ସମସ୍ୟା ଯୋଗୁ ସେ ଏବେ ମେଡିକାଲ ଟିମଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧନରେ ଅଛନ୍ତି । ମାର୍ଚ୍ଚ ୨୮ରୁ ଆଇପିଏଲ ଆରମ୍ଭ ହେବ । ସେ ସମୟରେ କୁମିନ୍ସଙ୍କ ଖେଳିବା ସମ୍ଭବପର ମନେ ହେଉନି । ଏହାକୁ ଆଖି ଆଗରେ ରଖି ଫ୍ରାଂଚାଇଜର ବିସ୍ଫୋରକ ବ୍ୟାଟ୍ସମ୍ୟାନ ଅଭିଷେକଙ୍କୁ ଅଧିନାୟକ ଦାୟିତ୍ୱ ଦେବା ପାଇଁ ବିଚାର କରୁଛି । କୁମିନ୍ସ ଦଳ ସହିତ ଯୋଗ ଦେବା ପର୍ଯ୍ୟନ୍ତ ଅଭିଷେକ ଦଳର ନେତୃତ୍ୱ ନେବେ । ତେବେ ହାଇଦ୍ରାବାଦ ପକ୍ଷରୁ ଏ ନେଇ କୌଣସି ବୟାନ ଜାରୀ କରାଯାଇ ନାହିଁ । ଅଭିଷେକ ୭୭ ଆଇପିଏଲ ମ୍ୟାଚରେ ୧୮୧୬ ରନ ସଂଗ୍ରହ କରିଛନ୍ତି । ସେ ୧୬୦ରୁ ଅଧିକ ଷ୍ଟ୍ରାଇକ ରେଟରେ ରନ ସଂଗ୍ରହ କରିଛନ୍ତି । ଏଥିରେ ୧ ଶତକ ଓ ୯ ଅର୍ଦ୍ଧଶତକ ସାମିଲ । ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁର ବିପକ୍ଷରେ ସନରାଇଜର୍ସ ହାଇଦ୍ରାବାଦ ତାର ଅଭିଯାନ ଆରମ୍ଭ କରିବ । ଏହି ମ୍ୟାଚ ମାର୍ଚ୍ଚ ୨୮ରେ ଖେଳାଯିବ ।



Printed & Published by **Kishore Das**, Owner & Editor **Nirmalya Mohanty** & Printed at **Nirmalya Offset Press**, Neliabag, Balasore & Published at Balasore, Gopalgaon, Balasore, Odisha, Pin-756001, Telefax-262694, Phone-(R)269427, 266035,
Managing Editor- **Laxminarayan Mohanty**, ପରିଚାଳନା ସମ୍ପାଦକ- ଲକ୍ଷ୍ମୀନାରାୟଣ ମହାନ୍ତି
BBSR (Office) Telefax- 0674-2395135, Editor- **Nirmalya Mohanty**, ସମ୍ପାଦକ- **ନିର୍ମାଲ୍ୟ ମହାନ୍ତି**